visit us at
www.paryabekhyak.com

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.276 Bhubaneswar Friday, December 24, 2021 | ୨୪ତମ ବର୍ଷ | ସଂଖ୍ୟା–୨୭୬ | ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୨୪, ୨୦୨୧ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS


## ଏକାଥରେ ୩୩ ଓମିକ୍ରନ ଆକ୍ରାନ୍ତ ଚିହ୍ନଟ, ୨ ଜଣଙ୍କୁ ଛାଡି ସମସ୍ତେ ନେଇଥିଲେ ଡବଲ ଡୋଜ୍




ଚେନ୍ନାଇ,୨୩।୧୨(ପି.ଏନ): ମହାମାରୀ କରୋନାର ମାରାତ୍ମକ ଓମିକ୍ରନ ଭାରିଏଣ୍ଟ ଏବେ ବିସ୍ଫୋରକ ରୂପ ନେଇଛି। ତାମିଲନାଡୁରେ ଆଜି ଏକାଥରେ ୩୩ ଜଣଙ୍କ ଶରୀରରୁ ଓମିକ୍ରନ ଭାରିଏଣ୍ଟ ଠାବ ହେବା ପରେ ସମସ୍ତଙ୍କ ମନରେ ଛନକା ପଶିଛି। ପୂର୍ବରୁ ତାମିଲନାଡୁରେ ଜଣେ ଓମିକ୍ରନ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ହେଲେ ଆଜି ୩୩ ଜଣଙ୍କୁ ମିଶାଇବାରୁ ରାଜ୍ୟରେ ଓମିକ୍ରନ ସଂକ୍ରମିତଙ୍କ ସଂଖ୍ୟା ୩୪ ଛୁଇଁଛି।ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ୩୩ ଜଣ ଓମିକ୍ରନ ଆକ୍ରାନ୍ତଙ୍କ ମଧ୍ୟରୁ କେବଳ ୨ ଜଣଙ୍କୁ ଛାଡି ଦେଲେ ବାକି ସମସ୍ତେ ଟିକାର ଦୁଇଟି ଯାକ ଡୋଜ୍ ନେଇଥିଲେ। ୩୩ ଜଣଙ୍କ ମଧ୍ୟରେ ଦୁଇ ଜଣ ପିଲା ଥିବାରୁ ସେମାନଙ୍କ ଟିକାକରଣ ହୋଇପାରି ନଥିଲା।ତାମିଲନାଡୁ ସ୍ୱାସ୍ଥ୍ୟମନ୍ତ୍ରୀ ମା ସୁବ୍ରମଣିୟନ କହିଛନ୍ତି, ୩୩ ନୂଆ ଓମିକ୍ରନ ଆକ୍ରାନ୍ତଙ୍କ ମଧ୍ୟରୁ ୩୦ ଜଣ ବିଦେଶରୁ ଆସିଥିଲେ। ସେହିପରି ଜଣେ କେରଳରୁ ଫେରିଥିବା ବେଳେ ବାକି ୨ ଜଣ ତାମିଲନାଡୁରେ ହିଁ ରହିଥିଲେ। ତେବେ କୌଣସି ସଂକ୍ରମିତଙ୍କ ଶରୀରରେ ବଡ ଲକ୍ଷଣ ଦେଖାଯାଇନି।କେବଳ କିଛି ଲୋକଙ୍କ ଗଳାରେ ସମସ୍ୟା ଥିବା ରିପୋର୍ଟ ମିଳିଛି। ରାଜ୍ୟର ପ୍ରଥମ ଓମିକ୍ରନ ଆକ୍ରାନ୍ତ ସଂସ୍ପର୍ଶରେ ଆସି କିଛି ଲୋକ ଏହି ମାରାତ୍ମକ ଭାରିଏଣ୍ଟରେ ସଂକ୍ରମିତ ହୋଇଛନ୍ତି। ପ୍ରଥମ ବ୍ୟକ୍ତି ଜଣଙ୍କ ନାଇଜେରିଆରୁ ଫେରିବା ପରେ ଓମିକ୍ରନରେ ଆକ୍ରାନ୍ତ ହୋଇଥିବା ଜଣାପଡିଥିଲା ମନ୍ତ୍ରୀ କହିଛନ୍ତି।ଏଯାଏ ବିଦେଶରୁ ଫେରିଥିବା ୧୮,୧୨୯ ଜଣଙ୍କ କରୋନା ଟେଷ୍ଟ କରାଯାଇଥିବା ବେଳେ ୧୧୪ ଜଣଙ୍କ ରିପୋର୍ଟ ପଜିଟିଭ ଆସିଥିଲା। ସମସ୍ତ ପଜିଟିଭ ଆକ୍ରାନ୍ତଙ୍କ ଜେନୋମ ସିକ୍ୱେନ୍ସିଂ କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ୩୩ ଜଣ ଓମିକ୍ରନରେ ଆକ୍ରାନ୍ତ ହୋଇଥିବା ଜଣାପଡିଛି। ଏବେ ବି ୨୩ ଜଣଙ୍କ ରିପୋର୍ଟକୁ ଅପେକ୍ଷା କରାଯାଇଛି। ତାମିଲନାଡୁ ସମେତ ସମଗ୍ର ଦେଶରେ ଏବେ ଓମିକ୍ରନ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଛି। ଏଥିପାଇଁ କେନ୍ଦ୍ର ସରକାର ସବୁ ରାଜ୍ୟଗୁଡିକ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି।

## ରାଜଧାନୀରେ କଟକଣାରେ ପାଳିତ ହେବ ବଡଦିନ

ଭୁବନେଶ୍ୱର, ୨୩।୧୨(ପି.ଏନ): ରାଜ୍ୟରେ ଓମିକ୍ରନ୍ ଆକ୍ରାନ୍ତଙ୍କ ସଂଖ୍ୟା ୪ରେ ପହଂଚିଥିବା ବେଳେ ପର୍ବପର୍ବାଣୀ ପାଳନ ଓ ଲୋକ ଗହଳି ଉପରେ କଟକଣା ଲଗାଇଛି ବିଏମ୍ ସି। ବିଏମ୍‌ସି କମିଶନର ସଞ୍ଜୟ ସିଂ କହିଛନ୍ତି, କୋଭିଡ୍ ଗାଇଡଲାଇନ ଅନୁସାରେ ଖ୍ରୀଷ୍ଟମାସ ପାଳନ କରାଯିବ। ବର୍ତମାନ ସ୍ଥିତିକୁ ଅନୁଧ୍ୟାନ କରି ଆବଶ୍ୟକ ପଦକ୍ଷେପ ନିଆଯିବ। ନୂଆବର୍ଷ ପାଇଁ ରାଜ୍ୟ ସରକାର ଲାଗୁ କରିଥିବା କଟକଣାକୁ କଡ଼ାକଡ଼ି ପାଳନ କରାଯିବ। ବଡ଼ଦିନ ଓ ନୂଆବର୍ଷରେ ଅଧିକ ଗହଳି ହେବାକୁ ଥିବାରୁ ଏହି ଅବସରରେ ଗହଳି ଏଡ଼ାଇବାକୁ ତଥା ସଂକ୍ରମଣ ରୋକିବାକୁ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି କମିଶନର।ସେ ଆହୁରି କହିଛନ୍ତି, ଓଡ଼ିଶାରେ ଓମିକ୍ରନ ଆକ୍ରାନ୍ତଙ୍କ ସଂଖ୍ୟା କମ୍ ଅଛି। ତଥାପି ଏବେଠୁ ବିଏମସି ସତର୍କତାମୂଳକ ପଦକ୍ଷେପ ନେଉଛି। ଗାଇଡଲାଇନ ଅନୁସାରେ ବିଦେଶ ଫେରନ୍ତାଙ୍କ ଉପରେ ନଜର ରଖାଯାଇଛି। ବିଦେଶ ଫେରନ୍ତା ପଜିଟିଭ ଚିହ୍ନଟ ହେଲେ ସେମାନଙ୍କୁ ତୁରନ୍ତ ହସ୍ପିଟାଲରେ ଭର୍ତି କରାଯାଉଛି।

## କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ର ବାର୍ଷିକ ଉତ୍ସବ : ଛାତ୍ର ବିନା ସ୍କୁଲ୍, ଫୁଲ ବିନା ବଗିଚା ସଦୃଶ: ଅଚ୍ୟୁତ ସାମନ୍ତ



ଭୁବନେଶ୍ୱର, ୨୩।୧୨(ପି.ଏନ): ଫୁଲ ବିନା ବଗିଚା ଯେଭଳି ଦେଖାଯାଏ, ଛାତ୍ର ବିନା ଶିକ୍ଷାନୁଷ୍ଠାନ ମଧ୍ୟ ସେହିପରି ହୋଇଥାଏ ବୋଲି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି। ଗୁରୁବାର କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ର ୧୫ତମ ବାର୍ଷିକ ଉତ୍ସବ 'ହୋପ୍'ରେ ଯୋଗଦେଇ ଶ୍ରୀ ସାମନ୍ତ ଏହା କହିଛନ୍ତି। ହାଇବ୍ରିଡ୍ ମୋଡ୍‌ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ କିଟ୍ ଓ କିସ୍ ସଭାପତି ଶାଶ୍ୱତୀ ବଳ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ନିଜ ବକ୍ତବ୍ୟରେ ଶ୍ରୀ ସାମନ୍ତ କହିଲେ, କରୋନା ଯୋଗୁଁ ଚଳିତବର୍ଷ ମଧ୍ୟ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ର ଛାତ୍ରଛାତ୍ରୀ ଓ ଅଭିଭାବକମାନେ ପ୍ରତ୍ୟକ୍ଷ ଭାବେ ବାର୍ଷିକ ଉତ୍ସବରେ ଯୋଗ ଦେଇପାରିନାହାନ୍ତି। ତଥାପି ସ୍କୁଲ୍‌ରେ ଶିକ୍ଷାଦାନ ଜାରି ରହିଛି। କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ସର୍ବଦା ଛାତ୍ର-ପ୍ରିୟ ଓ ଶିକ୍ଷଣ-ପ୍ରିୟ ବ୍ୟବସ୍ଥାକୁ ଗୁରୁତ୍ୱ ଦେଇ ଆସିଛି ବୋଲି ଶ୍ରୀ ସାମନ୍ତ କହିଥିଲେ। କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ହେଉଛି ଦେଶର ପ୍ରଥମ ଅନୁଷ୍ଠାନ ଯାହା କି ତାଲାବନ୍ଦର ପ୍ରଥମ ଦିନରୁ ହିଁ ଛାତ୍ରଛାତ୍ରୀଙ୍କ ପାଇଁ ଅନଲାଇନ୍ ଶିକ୍ଷାଦାନ ବ୍ୟବସ୍ଥା କରିଥିଲା। ଆମେ ସମସ୍ତେ ଜାଣିଛେ ଶ୍ରେଣୀଗୃହ ଶିକ୍ଷା ହେଉଛି ଆନନ୍ଦଦାୟକ ଶିକ୍ଷା। ଏହାର କୌଣସି ବିକଳ୍ପ ନାହିଁ। ତଥାପି କରୋନା ଦୃଷ୍ଟିରୁ ଅନ୍‌ଲାଇନ୍ ଶିକ୍ଷାଦାନ ବ୍ୟବସ୍ଥା କରିବାକୁ ସମସ୍ତେ ବାଧ୍ୟ ହୋଇଛନ୍ତି। କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ର ଛାତ୍ରଛାତ୍ରୀ ଓ ଅଭିଭାବକ, ଶିକ୍ଷକ ଶିକ୍ଷୟିତ୍ରୀ ସମସ୍ତଙ୍କ ସହଯୋଗ ଯୋଗୁଁ ଏହି ଅନ୍‌ଲାଇନ୍ ଶିକ୍ଷାଦାନ ସୁରୁଖୁରୁରେ ଚାଲୁ ରହିଛି। ସେଥିପାଇଁ ସେ ଛାତ୍ରଛାତ୍ରୀ ଓ ଅଭିଭାବକ, ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ। ସ୍ୱାଗତ ଭାଷଣ ଦେଇ ସ୍କୁଲ୍‌ର ଚେୟାରପର୍ସନ ଡ. ମୋନାଲିସା ବଳ କହିଲେ, ସଙ୍କଟ ସମୟ ହେଉଛି ଆମର ପ୍ରକୃତ ଶିକ୍ଷକ। କାରଣ ଏହା ଆମକୁ ଧୈର୍ଯ୍ୟର ସହ ପରିସ୍ଥିତିର କିଭଳି ମୁକାବିଲା କରାଯିବ ତାହା ଶିଖାଇ ଥାଏ। ଅଭିଭାବକଙ୍କ ସହଯୋଗ ବିନା କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲରେ ଅନ୍‌ଲାଇନ୍ ଶିକ୍ଷାଦାନ ସମ୍ଭବ ହୋଇପାରିନଥାନ୍ତା। ଅବେଗ ହେଉଛି ଆମର ନିଷ୍ପତ୍ତି ନେବା ପ୍ରକ୍ରିୟାର ମୂଳକଥା ବୋଲି ସେ କହିଥିଲେ। ସ୍କୁଲ୍‌ର ଅଧ୍ୟକ୍ଷ ଡ. ସଞ୍ଜୟ ସୁଆର ସ୍କୁଲ୍‌ର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ସ୍କୁଲ୍‌ର ଛାତ୍ରଛାତ୍ରୀଙ୍କ ଦ୍ୱାରା ସମ୍ପାଦିତ ସ୍କୁଲ୍ ବାର୍ଷିକ ପୁସ୍ତିକା 'କାରାନାଏ'ର ଇ-ସଂସ୍କରଣ ଉନ୍ମୋଚିତ ହେବା ସହ ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ସ୍କୁଲ୍‌ର କୃତୀ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଆସୁଛି ତୃତୀୟ ଲହର ! ଏହି ରାଜ୍ୟରେ ପୁଣି ଲାଗୁ ହେଲା ନାଇଟ୍ କର୍ଫ୍ୟୁ



ଭୋପାଳ, ୨୩।୧୨: ପୁଣି ଫେରିଲା ନାଇଟ୍ କର୍ଫ୍ୟୁ। କରୋନାର ତୃତୀୟ ସମ୍ଭାବ୍ୟ ଲହରକୁ ଦୃଷ୍ଟିରେ ରଖି ମଧ୍ୟ ପ୍ରଦେଶ ସରକାର ରାଜ୍ୟରେ ରାତ୍ରକାଳୀନ କର୍ଫ୍ୟୁ ଘୋଷଣା କରିଛନ୍ତି। ଏହି କର୍ଫ୍ୟୁ ରାତି ୧୧ଟାରୁ ସକାଳ ୫ଟା ଯାଏଁ ରହିବ। ଆବଶ୍ୟକ ପଡିଲେ ଆଗାମୀ ଦିନରେ ଆହୁରି ନିଷ୍ପତ୍ତି ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।ମୁଖ୍ୟମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ ରାଜ୍ୟବାସୀଙ୍କୁ ସମ୍ବୋଧନ କରି କୋଭିଡ୍‌ର ତୃତୀୟ ଲହରର ଆଶଙ୍କା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଅନେକ ମାସ ପରେ ମଧ୍ୟ ପ୍ରଦେଶରେ କୋଭିଡ୍ ?ର ତୃତୀୟ କେସ୍ ସାମ୍ନାକୁ ଆସିଛି। ମହାରାଷ୍ଟ୍ର, ଗୁଜରାଟ ଏବଂ ଦିଲ୍ଲୀରେ କରୋନା ପଜିଟିଭ୍ କେସ୍ ବଢିବା ନେଇ ମୁଖ୍ୟମନ୍ତ୍ରୀ ଚିନ୍ତା ବ୍ୟକ୍ତ କରିଛନ୍ତି। ଶିବରାଜ ପୂର୍ବର ଅଭିଜ୍ଞତାରୁ କହିଛନ୍ତି ଯେ, ରାଜ୍ୟରେ ମଧ୍ୟ କରୋନା କେସ୍ ବଢିପାରେ। ତେଣୁ ସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟରେ ନାଇଟ୍ ? କର୍ଫ୍ୟୁ ଘୋଷଣା କରାଯାଇଛି।ସେ କହିଛନ୍ତି, ଗତକାଲି ମହାରାଷ୍ଟ୍ରରେ ୧୨୦୧, ଗୁଜରାଟରେ ୯୧ ଏବଂ ଦିଲ୍ଲୀରେ ୧୨୫ କେସ୍ ଚିହ୍ନଟ ହୋଇଛି। ପୂର୍ବରୁ ଏହା ଦେଖିବାକୁ ମିଳିଛି ଯେ, ଗୁଜରାଟ-ମହାରାଷ୍ଟ୍ରରେ ଯେବେ କେସ୍ ବଢିଛି ତେବେ ମଧ୍ୟ ପ୍ରଦେଶରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳିଛି। ବର୍ତ୍ତମାନ କରୋନା ନିଜର ସ୍ୱରୂପ ବଦଳାଇଛି। ନୂତନ ସ୍ୱରୂପ ଓମିକ୍ରନ ଦେଶର ୧୬ ରାଜ୍ୟରେ ଚିହ୍ନଟ ହେଲେଣି।

## ଗୋଟିଏ ଦିନରେ ୧୫୫ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୩।୧୨(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୧୫୫ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୫୩୫୦୪ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୩୨ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୪୩ ହଜାର ୩୧୯ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୭୮୪ ରହିଛି ।ଆଜି ଚିହ୍ନଟ ହୋଇଥିବା ୧୫୫ ଜଣଙ୍କ ମଧ୍ୟରୁ ୯୧ ଜଣ ସଂଗରୋଧରୁ ହୋଇଥିବା ବେଳେ ୬୪ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୧୭ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।

## ଶହେ ପଇସାର ମୂଲ୍ୟ ଏବେ ପଇସାଟାର ନୁହେଁ, କେହି ନେବାକୁ ରାଜି ନୁହଁନ୍ତି



ଭୁବନେଶ୍ୱର, ୨୩।୧୨(ପି.ଏନ): ସରକାରୀ ସ୍ତରରେ ସଚ୍ଳ କିନ୍ତୁ ବଜାରରେ ଅଚ୍ଳ। ମାର୍କେଟରେ ଏବେ ଛୋଟ ଏକ ଟଙ୍କିଆ ମୁଦ୍ରା ଏକ ପ୍ରକାର ଅଚ୍ଳ। ପ୍ରାୟତଃ ସବୁ ଖୁଚୁରା ଦୋକାନୀ ଏହି ମୁଦ୍ରା ଗୁଡିକୁ ଅଦରକାରୀ ଭାବେ ପକାଇ ରଖିଛନ୍ତି। ଶହେ ପଇସାର ମୂଲ୍ୟ ଏବେ ସତେ ଯେମିତି ପଇସାଟାର ନୁହେଁ । କୌଣସି ବି ଖୁଚୁରା ଦୋକାନୀ ଏହାକୁ ଆଉ ନେବାକୁ ଚାହୁଁ ନାହାଁନ୍ତି । ଏମିତିକି ଗ୍ରାହକ ଟିଏ ମଧ୍ୟ ଫେରସ୍ତ ନେବାକୁ ଚାହୁଁନି । ଯେ କେହି ବି ବାଧ୍ୟରେ ନେଉଛି ସେ ପୁରା କ୍ଷତିରେ ପଡୁଥିବା କହିଛନ୍ତି। ଭୁବନେଶ୍ୱର ଜୟଦେବ ବିହାର ଅଂଚ୍ଳର ଖୁଚୁରା ବ୍ୟବସାୟୀ କଳ୍ପତରୁ ମହାରଣା କହିଛନ୍ତି, "ମୋ ପାଖରେ ଏମିତି ଶହେ ଦୁଇ ଶହ ଟଙ୍କାର ଛୋଟ ୧ ଟଙ୍କିଆ କଏନ୍ ପଡିଛି। ଏମିତିକି ବହୁତ ସାରା ୫୦ ପଇସା ମଧ୍ୟ ଅଛି। କିନ୍ତୁ ବଜାରରେ ଏହା ସଂପୂର୍ଣ୍ଣ ଅଚ୍ଳ ହୋଇ ଯାଇଥିବାରୁ ଏହା କେବଳ ଛୁଆଙ୍କ ଖେଳନା ହୋଇ ରହିଯାଇଛି" । ସେହିପରି ଜଣେ ଓଏମ ଫେଡ୍ ବ୍ୟବସାୟୀ ବିଜୟ କୁମାର କର କହିଛନ୍ତି, "ଗୋଟିଏ ପ୍ୟାକେଟ୍ କ୍ଷୀର ଦାମ ୨୫ ଟଙ୍କା। ତେଣୁ ବ୍ୟବସାୟ ପାଇଁ ବହୁ ପରିମାଣର ଟଙ୍କିଆ କଏନ୍ ଦରକାର ପଡୁଛି। ଦୋକାନ କରିଥିବାରୁ କେବେ କେବେ ବାଧ୍ୟ ହୋଇ ରଖୁଛୁ। କିନ୍ତୁ ଲୋକ ଫେରସ୍ତ ନେଲା ବେଳକୁ କେହି ନେଉ ନାହାଁନ୍ତି। ତେଣୁ ବାଧ୍ୟ ହୋଇ ଶହେ ଟଙ୍କା ଦେଇ ୯୫ ଟଙ୍କାର ବଡ ଟଙ୍କିକିଆ କଏନ ବଜାରର କିଣିବାକୁ ପଡୁଛି। ବ୍ୟାଙ୍କକୁ ଗଲେ ମଧ୍ୟ ସେ ବି ଛୋଟ ଟଙ୍କି କିଆ କଏନ ନେବାକୁ ମନା କରି ଦେଉଛି"। କେବଳ ବିଭିନ୍ନ ଗିଫ୍ଟ ଖାମରେଏହି ଟଙ୍କିକିଆ କଏନ ବ୍ୟବହାର ହେଉଛି। ସେହିଗିଫ୍ଟ ଖାମ ପ୍ରସ୍ତୁତ କରୁଥିବା ଦୋକନୀ ଗୁଡିକ ହିଁ ଏହି ଛୋଟ ଟଙ୍କିକିଆ କଏନର ଗ୍ରାହକ ସାଜିଛନ୍ତି। ଏବଂ ବିଭିନ୍ନ ଦୋକାନରୁ ଏହାକୁ ଏକ ସାମଗ୍ରୀ ଭାବେ କିଣି ନେଉଛନ୍ତି।ଛୋଟ ଟଙ୍କିକିଆ କଏନର କାହିଁ କେତେ ବର୍ଷ ପୂର୍ବରୁ ୫୦ ପଇସା ମୁଦ୍ରା ବଜାରରେ ବନ୍ଦ ହୋଇ ଗଲାଣି। ସାଲିଆ ସାହିରେ ଏକ ଛୋଟ ଖୁଚୁରା ଦୋକାନୀ ଲକ୍ଷ୍ମୀ ପରିଡା କହିଛନ୍ତି, "୫୦ ପଇସାର ଚକଲେଟ୍ ବିକ୍ରୀ କରୁଛୁ। କିନ୍ତୁ ୫୦ ପଇସା ଚଳୁନି। ତେଣୁ ଟଙ୍କାଟାରୁ କମରେ କିଛି ବିକ୍ରୀ ନାହିଁ। ଏବେ ଧୀରେ ଧୀରେ ଛୋଟ ଟଙ୍କିକିଆ ନ ଚଳିବାରୁ ବହୁତ ସମସ୍ୟା ହେଉଛି। ସରକାର ତ ସଚ୍ଳ କହୁଛନ୍ତି। କିନ୍ତୁ ଲୋକ ମନା କରି ଦେଉଛନ୍ତି। ତେଣୁ ବେପାର କରିବାକୁ ଆମ ଭଳି ଖୁଚୁରା ଦୋକାନୀଙ୍କୁ ଭାରି ସମସ୍ୟା ହେଉଛି" ।ସେପଟେ ଭିକାରୀ ମଧ୍ୟ ୫୦ ପଇସା କି ଛୋଟ ଏକ ଟଙ୍କିକିଆ କଏନ ନେବାକୁ ନାରାଜ। ଯେବି କେହି ନେଉଛି, ସେ ବ୍ୟବହାର କରିପାରୁନି। କିଏ ଘର କଣରେ ଫିଙ୍ଗି ଦେଉଛି ତ ଆଉ କିଏ ପାନ ଦୋକାନରେ ଗିଫ୍ଟ ଖାମ୍ ଉଦ୍ଦେଶ୍ୟରେ ଦେଉଛି ।ଜୁନ୍ ୩୦ ତାରିଖ ୨୦୧୧ରେ ଭାରତ ସରକାର ୨୫ ପଇସା ପର୍ଯ୍ୟନ୍ତ ଖୁଚୁରା କଏନ୍ ଅଚ୍ଳ କରିବା ପରେ ୫୦ ପଇସା କଏନ ଦେଶରେ ସର୍ବନିମ୍ନ କଏନ୍ ବୋଲି ଘୋଷଣା କରିଛି ଆରବିଆଇ। କିନ୍ତୁ ଏ କଏନର ବ୍ୟବହାର କମି ଯାଇଥିବାରୁ ବ୍ୟାଙ୍କ ମଧ୍ୟ ଆଉ କଏନ ରଖିବାକୁ ଚାହୁଁନାହିଁ। ଏହାର ରିଅଲିଟି ଚେକ୍ ପାଇଁ ଭୁବନେଶ୍ୱରର କିଛି ଷ୍ଟେଟ୍ ବ୍ୟାଙ୍କ ଶାଖାରେ ଛୋଟ ଟଙ୍କିକିଆ କଏନ୍ ? ଏକ୍ସଚେଞ୍ଜ କରିବାକୁ ଚାହିଁଲୁ। କିନ୍ତୁ ବ୍ୟାଙ୍କ କର୍ମଚାରୀ ନିଜେ ଏହି କ୍ଷତିର ସମ୍ମୁଖୀନ ହୋଇଥିବା ସ୍ୱୀକାର କଲେ ମଧ୍ୟ କଏନ୍ ଏକ୍ସଚେଞ୍ଜ ପାଇଁ ଅମଙ୍ଗ ହୋଇଥିଲେ ।ଜଣେ ବ୍ୟାଙ୍କ ଅଧିକାରୀ କହିଲେ," ଆମ ପାଖରେ ବି ଏମିତି ପଡିଛି। ଆମ ଠାରୁ ବି ଦୋକାନୀ ନେଉ ନାହିଁ । ସରକାର ବନ୍ଦ କରି ନାହାଁନ୍ତି ଯେ, କିନ୍ତୁ ଲୋକ ନିଜେ ନିଜେ ବନ୍ଦ କରି ଦେଲେଣି । ସେହିପରି ଅନ୍ୟ ଏକ ବ୍ୟାଙ୍କ କର୍ମଚାରୀଙ୍କ କହିବା ଅନୁଯାୟୀ "ଆରବିଆଇରେ ମଧ୍ୟ ଏମିତି ବହୁତ କଏନ ଭର୍ତ୍ତି ହୋଇ ରହିଛି । ଆରବିଆଇ କଏନ ବାଣ୍ଟିବାକୁ କହୁଛି। ଆଉ ବ୍ୟାଙ୍କ କଏନ ନେଇ କଣ ବା କରିବ" ।ଦେଶର ସମସ୍ତ କଏନ କେନ୍ଦ୍ର ଅର୍ଥ ମନ୍ତ୍ରାଳୟ ଦ୍ୱାରା ଟଙ୍କାଶାଳରେ ଉତ୍ପାଦିତ ହୋଇଥାଏ। କିନ୍ତୁ ଏହାର ବଣ୍ଟନ ଓ ପ୍ରଚ୍ଳନ ଦାୟିତ୍ୱ ଜଇଓ ଉପରେ ନ୍ୟସ୍ତ ଅଛି। ରିଜର୍ଭ ବ୍ୟାଙ୍କ ଛୋଟ ଟଙ୍କିକିଆ ଓ ୫୦ ପଇସା କଏନ୍ ? ପ୍ରତ୍ୟାହାର କରିନଥିଲେ ମଧ୍ୟ ଦେଶରେ କୋଟି କୋଟି ଟଙ୍କା ମୂଲ୍ୟର ଏହି କଏନ ଅର୍ଥନୈତିକ ବଜାରରେ ବିନିଯୋଗ ନହୋଇ ଅଦରକାରୀ ଅଳିଆରେ ପରିଣତ ହେଲାଣି। ବେସରକାରୀ ସ୍ତରରେ କ୍ଷୁଦ୍ର ପଇସାର ପ୍ରଚ୍ଳନ ବନ୍ଦ ହେଲେ, ଏହା ଦେଶର ଅର୍ଥନୀତି ପାଇଁ ଏକ ବଡ ବିପଦ କହିବା ସହ ଜନ ସଚେତନତା ଜରୁରୀ ବୋଲି କହିଛନ୍ତି ବରିଷ୍ଠ ଅର୍ଥନୀତିଜ୍ଞ କୁମରବର ଦାସ। "ଖୁଚୁରା ପଇସା ନ ଚ଼ଳିଲେ, ଖୁଚୁରା ବ୍ୟବସାୟ ହୋଇ ପାରିବ ନାହିଁ। ଉଭୟ ଛୋଟ ଗ୍ରାହକ ଓ ଛୋଟ ବ୍ୟବସାୟୀ କ୍ଷତିରେ ପଡିବେ।" ଏପରିକି ପୂର୍ବତନ ବ୍ୟାଙ୍କ ଅଧିକାରୀ ପ୍ରତାପ ସ୍ୱାଇଁ କହିଛନ୍ତି, "୫୦ ପଇସା ଓ ଟଙ୍କିକିଆ କଏନ୍ ସରକାରୀ ସ୍ତରରେ ଚ଼ଳନୀୟ। ତେଣୁ ଲୋକ ଏହାକୁ ପ୍ରଚ୍ଳନ କରିବା ଆବଶ୍ୟକ। ବ୍ୟାଙ୍କକୁ ଫେରସ୍ତ କରିବା ଏହାର ସମାଧାନ ନୁହେଁ। କୌଣସି ବି ମୁଦ୍ରା ବ୍ୟାଙ୍କରେ ଗଚ୍ଛିତ ହେବା ପାଇଁ ରହି ନାହିଁ।


ପର୍ଯ୍ୟବେକ୍ଷକ | THE KALINGA CHRONICLE
Daily Edition: R.N.I. No: ODIENG/2013/52530
Popular People's Daily of Odisha
(ଓଡିଶାର ନିର୍ଭରଯୋଗ୍ୟ ଦୈନିକ ଖବର କାଗଜ)
WESTERN ODISHA BUREAU OFFICE
Email: ss.moharana2012@gmail.com
Contact : 9437083992, 8338839092
DEULBANDH, MODIPADA, SAMBALPUR

Bureau office of People's
odia daily Paryabekhyak
&
English daily The Kalinga Chronicle
will be inaugurated on
25 th December (Saturday) at 11.00 AM.
The Following Dignitaries have given their
kind consent to grace the occasion

Inaugurator-cum-Chief Guest : Sri Suresh Pujari
Hon'ble MP, Bargarh

Guests of Honour : Sri Jaynarayan Mishra
Hon'ble, MLA, Sambalpur
Sri Nauri Nayak
Hon'ble MLA, Rengali
Sri Bhabani Hota
Former MP, Sambalpur
Adv Sureswar Mishra
Sr. Advocate, Sambalpur
Dr Pramod Ratha
President, Sambalpur Bar Association
Dr. Pabitra Mohan Samantaray
Editor in Chief, Paryabekhyak &
The Kalinga Chronicle, Bhubaneswar

Sri Sudhanshu Sekhar Maharana
Bureau Chief



ନିମନ୍ତ୍ରଣ ପତ୍ର
"ସମାଜ ଗଠନରେ ସାହିତ୍ୟର ଭୂମିକା"
(ଏକ ତାତ୍ତ୍ୱିକ ଆଲୋଚନା) ଏବଂ
ଶ୍ରୀମତୀ ବସନ୍ତ ମଞ୍ଜରୀ ମହାରଣାଙ୍କ କବିତା ସଂକଳନ
" ମନ ବୋଲି ଉଡି ଯା' "ର ଉନ୍ମୋଚନ
ସ୍ଥାନ: ଓଡ଼ିଶା ସାଂସ୍କୃତିକ ସମାଜ ହଲ, ସେନପାର୍କ, ସମ୍ବଲପୁର
ତା: ୨୫.୧୨.୨୦୨୧ (ଶନିବାର), ସମୟ: ଅପରାହ୍ଣ ୪ ଟା
ଏହି କାର୍ଯ୍ୟକ୍ରମରେ ଯୋଗଦେବେ

ପ୍ରଫେସର ଡ. ବ୍ୟୋମକେଶ ତ୍ରିପାଠୀ
କୁଳପତି, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ
ପ୍ରଫେସର ଡ. ଅର୍କ ଦାସ ମହାପାତ୍ର
କୁଳପତି, ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟ
ଡ.ପ୍ରଭାସ କୁମାର ସିଂ
ପୂର୍ବତନ ଲୋକସଭା ସାଂସଦ
ଡ.ପବିତ୍ର ମୋହନ ସାମନ୍ତରାଏ
ସଂପାଦକ, 'ପର୍ଯ୍ୟବେକ୍ଷକ' ଏବଂ 'ଦ କଳିଙ୍ଗ କ୍ରୋନିକଲ'
ଶ୍ରୀଯୁକ୍ତ ବି.ଏଲ୍ ଦାସ
ବରିଷ୍ଠ ମଣ୍ଡଳ ପ୍ରବନ୍ଧକ, ଜୀବନ ବୀମା ନିଗମ, ସମ୍ବଲପୁର ମଣ୍ଡଳ
ଶ୍ରୀଯୁକ୍ତ ନଳୀନିକାନ୍ତ ମିଶ୍ର
ବିଭାଗୀୟ ମୁଖ୍ୟ, ଲୋକସଂପର୍କ ବିଭାଗ, ଏମ.ସି.ଏଲ୍
ଉପରୋକ୍ତ ସାରାସ୍ୱତ ସମାରୋହରେ ଯୋଗଦେବାକୁ ଅନୁରୋଧ ।

ସୁଧାଂଶୁ ଶେଖର ମହାରଣା
ଅଧ୍ୟକ୍ଷ, ସ୍କାନ

-: ଆୟୋଜକ :-
ସୋସିଆଲ ଏଣ୍ଡ କଲଚରାଲ ଏଡ୍‌ଭାନ୍ସଡ୍ ନେଟୱର୍କ (SCAN)
Regd. No. 23776/10 of 2016-17








# ଟି ଟାଇମ୍

# ଇତିହାସରେ ଆଜି ଦିନ

ଆଜିର ଦିନରେ ବିଶ୍ୱ ଇତିହାସରେ ଅନେକ ଘଟଣା ଓ ଦୁର୍ଘଟଣାମାନ ଘଟିଛି । ବହୁ ବରପୁତ୍ର ତଥା ପ୍ରଖ୍ୟାତ କଳାକାର ମଧ୍ୟ ଆଜି ଜନ୍ମ ହୋଇଛନ୍ତି । ଆଜିର ଦିନରେ ଇତିହାସ ପୃଷ୍ଠାରେ କ'ଣକ'ଣ ଘଟଣା ଘଟିଥିଲା ଆସନ୍ତୁ ଜାଣିବା :

❖ ଓହାୟୋର କଲମ୍ବସ ନିକଟସ୍ଥ ଚିଡିଆଖାନାରେ ବନ୍ଦୀ ଅବସ୍ଥାରେ ପ୍ରଥମ ଗରିଲା କୋଲୋରା ଜନ୍ମଲାଭ କରିଥିଲା(୧୯୫୬)

❖ ଆଫଗାନିସ୍ତାନର ମଧ୍ୟବର୍ତ୍ତିକାଳୀନ ସରକାରର ମୁଖ୍ୟ ବୁରାହନୁଦ୍ଦିନ ରବ୍ବାନୀ ରାଷ୍ଟ୍ରପତି ହମିଦ କାରଜାଇଙ୍କୁ କ୍ଷମତା କ୍ଷମତା ହସ୍ତାନ୍ତର କରିଥିଲେ(୨୦୦୧)

❖ ହଡସନ ନଦୀ ଉପରେ ନିର୍ମି ତ ଲିଙ୍କନ ଟନେଲ

❖ ସର୍ବସାଧାରଣଙ୍କ ଯାତାୟତ ପାଇଁ ଖୋଲା ଯାଇଥିଲା(୧୯୩୭)

❖ ବର୍ଲିନର ବ୍ରାଣ୍ଡେନବର୍ଗ ଗେଟ ଖୋଲିଥିଲା, ଏହା ଦୀର୍ଘ ୩୦ ବର୍ଷ ପର୍ଯ୍ୟନ୍ତ ବନ୍ଦ ହୋଇ ରହିଥିଲା(୧୯୮୯)

# ପୁରାଣ କାହାଣୀ

# ରାମଙ୍କ ପିତୃସତ୍ୟ ପାଳନ



ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ବର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ । ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ । ଏହା ଶୁଣି ରାମ ଧୀର ଚିତ୍ତରେ ପିତୃ-ସତ୍ୟ ପାଳନ ନିମନ୍ତେ କିଞ୍ଚିତ ଦୁଃଖ ପ୍ରକାଶ କଲେ ନାହିଁ । ରାମଙ୍କର ଏହି ମହନୀୟତା ହିଁ ସାରା ରାମାୟଣରେ ଅନେକ ରୂପରେ ପ୍ରକାଶିତ ହୋଇଛି । ରାମଙ୍କର ଶତ ବାରଣ ସତ୍ତ୍ୱେ,ବନବାସ ବେଳେ ରାମଙ୍କର ଅନୁସରଣ କରିବା ପାଇଁ ଦେବୀ ସୀତା ଏବଂ ଭ୍ରାତା ଲକ୍ଷ୍ମଣ ଇଚ୍ଛା ପ୍ରକାଶ କଲେ । ରାମଙ୍କର ବାରଣର ଉତ୍ତରରେ ସୀତା କହନ୍ତି, ଆପଣଙ୍କ ପାଦ ଯେଉଁ ବନପ୍ରଦେଶରେ ପଡିମ ତାହା ମୋ ପାଇଁ ଅଯୋଧ୍ୟା ଆଉ ଆପଣଙ୍କ ବିନା ଆଯୋଧ୍ୟା ମଧ୍ୟ ମୋ ପାଇଁ ନର୍କ ସଦୃଶ । ଇତି ମଧ୍ୟରେ ଭାରତ, ଟିଏ କି ମାତୃଳଙ୍କ ଗୃହକୁ ବୁଲି ଯାଥିଲେ, ଏଖବର ଶୁଣି ଗଭୀର ଦୁଃଖ ପ୍ରକାଶ କଲେ । ରାଜା ହେବାର ସୁଯୋଗ ପରିତ୍ୟାଗ କରି ସେ ଭ୍ରାତା ରାମଙ୍କୁ ଦେଖା କରିବା ପାଇଁ ସେ ବନ ଗମନ କରି ରାମଙ୍କୁ ଦେଖା କଲେ । ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ । କିନ୍ତୁ ରାମ ପିତୃ-ସତ୍ୟ ପାଳନ ନିମନ୍ତେ ସମସ୍ତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ବନବାସ ପୂର୍ବରୁ ରାଜ୍ୟକୁ ଫେରିବାକୁ ମନା କରିଦେଲେ । ତେବେ ଏକ ବିରଳ ଭ୍ରାତୃ ଭକ୍ତିର ଉଦାହରଣ ସ୍ୱରୂପ ଭରତ ଭ୍ରାତା ରାମଙ୍କ କଠଉ ଯୋଡିକ ମସ୍ତକରେ ଧାରଣ ପୂର୍ବକ ଫେରି ଆସିଲେ ଏବଂ ସିଂହାସନରେ ରାମଙ୍କ କଠଉ ସ୍ଥାପନ ପୂର୍ବକ ରାମଙ୍କ ପ୍ରତିନିଧି ଭାବରେ ରାଜ୍ୟ ଶାସନ କରିବାକୁ ଲାଗିଲେ ।

# ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ । ଆନୁଷ୍ଠାନିକ କାମରେ ସଫଳତା ପାଇବେ । ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ । ପରିବହନରେ ଉନ୍ନତି କରିବେ । ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ । ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି । ସ୍ଥଗିତ କାମକୁ ତ୍ୱରାନିତ କରିବେ । ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ । ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି ।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି । ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ । ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ । ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ । ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ । ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ । କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି । ବକେୟା ଟଙ୍କା ମିଳିବାର ଯୋଗ ରହିଛି । ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ । ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ । ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ । ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ । ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ । ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ । ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ । ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ । ଶାରୀରିକ ଅସୁସ୍ଥତା ଫେରି ପାଇବ । ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ମହିଳାଙ୍କ ମନୋବଳ ଦୃଢ଼ ରହିବ ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ । ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ । ମହିଳାମାନେ ଅଶାନ୍ତି ରହିବେ ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ । ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ । ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ । ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ । ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ । ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ ।

# ପଲ୍ଲୀ କବି ନନ୍ଦ କିଶୋର ବଳ



ଓଡିଶା ସାହିତ୍ୟର ପ୍ରାକ୍- ଆଧୁନିକ କାଳରେ ଜଣେ କବି ଥିଲେ । ସେ ଓଡିଶାର ପୁରପଲ୍ଲୀ ଉପରେ କାବ୍ୟ ରଚନା କରିଥିବାରୁ ତାଙ୍କୁ ପଲ୍ଲୀ କବି ବୋଲି ସମ୍ବୋଧନ କରାଯାଏ । ସେ ଓଡିଶାର କଟକ ଜିଲ୍ଲା ଅନ୍ତର୍ଗତ କୁସୁପୁର ଗାଆଁରେ ଜନ୍ମଗ୍ରହଣ କରିଥିଲେ । ପିତାଙ୍କ ନାମ ଥିଲା ଭଜନାନନ୍ଦ ଜେନା ଓ ମାତାଙ୍କର ନାମ ହିରଣ୍ମୟୀ ଦେବୀ । ଶୈଶବରେ ସେ "ରସାନନ୍ଦ ଜେନା" ନାମରେ ପରିଚିତ ଥିଲେ । ପିଉସୀ ପୋଷ୍ୟପୁତ୍ର କରିନେବା ପରେ ସେ ନନ୍ଦକିଶୋର ବଳ ଭାବରେ ପରିଚିତ ହେଲେ । ବାଲ୍ୟ ଜୀବନ କୁସୁପୁରରେ ହିଁ କଟିଥିଲା । ଗାଁ ସ୍କୁଲରୁ ଆରମ୍ଭ କରି, ସେ କଟକ ଟାଉନ ସ୍କୁଲ, ରେଭେନ୍ସା କଲିଜିଏଟ ସ୍କୁଲ, କେନ୍ଦ୍ରାପଡା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ । ଭକ୍ତି କବି ବଧୁସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ କଟକରେ ଟାଉନ ସ୍କୁଲରୁ ନନ୍ଦ କିଶୋର ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ । କିଛି ବର୍ଷ ପରେ, ସେ ସ୍କୁଲ ସବ୍‌ଇନସିପେକ୍ଟର ଭାବେ ପଦୋନ୍ନତି ପାଉଥିଲେ । ଏହି ଚାକିରିରେ ବାରମ୍ବାର ଗସ୍ତ ଓ ବଦଳି ଯୋଗୁଁ ତାଙ୍କ ଦେହ ଖରାପ ହେଉଥିଲା । ଏହି କାରଣରୁ ସେ ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କରିଥିଲେ । କିନ୍ତୁ ଚିକିତ୍ସା ପାଇଁ ତାଙ୍କୁ ପୁନର୍ବାର କଟକ ଆସିବାକୁ ପଡିଥିଲା । ୧୯୨୮ ମସିହା ଜୁଲାଇ ୧ ତାରିଖରେ ଇହଲିଳା ସମ୍ବରଣ କରିଥିଲେ । ରଚନାବଳୀନନ୍ଦ କିଶୋର, କଲେଜରେ ପଢ଼ିଲା ବେଳୁହିଁ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ । ନିଜର ପ୍ରଥମ ପ୍ରଥମ ପ୍ରବନ୍ଧକୁ ସେ "ପଲ୍ଲୀ ଚିତ୍ର" ନାମରେ କବିତାର ରୂପ ଦେଇଥିଲେ । ତାଙ୍କର ରଚନାବଳୀରେ ପଲ୍ଲୀ ପ୍ରକୃତିର ସୁନ୍ଦର ବର୍ଣ୍ଣନା ଫୁଟିଉଠିଥାଏ । ପିଲାମାନଙ୍କ ପାଇଁ ତାଙ୍କଦ୍ୱାରା ରଚିତ "ନାନା ବାୟା ଗୀତ" ଓଡିଶାର ପୁରପଲ୍ଲିରେ ବେଶ୍ ପ୍ରଚଳିତ । ସେ ୧୦୦ରୁ ଅଧିକ ସନେଟ ମଧ୍ୟ ଲେଖିଛନ୍ତି । ତାଙ୍କର ସନେଟ ଗୁଡିକ ପ୍ରକୃତି ଓ ଜନଜୀବନର ଛବିରେ ପୁଷ୍ଟ । ୧୯୨୫ରେ ସେ କନକଲତା (ଉପନ୍ୟାସ) ନାମରେ ଉପନ୍ୟାସଟିଏ ମଧ୍ୟ ରଚିଯାଇଛନ୍ତି ।

# ରଣବୀର-କ୍ୟାଟ୍ରିନାକୁ ନେଇ ଚର୍ଚ୍ଚା



ରଣବୀର କପୁର ଓ କ୍ୟାଟ୍ରିନା କୈଫଙ୍କ ଅଭିନୀତ ଫିଲ୍ମ 'ଜଗା ଜାସୁସ୍'ର ପ୍ରଥମ ପୋଷ୍ଟର ରିଲିଜ କରାଯାଇଛି । ୟୁଟିଭି ମୋଶନ ପିକଚର୍ସର ଟ୍ୱିଟରରେ ଏହି ପୋଷ୍ଟର ରିଲିଜ କରାଯାଇଛି । ଯେଉଁଥିରେ ଉଭୟ ରଣବୀର ଓ କ୍ୟାଟ୍ରିନାଙ୍କୁ ଓଟପକ୍ଷୀ ଉପରେ ବସି ଯାଉଥିବାର ଦେଖିବାକୁ ମିଳିଛି । ଦୁଇଜଣଙ୍କ ଲୁକ୍ ମଧ୍ୟ ଖୁବ୍ ମଜାଳିଆ ହୋଇଛି । ଯାହାକୁ ଦେଖିବା ପରେ ଫିଲ୍ମ ରିଲିଜର ଅପେକ୍ଷାରେ ରହିଛନ୍ତି ଦର୍ଶକ । ଫିଲ୍ମକୁ ନେଇ ବ୍ୟଗ୍ରତାର ଅନ୍ୟ ଏକ କାରଣ ହେଉଛି ବ୍ରେକଅପ୍ ପରେ ପୁଣିଥରେ ରଣବୀର ଓ କ୍ୟାଟ୍ରିନାଙ୍କୁ ଏଥିରେ ଏକାଠି ଦେଖିବାକୁ ମିଳିବ । ଯାହା ସେମାନଙ୍କ ପ୍ରଶଂସକଙ୍କ ପାଇଁ ଖୁସିର ମୁହୂର୍ତ୍ତ । ତେବେ ଅନୁରାଗ ବସୁଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଚଳିତ ବର୍ଷ ୨୭ ନଭେମ୍ବରରେ ରିଲିଜ କରାଯାଇଥା'ନ୍ତା । ମାତ୍ର ରଣବୀର ଓ କ୍ୟାଟ୍ରିନାଙ୍କ ବ୍ରେକଅପ୍ ଏବଂ ଦୁଇଜଣଙ୍କ ବ୍ୟସ୍ତ ସିଡ୍ୟୁଲକୁ ନେଇ ଫିଲ୍ମଟି ନିର୍ଦ୍ଧାରିତ ସମୟରେ ଶେଷ ହୋଇପାରିନଥିଲା । ତେଣୁ ଏହାର ରିଲିଜ ଡେଟ୍‌କୁ ଘୁଞ୍ଚାଯାଇ ଆସନ୍ତା ବର୍ଷ ଅପ୍ରେଲ ୭ ତାରିଖକୁ ରଖାଯାଇଛି ।

# ଉଚ୍ଚ ରକ୍ତଚାପରୁ ରକ୍ଷା କରିବ ଗଭୀର ନିଃଶ୍ୱାସ



ଶରୀରରେ ଯେକୌଣସି ରୋଗର ଉପସ୍ଥିତି ଅଧିକାଂଶ ଲୋକଙ୍କୁ ବହୁତ ଡେରିରେ ଜଣା ପଡ଼ିଥାଏ । ସେଭଳି ଏକ ରୋଗ ହେଉଛି ଉଚ୍ଚ ରକ୍ତଚାପ । ଉଚ୍ଚ ରକ୍ତଚାପକୁ ସାଇଲେଣ୍ଟ କିଲର କୁହାଯାଏ । ଯଦି ଆପଣ ସେଭଳି ସ୍ଥିତିରେ ଗତି କରୁଛନ୍ତି ଓ ଔଷଧପତ୍ର ଖାଇବା ଝାମେଲାରୁ ମୁକୁଳିବାକୁ ଚାହୁଁଛନ୍ତି ତେବେ ଆପଣ ଆପଣଙ୍କ ଲାଇଫ ଷ୍ଟାଇଲକୁ ବଦଳାନ୍ତୁ । ଦୀର୍ଘ ଶ୍ୱାସକ୍ରିୟାରେ ଆରାମ-କିଛି ବ୍ୟକ୍ତିଙ୍କର ରକ୍ତଚାପ ସନ୍ଧ୍ୟା ତୁଳନାରେ ସକାଳ ସମୟରେ ଅଧିକ ଥାଏ । ଏହାର କାରଣ ରାତିରେ ଅମ୍ଳଜାନର ଅଭାବ । ବିପି ନିୟନ୍ତ୍ରଣ ରଖିବା ପାଇଁ ଅମ୍ଳଜାନର ମୁଖ୍ୟ ଭୂମିକା ରହିଛି । ଏଥିପାଇଁ ଦିନବେଳେ ଶାନ୍ତ ପରିବେଶରେ ବସି ୧୦ ରୁ ୧୫ ଥର ପେଟ ଭିତରୁ ଦୀର୍ଘ ନିଃଶ୍ୱାସ ନେବା ଉଚିତ୍ । ଏସ୍‌ଏମ୍‌ଏସ୍ ଡାକ୍ତରଖାନାର ଫିଜିସିଆନ୍ ଡା. ସି.ଏଲ୍.ନବଲଙ୍କ କହିବା ଅନୁସାରେ ଗଭୀର ନିଃଶ୍ୱାସ ପ୍ରଶ୍ୱାସ ନେଲେ ଶରୀରରେ ଅମ୍ଳଜାନ ଓ ରକ୍ତ ସଞ୍ଚାଳନ ସୁଚାରୁ ରୂପେ ହୋଇଥାଏ । ତା'ସହିତ ମାନସିକ ରୂପରେ ଶାନ୍ତି ମିଳିଥାଏ ।

# ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

# ବିଲେଇକୁ ମିଳୁଛି ସରକାରୀ ଚାକିରି, ମୋଟା ଦରମା



ଲଣ୍ଡନ ଗୋଟିଏ ପଟେ ଦେଶରେ ବେରୋଜଗାରୀ ସମସ୍ୟା ବୃଦ୍ଧି ପାଉଥିଲା ବେଳେ ଅନ୍ୟପଟେ ଏଠି ବିଲେଇକୁ ପ୍ରଦାନ କରାଯାଉଛି ସରକାରୀ ଚାକିରି ଏବଂ ଚାକିରି ବାବଦରେ ମିଳୁଛି ମୋଟା ଦରମା । ନିକଟରେ ଦେଶର କ୍ୟାବିନେଟ୍ ଦୁଇ ବିଲେଇକୁ ସରକାରୀ ନିଯୁକ୍ତି ପାଇଁ ମଞ୍ଜୁର ଦେଇଛି । ଇବି ଏବଂ ଓସି ନାମକ ଏହି ଦୁଇ ବିଲେଇ ଏବେ ବ୍ରିଟିସ ସରକାରଙ୍କ କ୍ୟାବିନେଟ୍ କାର୍ଯ୍ୟାଳୟରେ ଚାକିରି କରୁଛନ୍ତି । ବିଲେଇଙ୍କୁ ନିଯୁକ୍ତି ଦିଆଯିବା ପୂର୍ବରୁ ବିଧିବଦ୍ଧ ଭାବେ ବିଜ୍ଞାପନ ଦିଆଯାଇଥିଲା । ବିଜ୍ଞାପନରେ ସେମାନଙ୍କର ଯୋଗ୍ୟତା ସହ ବାୟୋଡାଟା ମଧ୍ୟ ମଗାଯାଇଥିଲା । ଏହି ନିଯୁକ୍ତି ପାଇଁ ଅନେକ ଆବେଦନ ପତ୍ର ମିଳିଥିଲା ବେଳେ ଦକ୍ଷତାକୁ ଦୃଷ୍ଟିରେ ରଖି ଦୁଇ ବିଲେଇଙ୍କୁ ନିଯୁକ୍ତି ଦିଆଯାଇଛି । ଏମାନଙ୍କର ଦାୟିତ୍ୱ ହେଉଛି କ୍ୟାବିନେଟ୍ କାର୍ଯ୍ୟାଳୟରୁ ମୂଷା ମାରିବା । ଗତକିଛି ବର୍ଷ ଧରି ଏଠାର କ୍ୟାବିନେଟ୍ କାର୍ଯ୍ୟାଳୟରେ ମୂଷାଙ୍କ ଉତ୍ପାତ ବୃଦ୍ଧି ପାଉଥିଲା ବେଳେ ସେମାନଙ୍କ ଦ୍ୱାରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହେବାରେ ଲାଗିଛି । ଯେଉଁ କାରଣରୁ ସରକାର ବାଧ୍ୟରେ ମୂଷା ନିୟନ୍ତ୍ରଣ ପାଇଁ ବିଲେଇ ନିଯୁକ୍ତି ଦେଇଛନ୍ତି ।

# ଶୀତ ଋତୁରେ ରୋଗ ବେଶୀ



ଶୀତଋତୁ ଆସିଲେ ବିଭିନ୍ନ ପ୍ରକାର ରୋଗ ମଧ୍ୟ ସାଙ୍ଗରେ ଆଣି ଆସିଥାଏ । ଯେପରି ଥଣ୍ଡା, ସଂକ୍ରମଣ, ତ୍ୱଚା ଫାଟିବା ଇତ୍ୟାଦି । କେତେକ ଲୋକଙ୍କର ଭାବନା ରହିଥାଏ କି ସନସ୍କ୍ରିନ୍‌ର ପ୍ରୟୋଗ କେବଳ ଗ୍ରୀଷ୍ମ ଦିନମାନଙ୍କରେ କରାଯାଇଥାଏ କିନ୍ତୁ ଏପରି ଭାବିବା ସମ୍ପୂର୍ଣ୍ଣ ରୂପେ ଭୁଲ୍ । ଥଣ୍ଡା ଦିନମାନଙ୍କରେ ସୂର୍ଯ୍ୟ ଭୂପୃଷ୍ଠର ସବୁଠାରୁ ନିକଟତର ହୋଇଥାନ୍ତି । ଏଥିପାଇଁ ସୂର୍ଯ୍ୟଙ୍କ କିରଣ ଅଧିକ କ୍ଷତି ପହଞ୍ଚାଇଥାଏ । ଥଣ୍ଡା ଦିନମାନଙ୍କରେ କସରତ କରିବା କ୍ଷତିକାର ହୋଇପାରେ । ଏପରି ଭାବିବା ବିଲ୍‌କୁଲ୍ ଭୁଲ୍ । ବାସ୍ ଏହି କଥାର ଧ୍ୟାନ ରଖନ୍ତୁ କି ବାହାରକୁ ବାହାରିବା ପୂର୍ବରୁ ନିଜକୁ ଥଣ୍ଡାରୁ ବଞ୍ଚେଇବାର ସମସ୍ତ ଉପାୟକୁ ସାଙ୍ଗରେ ଧରି ଯାଆନ୍ତୁ । ଥଣ୍ଡା ଦିନମାନଙ୍କରେ ମଦ୍ୟପାନ କରିବା ଦ୍ୱାରା ଶରୀର ଗରମ ପହଞ୍ଚାଇଥାଏ ବୋଲି ଅନେକଙ୍କର ଭାବନା ରହିଥାଏ । କିନ୍ତୁ ବାସ୍ତବରେ ଏହା ଅଳ୍ପ କିଛି ସମୟ ପାଇଁ ଆପଣଙ୍କ ଶରୀରକୁ ଗରମ ରଖିଥାଏ । ଲମ୍ବା ସମୟ ପର୍ଯ୍ୟନ୍ତ ଏହା କାମ କରିନଥାଏ । ଅଧିକ ସମୟ ପର୍ଯ୍ୟନ୍ତ ଥଣ୍ଡାରେ ଘରଠୁ ବାହାରେ ରହିବା ଦ୍ୱାରା ରୋଗ ଆକ୍ରାନ୍ତ ହେବାର ଆଶଙ୍କା ଅଧିକ ରହିଥାଏ । ଏପରି ବିଲ୍‌କୁଲ୍ ନୁହେଁ । ଏହି ମୌସୁମୀରେ ଥଣ୍ଡା, କାଶ, କେବଳ ବ୍ୟାକ୍ଟେରିୟା ଏବଂ ସଂକ୍ରମଣ କାରଣରୁ ହିଁ ହୋଇଥାଏ । ଥଣ୍ଡା ମୌସୁମିରେ ଅଧିକ ଚିନ୍ତା ରହିଥାଏ । ଭିଟାମିନ୍ ସି ଇମ୍ୟୁନିଟିକୁ ବଢେଇଥାଏ ଏବଂ ଥଣ୍ଡା ଦିନମାନଙ୍କରେ ହେଉଥିବା ରୋଗ ମାନଙ୍କଠାରୁ ବଞ୍ଚେଇଥାଏ ।




# ବହୁଳା ଶକ୍ତିପୀଠ, ପଶ୍ଚିମବଙ୍ଗ



"ବହୁଳା ଶକ୍ତିପୀଠ" ବା 'ବହୁଳା' ମନ୍ଦିର ହିନ୍ଦୁମାନଙ୍କ ପାଇଁ ଏକ ପ୍ରମୁଖ ଧାର୍ମିକ ସ୍ଥାନ ଭାବେ ପରିଚିତ। ଏହି ଶକ୍ତିପୀଠ "ଦେବୀ ବହୁଳା"ଙ୍କ ମନ୍ଦିର ପାଇଁ ଜଣାଶୁଣା। ଏହି ମନ୍ଦିର ଭାରତର ପଶ୍ଚିମବଙ୍ଗ ରାଜ୍ୟ ଅନ୍ତର୍ଗତ ବର୍ଦ୍ଧମାନଠାରେ ଅବସ୍ଥିତ। ଏହି ମନ୍ଦିର ବହୁ ବର୍ଷର ପୁରୁଣା ବୋଲି କୁହାଯାଏ।

ଦେବୀ ଭାଗବତ ପୁରାଣରେ ୧୦୮, କାଳିକା ପୁରାଣରେ ୨୬, ଶିବଚରିତରେ ୫୧, ଦୁର୍ଗାଶପ୍ତସତୀ ଏବଂ ତନ୍ତ୍ର ଚୂଡ଼ାମଣିରେ ଭାରତୀୟ ଉପମହାଦେଶରେ ଥିବା ଶକ୍ତିପୀଠ ଗୁଡ଼ିକର ସଂଖ୍ୟା ୫୨ ବୋଲି କୁହାଯାଇଛି। ମାତ୍ର ଶକ୍ତିପୀଠ ସଂଖ୍ୟା ୫୧ଟି ବୋଲି କେତେକ ମତ ଦିଅନ୍ତି। ତେବେ ତନ୍ତ୍ର ଚୂଡ଼ାମଣିରେ ୫୨ଟି ଶକ୍ତିପୀଠ ସଂପର୍କରେ କୁହାଯାଇଛି। ତେବେ ମାତା ସତୀଙ୍କ ୫୧ଟି ଶକ୍ତିପୀଠମାନଙ୍କ ମଧ୍ୟରେ "ଦେବୀ ବହୁଳା ଶକ୍ତିପୀଠ" ଅନ୍ୟତମ। ଏହି ଶକ୍ତିପୀଠ ହିନ୍ଦୁମାନଙ୍କର ପ୍ରମୁଖ ଧାର୍ମିକ ସ୍ଥଳ ଭାବେ ବେଶ୍ ପରିଚିତ।




ଏହି ଶକ୍ତିପୀଠ ସାରା ଭାରତରେ ବିଖ୍ୟାତ। ଏହି ପବିତ୍ର ସ୍ଥଳ ମା'ଦୁର୍ଗ ଓ ଭଗବାନ ଶିବଙ୍କୁ ସମର୍ପିତ ହୋଇଛି। "ଦେବୀ ବହୁଳା ଶକ୍ତିପୀଠ"କୁ ଭାରତର ଐତିହାସିକ ସ୍ଥଳମାନଙ୍କ ମଧ୍ୟରେ




ଗୋଟିଏ ବୋଲି ଗଣାଯାଇଥାଏ। ଏଠାରେ ହିନ୍ଦୁ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ ଦେବୀ ଶକ୍ତି ରୂପରେ ଏକ ସ୍ୱତନ୍ତ୍ର ଈଶ୍ୱରୀୟ ଶକ୍ତି ମିଳିଥାଏ। ଏଠାକାର ମନ୍ଦିରରେ ଭକ୍ତ ଓ ଶ୍ରଦ୍ଧାଳୁମାନେ ନିୟମିତ ସକାଳେ ଦେବୀ ମାତାଙ୍କୁ ମିଷ୍ଟାନ୍ନ ଓ ଫଳ ଭୋଗ ଲଗାଇ ନିଷ୍ଠାର ସହ ପୂଜା କରନ୍ତି।

ହିନ୍ଦୁ ପୁରାଣ ଶାସ୍ତ୍ର ଅନୁଯାୟୀ ଭଗବାନ ବ୍ରହ୍ମାଙ୍କ ପୁତ୍ର ଦକ୍ଷରାଜ ପିତାଙ୍କ ନିର୍ଦ୍ଦେଶରେ ମା' ଶକ୍ତିଙ୍କୁ ନିଜର ଝିଅ ରୂପରେ ପାଇବାକୁ ବିଭିନ୍ନ ଯଜ୍ଞ ଆଦି ଉପାସନା କଲେ। ଫଳସ୍ୱରୂପ ମା'ଶକ୍ତି ମାନବ ରୂପରେ ଜନ୍ମ ନେଲେ।

କୌଣସି ପ୍ରକାର ମାତା ସତୀଙ୍କୁ ଶିବ ବିବାହ କରି କୈଳାଶ ପର୍ବତ ନେଇଗଲେ। ଏହା ଜାଣିପାରି ଦକ୍ଷଙ୍କ ରାଗ ଚରମ ସୀମାରେ ପହଂଚିଗଲା। ଶିବଙ୍କୁ ସବୁ ଦେବୀ ଦେବତାଙ୍କ ସାମ୍ନାରେ ଅପମାନିତ କରିବା ପାଇଁ ଦକ୍ଷରାଜ ଏକ ଯଜ୍ଞର ଆୟୋଜନ କଲେ। ଝିଅ ସତୀ ଓ



ଜ୍ୱାଇଁ ଭଗବାନ ଶିବଙ୍କୁ ନିମନ୍ତ୍ରଣ କଲେନାହିଁ। ଏଥିରେ ନିଜକୁ ଅପମାନିତ ବୋଧ କରି ମାତା ସତୀ ସ୍ୱଂୟ ବାପାଙ୍କ ଯଜ୍ଞ ସ୍ଥଳରେ ପହଂଚିଲେ। ବାପା ଦକ୍ଷ କିଛି ଆଦର ନକରି ଝିଅ ଜ୍ୱାଇଁଙ୍କୁ ଅପମାନସୂଚକ ଶବ୍ଦ ସବୁ ଶୁଣାଇଲେ। ସେହିକ୍ଷଣି ବାପାଙ୍କ ଅପମାନକୁ ସହ୍ୟ କରି ନପାରି ମାତା ସତୀ ଅଗ୍ନି କୁଣ୍ଡରେ ଆତ୍ମଦାହ କଲେ। ତ୍ରିକାଳଦର୍ଶୀ ଶିବ ଏ ଖବର ଜାଣି ସେଠାରେ ପହଞ୍ଚିଲେ ଓ ଗଭୀର ଦୁଃଖରେ ସତୀଙ୍କ ମରଶରୀର ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ।

ଏହା ଦେଖି ଦେବଦେବୀମାନେ ଏହାର ସମାଧାନ ପାଇଁ କିଛି ଉପାୟ ବାହାର କରିବାକୁ ଭଗବାନ ବ୍ରହ୍ମା ଓ ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଧ୍ୱଂସଲୀଳା ବନ୍ଦ କରି ବ୍ରହ୍ମାଣ୍ଡରେ ଶାନ୍ତି ସ୍ଥାପନ ପାଇଁ ଭଗବାନ ବ୍ରହ୍ମା, ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଭଗବାନ ବିଷ୍ଣୁ ଅନୁଭବ କଲେ ଯେ, ଯେପର୍ଯ୍ୟନ୍ତ ଭଗବାନ ଶିବଙ୍କ ହସ୍ତରୁ ମାତା ସତୀଙ୍କ ମରଶରୀର ଅଲଗା ହୋଇନାହିଁ, ସେପର୍ଯ୍ୟନ୍ତ ଭଗବାନ ଶିବ ଶାନ୍ତ ହେବେ ନାହିଁ କି ବ୍ରହ୍ମାଣ୍ଡ ଧ୍ୱଂସାଭିମୁଖରୁ ବର୍ତ୍ତିବ ନାହିଁ। ଏଣୁ ବ୍ରହ୍ମାଣ୍ଡ ରକ୍ଷା ପାଇଁ ସଙ୍ଗେସଙ୍ଗେ ଭଗବାନ ଶିବ ଧରିଥିବା ମାତା ସତୀଙ୍କ ମରଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମାରହିତ କରିବାକୁ ଭଗବାନ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ। କିଛିକ୍ଷଣ ମଧ୍ୟରେ ସୁଦର୍ଶନ ଚକ୍ର ମା'ସତୀଙ୍କ ଶରୀରକୁ ଖଣ୍ଡ ବିଖଣ୍ଡିତ କରିଦେଲା ଓ ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ଅନେକ ସ୍ଥାନରେ ବିଞ୍ଚିହୋଇ ପଡ଼ିଲା। ଦୁଃଖରେ ମ୍ରିୟମାଣ ଭଗବାନ ଶିବ ସତୀଙ୍କ ବିଖଣ୍ଡିତ ଅଙ୍ଗ ଖୋଜିବା ଆରମ୍ଭ କଲେ। ଏଥିରେ ସହାୟତା କଲେ ଭଗବାନ ଭୈରବ। ସର୍ବଶେଷରେ ମାତା ସତୀଙ୍କ ଅଙ୍ଗର ମୁଖ୍ୟାଂଶ ସମେତ ସମସ୍ତ ଖଣ୍ଡକୁ ଖୋଜି ପୂଜାର୍ଚ୍ଚନା ତଥା ଖଣ୍ଡଗୁଡ଼ିକୁ ସୁରକ୍ଷା ଦେବାକୁ ଭଗବାନ ଭୈରବଙ୍କୁ ନିର୍ଦ୍ଦେଶ ଦେଲେ ଭଗବାନ ବ୍ରହ୍ମା। ସେହି ଦୁର୍ଲଭ ସ୍ଥାନଗୁଡ଼ିକୁ ଭଗବାନ ବ୍ରହ୍ମା, ଭଗବାନ ବିଷ୍ଣୁ ଓ ଭଗବାନ ଶିବ ମିଶି ଶକ୍ତି ପୀଠର ମାନ୍ୟତା ଦେଲେ।

"ବହୁଳା ଶକ୍ତିପୀଠ"ରେ ମାତା ସତୀଙ୍କର 'ବାମହସ୍ତ' ଖଣ୍ଡ ପଡ଼ିଥିଲା। ଏଠାରେ ମାତା ଶକ୍ତିଙ୍କୁ 'ବହୁଳା' ତଥା ଭଗବାନ ଶିବଙ୍କୁ 'ଭୈରବ' ରୂପରେ ପୂଜା କରାଯାଉଛି।

ଏହି ଶକ୍ତିପୀଠରେ ବର୍ଷ ସାରା ବିଭିନ୍ନ ପର୍ବପର୍ବାଣୀ ଧୂମଧାମ୍‌ରେ ପାଳିତ ହୋଇଥାଏ।



ମହାଶିବରାତ୍ରୀ ଓ ନବରାତ୍ର ସମୟରେ ଦେଖିବା ଭଳି କାର୍ଯ୍ୟକ୍ରମର ଆୟୋଜନ ହୋଇଥାଏ। ବିଶେଷତଃ ଦୁର୍ଗା ପୂଜା ଓ ପବିତ୍ର ନବରାତ୍ର ଉତ୍ସବ ଏଠାରେ ଧୂମଧାମରେ ପାଳନ କରାଯାଏ। ନବରାତ୍ର ଉତ୍ସବ ବେଳେ ବଡ଼ ବଡ଼ ମେଳା ଓ ବଜାର ବସେ। ନବରାତ୍ରରେ ଭକ୍ତ ମାନେ ୯ ଦିନ ଧରି ଉପବାସରେ ରହି ମନ୍ଦିରରେ ପୂଜାର୍ଚ୍ଚନା କରନ୍ତି। ମନ୍ଦିରର ଆଧ୍ୟାତ୍ମିକ ପରିବେଶ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ମନ, ପ୍ରାଣ ଓ ହୃଦୟକୁ ଶାନ୍ତି ପ୍ରଦାନ କରିଥାଏ। ବର୍ଷର ସବୁ ସମୟରେ ମାତାଙ୍କର ଏହି ଶକ୍ତିପୀଠରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଗହଳି ଲାଗି ରହିଥାଏ। ଦେବୀଙ୍କର ମନ୍ଦିରର ଅପରୂପ ଶୋଭା ଦେଖିବା ଭଳି ହୋଇଥାଏ। ଏଥିପାଇଁ ଲକ୍ଷ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁ ମୁଖ୍ୟତଃ ମାତାଙ୍କୁ ପୂଜା କରିବାକୁ ଏଠାକୁ ଆସିଥାନ୍ତି। ଏଠାକାର ପୂଜାବିଧିର ପ୍ରତ୍ୟେକ କାର୍ଯ୍ୟକ୍ରମ ଖୁବ୍ ଆନନ୍ଦଦାୟକ ଓ ମନୋରମ।

**କେମିତି ଯିବେ:-** (୧) ଦେଶର କୌଣସି ସ୍ଥାନରୁ ବାହାରି ପଶ୍ଚିମବଙ୍ଗର ବର୍ଦ୍ଧମାନ ରେଳ ଷ୍ଟେସନ୍ ରେ ପହଞ୍ଚି "ବହୁଳା ଶକ୍ତିପୀଠ"ରେ ପହଞ୍ଚି ପାରିବେ। (୨) ପଶ୍ଚିମବଙ୍ଗର ଯାତ୍ରୀମାନେ ବସ୍ ଓ କାର୍‌ରେ ଯାଇ "ବହୁଳା ଶକ୍ତିପୀଠ"ରେ ସହଜରେ ପହଞ୍ଚି ପାରିବେ। (୩) "ବହୁଳା ଶକ୍ତିପୀଠ" ନିକଟରେ ବର୍ଦ୍ଧମାନ ବିମାନ ବନ୍ଦର ରହିଥିବା ବେଳେ ଏଠାରେ ମଧ୍ୟ କୋଲକତା ଅନ୍ତର୍ଜାତୀୟ ବିମାନ ବନ୍ଦର ରହିଛି।

**ଶରତ କୁମାର ରାଉତ,** ଭୁବନେଶ୍ୱର, ମୋ: ୯୩୩୭୩୬୯୪୮

## ବେଦପ୍ରକାଶ ଅଗ୍ରୱାଲଙ୍କ ୮୬ତମ ଜୟନ୍ତୀ ସମାରୋହ



କେନ୍ଦ୍ରାପଡ଼ା (ପିଏନ୍): ବେଦ ପ୍ରକାଶ ଅଗ୍ରୱାଲ ସ୍ମୃତି ପରିଷଦ ଆନୁକୂଲ୍ୟରେ କେନ୍ଦ୍ରାପଡା ପୌର ଟାଉନହଲ ପରିସରରେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ବେଦ ପ୍ରକାଶ ଅଗ୍ରୱାଲଙ୍କ ୮୬ତମ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସ୍ମୃତି ପରିଷଦ ସଭାପତି ରାଜେଶ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ରାଷ୍ଟ୍ରୀୟ ଲୋକସେବକ ମଣ୍ଡଳର ସମ୍ପାଦକ ତଥା 'ସମାଜ'ର ମୁଖ୍ୟ ପ୍ରଶାସନିକ ଅଧିକାରୀ ଡଃ. ପ୍ରଭାସ ଆଚାର୍ଯ୍ୟ ମୁଖ୍ୟବକ୍ତା ଭାବେ ଯୋଗଦେଇ କେନ୍ଦ୍ରାପଡା ଜିଲ୍ଲା ସର୍ବଦା ଓଡିଶା ରାଜନୀତିରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ବୋଲି କହିବା ସହ ଓଡିଶା ରାଜନୀତିରେ ଯେତେବେଳେ ଝଡ ଉଠିଛି ସେତେବେଳେ କେନ୍ଦ୍ରାପଡା ମାଟି ସେହି ଝଡକୁ ପ୍ରଶମିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି ବୋଲି ଶ୍ରୀ ଆଚାର୍ଯ୍ୟ ମତବ୍ୟକ୍ତ କରିଥିଲେ। ଆଜି ବିଧାନସଭା ଓ ଲୋକସଭାକୁ ନିର୍ବାଚିତ ହୋଇ ଯାଉଥିବା ଜନ ପ୍ରତିନିଧିମାନେ ଦଳୀୟ କାର୍ଯ୍ୟକୁ ଗୁରୁତ୍ୱ ପ୍ରଦାନ କରିବା ବେଳେ ଜନତାଙ୍କ ସମସ୍ୟା ସମାଧାନ କରିବାକୁ ପ୍ରାଥମିକତା ଦେଉନାହାନ୍ତି। କିନ୍ତୁ ସ୍ୱର୍ଗତ ଅଗ୍ରୱାଲ ଦଳୀୟ ରାଜନୀତିରୁ ଉର୍ଦ୍ଧ୍ୱରେ ରହି ଲୋକଙ୍କ ସମସ୍ୟାକୁ ଗୁରୁତ୍ୱ ଦେଉଥିଲେ ବୋଲି ଶ୍ରୀ ଆଚାର୍ଯ୍ୟ କହିଥିଲେ। ଏହି ସମାରୋହରେ ରାଜ୍ୟସଭା ସାଂସଦ ସୁବାଷ ସିଂ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ଅଗ୍ରୱାଲଙ୍କ ରାଜନୈତିକ ବିଚକ୍ଷଣତା ଓ ସମାଜସେବା ପ୍ରତି ଥିବା ତାଙ୍କ ଅବଦାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟସଭା ସାଂସଦ ସୁବାଷ ସିଂ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ବେଦପ୍ରକାଶ ଅଗ୍ରୱାଲଙ୍କ ରାଜନୈତିକ ବିଚକ୍ଷଣତା ଓ ସମାଜସେବା ପ୍ରତି ଥିବା ଅବଦାନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସ୍ମୃତି ସଂସଦର ଅଧ୍ୟକ୍ଷା ମଧୁମତୀ ଅଗ୍ରୱାଲ ଯୋଗଦେଇ କହିଥିଲେ ଯେ ସ୍ୱର୍ଗତ ଅଗ୍ରୱାଲଙ୍କ ନୀତି ଓ ଆଦର୍ଶକୁ ନେଇ ସ୍ମୃତି ପରିଷଦ ସମାଜସେବା ପାଇଁ କାର୍ଯ୍ୟ କରୁଛି ବୋଲି କହିଥିଲେ। ବେଦ ସ୍ମୃତି ପରିଷଦର ସଭାପତି ରାଜେଶ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ କାର୍ଯ୍ୟକ୍ରମରେ ପରାମର୍ଶଦାତା ବରିଷ୍ଠ ଆଇନଜୀବୀ ଭୀମସେନ ଭୂୟାଁ ଅତିଥି ପରିଚୟ, ଆବାହକ ପ୍ରହ୍ଲାଦ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ସ୍ମୃତି କମିଟିର ସାଧାରଣ ସଂପାଦକ ଦେବାଶିଷ ଆଚାର୍ଯ୍ୟ ସଂପାଦକୀୟ ବିବରଣୀ ପାଠ କରିଥିଲେ। ଶେଷରେ ଭବାନୀ ପ୍ରସାଦ ଓଝା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନଗର ବିଜେଡି ସଭାପତି ଯଯାତି ମହାନ୍ତି, ଭଜକୃଷ୍ଣ ରାଉତ, ଜିଲ୍ଲା ଓକିଲ ସଂଘ ସଭାପତି ଆଶୁତୋଷ ମହାନ୍ତି, ସଂପାଦକ ସେକ ଅଜିମୁଦ୍ଦିନ, ନାରାୟଣ ସ୍ୱାଇଁ, ସୁରେନ୍ଦ୍ର ସାହୁ, ତ୍ରିଲୋଚନ ଦାସ, ରମାକାନ୍ତ ସ୍ୱାଇଁ, ନବଘନ ନାୟକ, ପ୍ରଦୀପ୍ତ ମହାନ୍ତି, ରବିନ୍ଦ୍ର ନାଥ ପଣ୍ଡା, ଶାରଦା ସାମନ୍ତରାୟ, ପ୍ରକାଶ ସାହୁ, , ଭକ୍ତ ଚରଣ ମଲ୍ଲ, ପ୍ରଶାନ୍ତ କୁମାର ସିଂ ପ୍ରମୁଖ ବେଦପ୍ରକାଶ ଅଗ୍ରୱାଲଙ୍କ ସ୍ମୃତିଚାରଣ କରିଥିଲେ। ସ୍ମୃତି କମିଟି କୋଷାଧ୍ୟକ୍ଷ ଲୋହିତ ମହାନ୍ତି, ମହେଶ ପାଢୀ, ଲେଲିନ ସ୍ୱାଇଁ, ରାକେଶ କୁମାର ସେଠୀ, ଆଲୋକ ମାହାଳୀ, ମନୋଜ କୁମାର ସୁତାର, ସୁଶିଲ ରାଉତ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ କରୋନା ସମୟରେ ନିଜ ଜୀବନକୁ ବାଜି ଲଗାଇ ଲୋକଙ୍କ ସେବା କରିଥିବା ୧୨ ଜଣ ଆଶା କର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାଇନାଥ କଳା ପରିଷଦର କଳାକାର ସ୍ୱାଗତ ସଙ୍ଗୀତ ଗାନ କରିଥିଲେ।

## ଡେଲକି ଖେଡିଆ ସମାଜର ଦୁଇ ଦିବସୀୟ ମହିଳା ଫୁଟବଲ ଟୁର୍ଣ୍ଣାମେଣ୍ଟ ସମ୍ପନ୍ନ

ରାଉରକେଲା (ପିଏନ୍): ଦଲକି ଖେଡିଆ ସମାଜର ତରଫରୁ ୪ର୍ଥ ବର୍ଷ ପାଇଁ ମହିଳା ଫୁଟବଲ ଟୁର୍ଣ୍ଣାମେଣ୍ଟ ପ୍ରଧାନପାଲ୍ଲି ସ୍ଥିତ କୋଏଲ ନଦୀକୂଳ ପଡିଆରେ ଗତ ୧୮ ଓ ୧୯ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟର ଅଂିମ ଦିବସରେ ରାଉରକେଲାର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ତଥା ଜିଲ୍ଲା କଂଗ୍ରେସ ସଭାପତି ବିରେନ ସେନାପତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉପସ୍ଥିତ ସମାଜର କର୍ମକର୍ତ୍ତା ଓ ସଦସ୍ୟଙ୍କ ସମେତ ସାଧାରଣ ଲୋକଙ୍କୁ ସମ୍ବୋଧିତ କରି ବିଜୟୀ ଦଳକୁ ଟ୍ରଫି ଓ ପୁରସ୍କାର ପ୍ରଦାନ କରିଥିଲେ । ପ୍ରାରମ୍ଭରେ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ବୃନ୍ଦଙ୍କୁ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିବା ଦଳ ଓ ସ୍ଥାନୀୟ ଜନସାଧାରଣ ପାରମ୍ପରିକ ନୃତ୍ୟସଙ୍ଗୀତ ମାଧ୍ୟମରେ ସଭାସ୍ଥଳକୁ ପାଛୋଟି ନେଇଥିଲେ । ସମାଜର ସଭାପତି ମିଲ୍‌କୁ ଖେଡିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ସେନାପତି ବକ୍ତବ୍ୟ ରଖି ସମାଜର ମହିଳାମାନଙ୍କ ମଧ୍ୟରେ ଥିବା ପ୍ରତିଭାକୁ ଲୋକ ଲୋଚନକୁ ଆଣିବା ପାଇଁ ଖେଡିଆ ସମାଜର କର୍ମକର୍ତ୍ତାମାନେ ଯେଉଁ ଉଦ୍ୟମ କରୁଛନ୍ତି ତାହା ନିହାତି ପ୍ରଶଂସନୀୟ ବୋଲି କହିଥିଲେ । ଏହି ମହନୀୟ କାର୍ଯ୍ୟ ଦ୍ୱାରା ବିଭିନ୍ନ ଅଞ୍ଚଳରେ ବସବାସ କରୁଥିବା ସମାଜର ଲୋକମାନଙ୍କ ମଧ୍ୟରେ ପାରସ୍ପରିକ ସମ୍ପର୍କ ବୃଦ୍ଧି ପାଇବା ସହ ଭାଇଚାରା ଅତୁଟ ରହିବ ବୋଲି ଶ୍ରୀ ସେନାପତି ପ୍ରକାଶ କରିଥିଲେ । ସମ୍ପ୍ରତି ଦେଶ ବ୍ୟାପି ମେ' ଲଡ଼କି ହୁଁ, ଲଢ ଶକ୍ତି ହୁଁ' ସ୍ଲୋଗାନ ଚାଲିଥିବା ବେଳେ ଆମ ସୁନ୍ଦରଗଡର ଝିଅମାନେ ସେଥିରେ ମେ ଖେଲ୍ ଶକ୍ତି ହୁଁ' ଯୋଡି ପାରିଛନ୍ତି ବୋଲି ଫୁଟବଲ ଓ ହକି କ୍ରୀଡାରୁ ତାହା ପ୍ରମାଣିତ ହୋଇଛି ବୋଲି ଶ୍ରୀ ସେନାପତି ପ୍ରକାଶ କରି ସମସ୍ତ ମହିଳା ଖେଳାଳୀଙ୍କୁ ଅଭିନନ୍ଦନ ଜଣାଇଥିଲେ । ଏହି ଅବସରରେ ପୂର୍ବତନ କାଉନସିଲର ବୁଟୁ କିସାନ ଓ ଛେଣ୍ଡ ବ୍ଲକ୍ କଂଗ୍ରେସ ସଭାପତି ବିଜୟ ଆପଟ, କଂଗ୍ରେସ ସାମାଜିକ ଗଣମାଧ୍ୟମ ସଂଯୋଜକ ବିଶ୍ୱଜିତ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିବା ସହିତ ପୁରସ୍କାର ବିତରଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ଦିଲ୍ଲୀପ ଲାହିରି, ସାରଦା ପ୍ରସନ୍ନ ଦାସ, ବିଜୟ ସାହୁ, ପ୍ରତାପ ସାହୁ ଓ ଶ୍ୟାମ ସାଗର ପ୍ରମୁଖ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମାଜର ଉପସଭାପତି ଗୁରବେରୁ ଖାଡିଆ, ସମ୍ପାଦକ ବୁଟୁ ଖାଡିଆ ଓ ଅନୁପ ଖାଡିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟରେ ରାଉରକେଲା ସମେତ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିବା ଖେଡିଆ ସମାଜର ୧୬ଟି ମହିଳା ଦଳ ଅଂଶଗ୍ରହଣ କରିଥିବା ବେଳେ ପ୍ରଧାନପାଲ୍ଲୀର ଜୟହିନ୍ଦ କ୍ଲବ୍‌ର ମହିଳା ଦଳ ବିଜୟୀ ହୋଇ ପ୍ରଥମ ପୁରସ୍କାର ଗ୍ରହଣ କରିଥିଲା । ରନର୍ସ ଅପ୍ ଭାବେ ଗୋବରପେଟି ମହିଳା ଦଳ ଦ୍ୱିତୀୟ ପୁରସ୍କାର ହାସଲ କରିଥିବା ବେଳେ ଦାଣ୍ଡିଆପାଲ୍ଲୀ ତୃତୀୟ ଓ ତୁମକେଲା ମହିଳା ଦଳ ଚତୁର୍ଥ ପୁରସ୍କାର ହାସଲ କରିବାକୁ ସମର୍ଥ ହୋଇଥିଲେ । ଦୀର୍ଘ ଦୁଇଦିନ ଧରି ଚାଲିଥିବା ଏହି ମହିଳା ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଖେଡିଆ ସମାଜର ଶହ ଶହ ଲୋକ ଅଂଶଗ୍ରହଣ କରି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ । ସମାଜର ଅନୁପ ଖାଡିଆ, ଅରୁଣ ଖାଡିଆ, ବୁଟୁ ଖାଡିଆ, ଅନୁଜ ଖାଡିଆ, ବିଜୟ ଖାଡିଆ, ରାହୁଳ ଖାଡିଆ, ବାବୁଲାଲ ଖାଡିଆ ଓ ଆଶିଷ ଖାଡିଆ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ ବୋଲି ସମାଜ ତରଫରୁ ଅନୁପ ଖାଡିଆ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି ।

## ରାଜକିଶୋର ଦାଶଙ୍କ ଦୁଇଟି ପୁସ୍ତକ ଉନ୍ମୋଚିତ



ଭୁବନେଶ୍ୱର (ପିଏନ୍)- ବିଶିଷ୍ଟ କବି ତଥା ଲେଖକ ରାଜକିଶୋର ଦାଶଙ୍କ ଦୁଇଟି ପୁସ୍ତକ 'ଅଦ୍ୱୈତ ଦୃଷ୍ଟି ତତ୍ୱବୋଧ' ଓ 'ଝାପସା ସତ ଝାପସା ମିଛ' ଆଜି ବୁଦ୍ଧ ମନ୍ଦିରଠାରେ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ବା ଲୋକାର୍ପିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଦାର୍ଶନିକ ଡ. ବିଜୟାନନ୍ଦ କର, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର, ସମ୍ମାନୀତ ଅତିଥି ଭାବେ ପ୍ରମେୟ ଓ ନ୍ୟୁଜ୍-୭ର ସିଇଓ ସୁନୀଲ କୁମାର ଦାସ, ବରିଷ୍ଠ କବି ଓ ଲେଖକ ନୃସିଂହ ଷଡଙ୍ଗୀ ଯୋଗ ଦେଇଥିଲେ । କଟକ ଶିବଶକ୍ତି ସିଦ୍ଧ ଯୋଗାଶ୍ରମର ସ୍ୱାମୀ ଆଦ୍ୟାନନ୍ଦ ସରସ୍ୱତୀ, ବରିଷ୍ଠ ସାମ୍ବାଦିକ ତଥା ଲେଖକ ଶ୍ରୀରାମ ଦାଶଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା । ଏ ଦୁଇଟି ପୁସ୍ତକ ପାଠକଙ୍କ ପାଖରେ ବେଶ ଆଦୃତ ହେବ ବୋଲି ଲେଖକ ଶ୍ରୀ ଦାଶ ଆଶା ରଖିଛନ୍ତି । ମହିଳା ଉଦ୍ୟୋଗୀ ସ୍ମୃତିରଂଜିତା ଦାଶ ଧନ୍ୟବାଦ ଦେଇଥିଲେ ।

## ସ୍ୱାଧୀନତା ସଂଗ୍ରାମୀ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

### ଜାନୁଆରୀ ୨ ରେ ମହୋତ୍ସବ ସହିତ ସ୍ମୃତିସ୍ତମ୍ଭ ଉଦଘାଟନ

ଭୁବନେଶ୍ୱର (ପିଏନ୍)-ଆସନ୍ତା ଜାନୁଆରୀ ୨ ତାରିଖରେ ସର୍ବଭାରତୀୟ ସ୍ୱାଧୀନତା ସଂଗ୍ରାମୀ ମହୋତ୍ସବ ଓ ସହୀଦ ସ୍ମୃତିସ୍ତମ୍ଭ ଉଦଘାଟନ ଉତ୍ସବ ଅନୁଷ୍ଠିତ ହେବ। ଏଥିରେ ଓଡିଶା ତଥା ବାହାର ରାଜ୍ୟର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଏବଂ ସ୍ମୃତିସ୍ତମ୍ଭ ନିର୍ମାଣ ପାଇଁ ଆସିଥିବା ସହୀଦ ପୀଠ ମାଟିର ପରିବାର ଓ କର୍ମକର୍ତ୍ତାମାନେ ଯୋଗଦେବେ। ରାମ ଧ୍ୱନୀରୁ କାର୍ଯ୍ୟକ୍ରମ ଆରମ୍ଭ ହେବ।

ପ୍ରଥମ ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସ୍ମୃତିସ୍ତମ୍ଭ ଉଦଘାଟନ ହେବ। ଦ୍ୱିତୀୟ ପର୍ଯ୍ୟାୟରେ ମହାମହିମ ରାଜ୍ୟପାଳ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏ ସମସ୍ତ କାର୍ଯ୍ୟକ୍ରମ ପାଇଁ ପ୍ରତିଥର ପରି ଏଥର ମଧ୍ୟ ଅଭ୍ୟର୍ଥନା କମିଟି ଗଠନ କରାଯିବ। ଯାହାର ଅଧ୍ୟକ୍ଷ ସୂଚନା ଓ ଲୋକସମ୍ପର୍କ ବିଭାଗର ମନ୍ତ୍ରୀ ରଘୁନନ୍ଦନ ଦାସ ରହିବେ ବୋଲି ଓଡିଶା ରାଜ୍ୟ ସ୍ୱାଧୀନତା ସଂଗ୍ରାମ ସମିତି ପକ୍ଷରୁ ଆୟୋଜିତ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଛି। ସ୍ୱାଧୀନତା ସଂଗ୍ରାମୀ ଭବନଠାରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ନୀଳମଣି ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସାଂସଦ ଭର୍ତ୍ତୃହରି ମହତାବ, ବାଙ୍କିର ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ଉପେନ୍ଦ୍ର ପାଢୀ, ବିରୂପାକ୍ଷ ତ୍ରିପାଠୀ, ଦୁଃଶାସନ ସ୍ୱାଇଁ, ପ୍ରଶାନ୍ତ ଦାସ, ଅଭୟ ବଡଜେନା, ମାଳା ସିଂ, ବ୍ରଜବନ୍ଧୁ ପରିଡା, ସନ୍ତୋଷ ପତି, ଗିରିଜାଶଙ୍କର ମହାପାତ୍ରଙ୍କ ସହିତ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଏହି ବୈଠକରେ ସାବରମତୀ ଆଶ୍ରମର ସୁରକ୍ଷା ଓ ୧୮୧୭ ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ଦେବା ପାଇଁ ପ୍ରସ୍ତାବ ଉଠିଥିଲା।

## କୃଷକ ବିଜୟ ଉତ୍ସବ ଶୋକସଭାରେ ପରିବର୍ତ୍ତନ



କେନ୍ଦ୍ରାପଡ଼ା (ପିଏନ୍): କୃଷି ସୁଧାର ୩ଟି କଳା କୃଷି କାନୁନ ବାତିଲ, ପ୍ରସ୍ତାବିତ ସଂଶୋଧିତ ବିଜୁଳି ବିଲ -୨୦୨୦ ପ୍ରତ୍ୟାହାର ଓ କୃଷିଜାତ ଦ୍ରବ୍ୟର ଏମ.ଏସ.ପି. ଗ୍ୟାରେଣ୍ଟି କାନୁନ ଗଠନ ଦାବୀରେ ସଂଯୁକ୍ତ କିଷାନ ମୋର୍ଚ୍ଚାର ଦୀର୍ଘ ୧୩ମାସର ଆନ୍ଦୋଳନକୁ ସ୍ଥଗିତ ରଖାଯାଇ ସୀମାରୁ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି । କେନ୍ଦ୍ର ସରକାର ସମସ୍ତ ଦାବି ମାନି ନେଇଥିବାରୁ କୃଷକମାନଙ୍କର ଐତିହାସିକ ବିଜୟ ଘଟିଛି । ୭ଶହରୁ ଉର୍ଦ୍ଧ୍ୱ କୃଷକଙ୍କ ବଳୀଦାନ ଯୋଗୁଁ ଏହା ସମ୍ଭବ ହୋଇପାରିଛି । କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବୋଧ ଗାଁଠାରେ ଓଡିଶା କୃଷକ ସଭାର ଚାଷୀମାନେ ବିଜୟ ଉତ୍ସବ ପାଳନକୁ ବାତିଲ କରି ୭ଶହରୁ ଉର୍ଦ୍ଧ୍ୱ ଶହୀଦ କୃଷକ ଏବଂ ଦେଶର ପ୍ରଥମ ୩ ସେନା ମୁଖ୍ୟ ଜେନେରାଲ ବିପିନ ରାୱତ, ତାଙ୍କ ପତ୍ନୀ, ଓଡିଶାର ସେନା ଅଧିକାରୀ ରାଣା ପ୍ରତାପ ଦାସଙ୍କ ସମେତ ଅନ୍ୟ ୧୦ଜଣ ସେନା ଅଧିକାରୀଙ୍କ ହେଲିକେପ୍ଟର ଦୁର୍ଘଟଣା ଜନିତ ଅକାଳ ବିୟୋଗରେ ମର୍ମାହତ ହୋଇ ଜୟ ଯବାନ ଓ ଜୟ କିଷାନ ଶହୀଦଙ୍କୁ ସ୍ମରଣ କରି ଶୋକପାଳନ କରିଥିଲେ । ଆୟୋଜିତ ଏହି ଶୋକସଭାରେ କୃଷକଙ୍କ ନେତା ବିଜୟ ଦାସ, ସାନଜରିଆ ଗ୍ରାମ ପଞ୍ଚାୟତ ନାୟବ ସରପଞ୍ଚ ସୁରେନ୍ଦ୍ର ପରିଡା, ପୂର୍ବତନ ସରପଞ୍ଚ ଯଦୁମଣି ଦାସ, ଚାଷୀ ସୁନାକର ବେହେରା, ହରିହର ବାରିକ, ସହଦେବ ଦାସ, ବାସୁ ସ୍ୱାଇଁ, ରାଜକିଶୋର ଭୂୟାଁ, ଗୁରୁଚରଣ ରାଉତ, ଗୋବିନ୍ଦ ସେଠୀ, ସନାତନ ରାଉତ, ଫକିର ଚରଣ ବାରିକଙ୍କ ସମେତ ଶତାଧିକ ଚାଷୀ ଶୋକ ପାଳନ ଓ ନୀରବ ପ୍ରାର୍ଥନା କରିଥିଲେ ।

## ନୂଆ ବସଷ୍ଟାଣ୍ଡର ସତ୍ୟନାରାୟଣ ଶାନ୍ତିପୀଠରୁ ଚୋରୀ ଅଭିଯୋଗ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ସହରର ନୂଆ ବସଷ୍ଟାଣ୍ଡ ନିକଟସ୍ଥିତ ବଣିଆମାଳର ଶ୍ରୀ ସତ୍ୟନାରାୟଣ ଶାନ୍ତିପୀଠ ମନ୍ଦିରରୁ ବିଳମ୍ବିତ ରାତିରେ ଚୋରୀ ହୋଇଯାଇଥିବା ନେଇ ଟାଉନ ଥାନାରେ ଅଭିଯୋଗ ହୋଇଛି । ମନ୍ଦିରର ପୂଜକ ଭାଗ୍ୟଧର ତ୍ରିପାଠୀଙ୍କ ଅଭିଯୋଗ ଅନୁଯାଇ ସେ ମନ୍ଦିରରୁ ପୂଜା ସାରି ମନ୍ଦିର କବାଟରେ ତାଲା ପକାଇ ଘରକୁ ଯାଇଥିଲେ । କିନ୍ତୁ ସକାଳେ ସେ ମନ୍ଦିରକୁ ପୂଜା କରିବାକୁ ଆସି ଦେଖନ୍ତିତ ମନ୍ଦିର କବାଟ ଖୋଲାଅଛି ଓ ତାଲା ନାହିଁ । ପୂଜକ ସ୍ଥାନୀୟ ଲୋକମାନଙ୍କୁ ଡାକି ମନ୍ଦିର ଭିତରକୁ ଯାଇ ଦେଖନ୍ତି ତ ମନ୍ଦିର ଭିତରେ ଠାକୁରଙ୍କ ରୂପା ମୁକୁଟ, ରୂପା ପାଦୁକା, ରୂପା ଚେନ, ସୁନା ଚିତା ଗହଣା, ବାସନକୁସନ ଓ ହୁଣ୍ଡି ସହିତ ପ୍ରାୟ ୧୫ହଜାର ଟଙ୍କା ପ୍ରଭୃତି ନାହିଁ । କେହି ଦୁର୍ବୃତ୍ତ ବିଳମ୍ବିତ ରାତିରେ ଏସବୁ ଚୋରୀ କରିନେଇଥିବା ପୂଜକ ଅଭିଯୋଗ କରିଛନ୍ତି । ଥାନାରେ ଅଭିଯୋଗ ପରେ ଟାଉନ ଥାନା ଅଧିକାରୀ ଗୌରାଙ୍ଗ ଚରଣ ପୃଷ୍ଟି ଓ ସବଇନସପେକ୍ଟର ସୌମ୍ୟରଞ୍ଜନ ଜାଲି ଘଟଣାସ୍ଥଳ ପରିଦର୍ଶନ କରିବା ସହ ସ୍ଥାନୀୟ ଲୋକଙ୍କୁ ଘଟଣା ସମ୍ପର୍କରେ ପଚରାଉଚୁରା କରିଥିବା ଜଣାପଡିଛି ।

## ପର୍ବତର ସୁରକ୍ଷା ପାଇଁ ଶପଥ ନେଲେ ବନବାସୀ

ଭୁବନେଶ୍ୱର (ପିଏନ୍): ପର୍ବତର ଆବଶ୍ୟକତା ଓ ଏହାର ସଂରକ୍ଷଣ ପାଇଁ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଡିସେମ୍ବର ୧୧ ତାରିଖରେ ପାଳିତ ହୁଏ ୱାର୍ଲ୍ଡ ମାଉଣ୍ଟେନ୍ ଡେ'। ଚଳିତବର୍ଷ ପାଇଁ ବିଷୟବସ୍ତୁ ରହିଥିଲା 'ସଷ୍ଟେନେବୁଲ୍ ମାଉଣ୍ଟେନ୍ ଟୁରିଜିମ୍'। ଅର୍ଥାତ୍ ସ୍ଥାୟୀ ପର୍ବତ ପର୍ଯ୍ୟଟନ।

ସମ୍ପ୍ରତି ମାନବୀୟ ହସ୍ତକ୍ଷେପ ଯୋଗୁଁ ପର୍ବତ ଉପରେ ଦିନକୁ ଦିନ ବିପଦ ଘନେଇବାରେ ଲାଗିଛି। ଖଣି ଓ ପଥର ମାଫିଆମାନେ ପର୍ବତ ଦେହରେ ଡିନାମାଇଟ୍ ଏବଂ ଅନ୍ୟାନ୍ୟ ବିସ୍ଫୋରକ ଦ୍ରବ୍ୟ ଲଗାଇ ପର୍ବତକୁ ମାରି ଚାଲିଛନ୍ତି। ଯଦ୍ୱାରା ପ୍ରକୃତିର ଏହି ସୁନ୍ଦର ବିସ୍ମୟ ଧୀରେ ଧୀରେ ହଜିଯିବାକୁ ବସିଲାଣି। ପର୍ବତର ମହତ୍ୱ ସମ୍ପର୍କରେ ଜନସଚେତନତା ସୃଷ୍ଟି, ସଂରକ୍ଷଣ ଓ ଏହାର ବିକାଶ ଉଦ୍ଦେଶ୍ୟରେ ଭୁବନେଶ୍ୱର ଉପକଣ୍ଠରେ ଥିବା ଚନ୍ଦକା-ଡମ୍ପଡ଼ା ହସ୍ତୀ ଅଭୟାରଣ୍ୟ ଘେର ମଧ୍ୟରେ ରହୁଥିବା କନ୍ଦଳେଇ ଆଦିବାସୀପଲ୍ଲୀର ବନବାସୀଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଗାଁ କନ୍ଦଳେଇ ପର୍ବତ ଉପରେ ଅନୁଷ୍ଠିତ ହୋଇଯାଇଅଛି।

ପରିବେଶବିତ୍ ସୁଶାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ବନବାସୀମାନେ ଗାଁ କନ୍ଦଳେଇ ପର୍ବତର ସୁରକ୍ଷା ପାଇଁ ଶପଥ ନେଇଥିଲେ। ପାହାଡ଼, ପର୍ବତ, ଜଙ୍ଗଲ, ଝରଣା ହେଉଛି ଆମ ଜୀବନ। କୌଣସି ପରିସ୍ଥିତିରେ ଏହାକୁ ନଷ୍ଟ କରିବାକୁ ଦେବୁନାହିଁ ବୋଲି ବନବାସୀମାନେ ପ୍ରକାଶ କରିଥିଲେ।

ଜୈବ ବିବିଧତା, ଜଳବାୟୁ ପରିବର୍ତ୍ତନ, ଜଳଚକ୍ର, ଭୂମିରୂପ ପରିବର୍ତ୍ତନ ଏବଂ ମାନବ ଜୀବନକୁ ପରିପୁଷ୍ଟ କରିବାରେ ପର୍ବତ କିପରି ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଥାଏ, ସେ ସମ୍ପର୍କରେ ଶ୍ରୀ ସାହୁ ବନବାସୀମାନଙ୍କୁ ବୁଝାଇଥିଲେ। କନ୍ଦଳେଇ ପର୍ବତରେ ରହିଛି ପ୍ରକୃତିର ମନଲୋଭା ଦୃଶ୍ୟ ସହ ଆକର୍ଷଣୀୟ ସବୁଜିମା ପରିବେଶ। ତତ୍‌ସହ ବିଭିନ୍ନ ପ୍ରଜାତିର ଔଷଧୀୟ ବୃକ୍ଷ ଭରି ରହିଛି।

ଏ ସବୁର ସୁରକ୍ଷା ନିତାନ୍ତ ଜରୁରୀ ବୋଲି ଯୋଗ ଦେଇଥିବା ସାମାଜିକ କର୍ମୀମାନେ ମତପ୍ରକାଶ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ତ୍ରିଲୋଚନ ବେଉରା, ପ୍ରିୟବ୍ରତ ପଣ୍ଡା, ବାଳକୃଷ୍ଣ ରାଉତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

ସଂ ଗଚ୍ଛଦ୍ଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୧, ଡିସେମ୍ବର ୨୪

# ବିଶ୍ୱପ୍ରେମର ବାର୍ତ୍ତାବହ ଅଟେ ଖ୍ରୀଷ୍ଟମାସ



ଯୀଶୁ ବିଶ୍ୱରେ ଦିବ୍ୟ, ସମ୍ପୂର୍ଣ୍ଣ ପ୍ରେମର ଶିକ୍ଷା ଦେଇଥିଲେ। ସେ ଦୟା ଓ ଦାନର ଉଚ୍ଚ ପ୍ରଶଂସା କରିଥିଲେ। ତାଙ୍କ ମତରେ "ଦାନ ଗ୍ରହଣ ଅପେକ୍ଷା ଦାନ ଦେବା ଅଧିକ ଶ୍ରେୟସ୍କର। ହୃଦୟର ଅମୂଲ୍ୟ ରତ୍ନ ଦାନ କର। ଏହା ବଦଳରେ କୌଣସି ପ୍ରାପ୍ତିର ଆଶା ରଖ ନାହିଁ। ତୁମେ ତୁମର ସ୍ୱଚ୍ଛ ଭଣ୍ଡାରରୁ ଯେତେ ଅଧିକ ବ୍ୟୟ କରିବ ଭଗବାନ ତା'ର ଦୁଇଗୁଣ କରି ପ୍ରଦାନ କରିବେ। ଯିଶୁଙ୍କୁ କ୍ରୁଶବିଦ୍ଧ କରାଯାଇଥିଲା। ସେ ଆନନ୍ଦରେ ମୃତ୍ୟୁକୁ ଗ୍ରହଣ କରିବା ସମୟରେ ଯେଉଁ ପ୍ରେମ ତଥା ଦୟାର ଅମରବାଣୀ କହିଥିଲେ ଯାହା ଥିଲା "ହେ ପ୍ରଭୁ! ମୋତେ ଯେଉଁମାନେ ଯନ୍ତ୍ରଣା ଦେଇଛନ୍ତି ମୋର ମୃତ୍ୟୁ ବଦଳରେ ସେମାନଙ୍କୁ କ୍ଷମା ପ୍ରଦାନ କର"। ତାଙ୍କର ଏହି ବିଶାଳ କ୍ଷମାଶୀଳ ହୃଦୟ ଯୋଗୁ ଆଜି ସମଗ୍ର ବିଶ୍ୱବାସୀଙ୍କ ହୃଦୟରେ ସେ ପୂଜିତ। ସେ ଥିଲେ କ୍ଷମାର ଅବତାର। ସେ ଜାଣିଥିଲେ ଧାର୍ମିକ ନ୍ୟାୟ ପରାୟଣ ବ୍ୟକ୍ତିଙ୍କୁ ଭଗବାନ କଷ୍ଟ ଦେଇ ଅଧର୍ମୀଙ୍କ ହୃଦୟରେ ପରିବର୍ତ୍ତନ ଆଣିଥାନ୍ତି।

ଯୀଶୁ କ୍ରୁଶବିଦ୍ଧ ହେଲା ପରେ ଜୀବିତ ହୋଇଥିଲେ। ଯୀଶୁଙ୍କ ମତରେ ମୃତ୍ୟୁର ପୁନର୍ଜୀବନ ଲାଭ ଶରୀରର ସୀମିତ ଅବସ୍ଥାରୁ ଅବର୍ଣ୍ଣନୀୟ ପରିପ୍ରକାଶ। ଏହା ହିଁ ଭଗବାନଙ୍କ ସହ ଅନନ୍ତ ମିଳନ। ଯୀଶୁ ଜଣେ ମହାନ ପରିପୂର୍ଣ୍ଣ ଯୋଗୀ ଓ ସନ୍ୟାସୀ



ଥିଲେ। ତାଙ୍କର ଶରୀର ସହ ସମ୍ପର୍କ ନ ଥିଲା। ତାଙ୍କର ପରମାତ୍ମାଙ୍କ ସହ ସମ୍ପର୍କ ସ୍ଥାପିତ ହୋଇଥିଲା। ସେ କହିଥିଲେ, "ମୁଁ ଏବଂ ମୋର ପିତା ଏକ ଓ ଅଭିନ୍ନ"।

**ଖ୍ରୀଷ୍ଟମାସର ତାତ୍ପର୍ଯ୍ୟ-** ଯିଶୁଖ୍ରୀଷ୍ଟଙ୍କ ନାମ ଅନୁସାରେ ଖ୍ରୀଷ୍ଟମାସ ନାମିତ। ଏହି ଦିବସଟି ତ୍ରାଣକର୍ତ୍ତା, ଯୋଗୀ ଯୀଶୁଙ୍କର ଜନ୍ମ ଦିବସ। ସେ ମେରୀ ଓ ଯୋସେଫଙ୍କ ଔରସରୁ ବେଥଲେହେମର ଏକ ଅଶ୍ୱଶାଳାରେ ଜନ୍ମ ଗ୍ରହଣ କରିଥିଲେ। ଏକ ଅନାମଧେୟ ଗ୍ରାମର ବଢେଇ ପରିବାରରେ ତାଙ୍କର ଜନ୍ମ। ସେହି ଅଶ୍ୱଶାଳାକୁ ଯୀଶୁଙ୍କ ପିତାମାତା ମହାନ ଶାନ୍ତିର ଯୁବରାଜ ଯୀଶୁଙ୍କ ନିମିତ୍ତ ଗୃହରେ ପରିଣତ କରିଥିଲେ। ତାଙ୍କର ସେହି ଜନ୍ମଦିବସଟି ପ୍ରତ୍ୟବର୍ଷ ପବିତ୍ର ଖ୍ରୀଷ୍ଟମାସ ଭାବରେ ପାଳନ କରାଯାଏ।

ଖ୍ରୀଷ୍ଟମାସ ବିଶ୍ୱପ୍ରେମର ବାର୍ତ୍ତା ପ୍ରଚାର କରେ। ଏହାର ଗୌରବ ଓ ମହତ୍ତ୍ୱ



ଅବର୍ଣ୍ଣନୀୟ। ଖ୍ରୀଷ୍ଟମାସର ବାର୍ତ୍ତା ଶାନ୍ତିର ମହାନ ବାର୍ତ୍ତା। ଖ୍ରୀଷ୍ଟମାସ ଦିନଟି ଆନନ୍ଦ ଉତ୍ସବଠାରୁ ଅଧିକ। ଏହି ଦିନଟି ଯୀଶୁ ଚେତନା ବା ଦିବ୍ୟଚେତନା ଅନୁଧ୍ୟାନ କରିବାର ଦିନ। ଏହି ଦିନରେ ଯୀଶୁଖ୍ରୀଷ୍ଟଙ୍କର ମହାନ କାର୍ଯ୍ୟାବଳୀର ସ୍ମରଣ କରିବା ଆବଶ୍ୟକ। ତାଙ୍କର ଜୀବନ ସ୍ୱତନ୍ତ୍ର ଓ ପବିତ୍ର ଥିଲା। ଖ୍ରୀଷ୍ଟମାସ ଆସୁଛି ଓ ଯାଉଛି, ମାତ୍ର ଏହାର ମହତ୍ୱ ଯୁଗେ ଯୁଗେ ତିଷ୍ଠି ରହିଛି।

ଏହି ଖ୍ରୀଷ୍ଟ ମାସ ଦିନଟି ଆନନ୍ଦ ଉତ୍ସବର ଦିନ ନୁହେଁ। ଗୀତ ଗାୟନ, ଘଂଟିବାଦନ, ଉପହାର ଆଦାନ ପ୍ରଦାନ, ଖ୍ରୀଷ୍ଟମାସର କାର୍ଡ ବଂଟନ, ଭୋଜିଭାତ, ଧୁମଧାମ୍ ପାଳନ କରିବା ଉଚିତ ନୁହେଁ। ଏହା ଏକ ଆଧ୍ୟାତ୍ମିକ ଚେତନାର ଜାଗରଣ ଦିବସ। ନିଜର ଅନ୍ତରତମ ପ୍ରଦେଶରେ ପ୍ରଭୁଙ୍କ ସହ ବାର୍ତ୍ତାଳାପ କରିବା, ହଜିଯାଇଥିବା ପବିତ୍ର ଭାବକୁ ସ୍ମରଣ କରିବା, ଦିବ୍ୟ ଚେତନା ଆହରଣ କରିବା, ସମସ୍ତଙ୍କ ସହ ପ୍ରେମମୟ ଭାବ ପୋଷଣ କରିବା, ସମସ୍ତଙ୍କୁ ପ୍ରେମ ବନ୍ଧନରେ ମଜ୍ଜାଇ ରଖିବା ହିଁ ପ୍ରକୃତ ଖ୍ରୀଷ୍ଟମାସ ପାଳନର ଉଚିତ ପନ୍ଥା।

ଖ୍ରୀଷ୍ଟଙ୍କ ମାର୍ଗ ଅନୁସରଣ, ଦୈନନ୍ଦିନ କର୍ମରେ ଆତ୍ମୀୟତା, ଆନନ୍ଦ ଓ ଶାନ୍ତିର ଅନୁଭୂତି, ଖ୍ରୀଷ୍ଟଙ୍କ ପ୍ରେମ ଓ ତ୍ୟାଗର ଆଦର୍ଶ ଗ୍ରହଣ, ଅନ୍ତରତମ ପ୍ରଦେଶର ଲୁକ୍କାୟିତ ଆଧ୍ୟାତ୍ମିକ ଶକ୍ତିର ଜାଗରଣ, ଭଗବତ୍ ଚେତନା ଲାଭ କରିବା ଆବଶ୍ୟକ। ଆତ୍ମବଡ଼ିମା, ଅହଂକାର ବ୍ୟକ୍ତି ବିଶିଷ୍ଟତା ତ୍ୟାଗ, ପୁଣି ଖ୍ରୀଷ୍ଟଙ୍କର ବିଶ୍ୱାତ୍ମା ସହ ମିଳନର କର୍ମ ହିଁ ବାସ୍ତବ ଖ୍ରୀଷ୍ଟମାସ ଉତ୍ସବ ପାଳନର ମହାନତା।

ଏପରି ପାଳନୀୟ ଖ୍ରୀଷ୍ଟମାସ କେବେ ଆସେ ନାହିଁ କି ଯାଏ ନାହିଁ। ଏହା ଚିରନ୍ତନ ଯୀଶୁଙ୍କ ଅନୁଗାମୀମାନଙ୍କ ପାଇଁ ପ୍ରତ୍ୟେକ ଦିବସ ହିଁ ଖ୍ରୀଷ୍ଟମାସ ଦିବସ।

**ଉମାଶଙ୍କର ପ୍ରସାଦ**, ସମ୍ପାଦକ ତଥା ସ୍ତମ୍ଭକାର, ମାର୍ଗଦର୍ଶୀ, ଖୋର୍ଦ୍ଧା, ମୋ ନଂ-୬୩୭୦୬୭୫୫୬୨

## ଆଜିର ଅନୁଚିନ୍ତା

ଅନ୍ୟକୁ ପ୍ରତାରିତ କରି କେବେ କେହି ସୁଖୀ ହୋଇପାରେନା। ସ୍ୱାର୍ଜିତ ଧନ ହିଁ ସୁଖ ପ୍ରଦାନ କରେ।

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ କରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।

E-mail: editorpbkc@gmail.com
9853400829 (M), Fax: 0674-2550504

# ବିଶ୍ୱ ମାସ୍କ ପରିଧାନ ଦିବସକୁ ଅପେକ୍ଷା !

**ହିମାଂଶୁଶେଖର ଆଚାର୍ଯ୍ୟ**

ସଂସ୍କୃତି ଗୋଟିଏ ଜାତିର ପରିଚୟ। ସଂସ୍କୃତିରୁ ସେ ଦେଶର ଚାଲି ଚଳଣି, ଆଚାର, ବ୍ୟବହାର, ରୀତି, ନୀତି ଓ ପରମ୍ପରା ବାରି ହୋଇପଡେ। ଆମ ସଂସ୍କୃତି ମହାନ। ଏକଦା ଆମ ସଂସ୍କୃତିର ଧାରା ଥିଲା 'ବସୁଧୈବ କୁଟୁମ୍ବକମ୍'- 'ସର୍ବେ ଭବନ୍ତୁ ସୁଖୀନଃ' - 'ମୋ ଜୀବନ ପଛେ ନର୍କେ



ପଡିଥାଉ, ଜଗତ ଉଦ୍ଧାର ହେଉ।' ଏସବୁ ଆଜି ଆଈ ମା' କାହାଣୀ ପରି ଲାଗୁଛି। ଆଧୁନିକତାର ଚାକଚକ୍ୟ ମଧ୍ୟରେ ସେ ସବୁ ବିବର୍ଜିତ ହୋଇ ପଡିରହିଛି। 'ରାତି ପାହିଲାଣି ରାବଇ କାଉ, ଉଠ ଉଠ ମଠ ନକର ଆଉ'- ପିଲାଙ୍କ ପଢାବହିରେ ଥିବା ଏହି ଉକ୍ତିଟି ଆଜି ଶିଶୁମାନସରୁ ଲିଭିଯିବାକୁ ବସିଲାଣି। କୌଣସି ଶୁଭାଶୁଭ ମନାସିଲେ ପ୍ରଥମେ କାଉକୁ ଆଧାର ଦିଆଯିବାର ପରମ୍ପରା ରହିଛି। କେବଳ ସେତିକି ନୁହେଁ, ଆକାଶରେ ଜହ୍ନକୁ ଦେଖି ଶିଶୁପ୍ରାଣ ଆଉ ପୁଲକିତ ହେଉନାହିଁ। 'ଆ ଜହ୍ନମାମୁଁ ସରଗ ଶଶୀ - ମୋ କାହ୍ନୁ କୋଳରେ ପଡରେ ଖସି'ର ପ୍ରାଣମୟ ଆବେଦନ ହଜିଗଲାଣି ଟି.ଭି.ର କାର୍ଟୁନ୍ ଶୋ'ରେ। ବାଃ ବାଃ ବ୍ଲାକ୍‌ସିପ୍, ଟୁଇଁକିଲ୍ ଟୁଇଁକିଲ୍ ଲିଟିଲ ଷ୍ଟାର ଭିତରେ ଲୁଚି ଯାଉଛି ତା'ର କଳ୍ପନା। ସତୁରୀ ପ୍ରତିଶତ, ଅଶୀ ପ୍ରତିଶତ, ନବେ ପ୍ରତିଶତ ଅଙ୍କକଷା ଭିତରେ ସଙ୍କୁଚିତ ହୋଇଯାଇଛି ତା'ର ପ୍ରାଣର ବିସ୍ତାର। 'ଶଙ୍ଖଚିଲ ଭାଇ ନମସ୍କାର', 'ଜହ୍ନିଫୁଲ ଠୋ ଠା - କାକୁଡି ଫୁଲ ଠୋ ଠା' କହି ତାଳିମାରି ନାଚିପାରୁନି ସେ।

ସଭ୍ୟତାର ପ୍ରସାର ସହିତ ମଣିଷ କ୍ରମଶଃ ଦୂରେଇ ଯାଉଛି ନିଜ ସଂସ୍କୃତିଠାରୁ। ଉପଭୋକ୍ତାବାଦ ମଣିଷକୁ ଆଉ ମଣିଷ ଅବସ୍ଥାରେ ରହିବାକୁ ଦେଉନାହିଁ। ଧନ ବଳରେ ନଷ୍ଟ ହୋଇଯାଉଛି ମୂଲ୍ୟବୋଧ। ଏହି ମୂଲ୍ୟବୋଧର ଅବକ୍ଷୟ ଅପସଂସ୍କୃତିକୁ ଡାକି ଆଣୁଛି ହାତଠାରି। ଫଳସ୍ୱରୂପ ଆମ ସାଂସ୍କୃତିକ ଜୀବନ ହୋଇଉଠିଛି ବିକଳାଙ୍ଗ। ଆଜି ଭାଗବତ ଘର ଡିଅରେ ମୁଣ୍ଡ ଟେକିଛି ଯୁବକ ସଂଘ, ମହିଳା ସମିତି। ଚାଟଶାଳୀ ଜାଗାରେ ଠିଆହୋଇଛି ଅଙ୍ଗନବାଡି, ବାପା ଏବେ ଡାଡି, ବୋଉ ମମି, ଆଉ ମାଉସୀ, ଖୁଡି, ମାଈଁ ଏମାନେ ସମସ୍ତେ ଆଣ୍ଟିରେ ଗଣା। ସେମିତି ଦାଦା, ମଉସା, ମାମୁଁ ଏମାନେ ସମସ୍ତେ ଅଙ୍କଲ। ନମସ୍କାର ଆଉ ପ୍ରଣାମ ବଦଳରେ ଟା ଟା ବାଏ ବାଏ। ଏତ ଗଲା ଆମ ନିତିଦିନିଆ କଥା। ବାହାଘର, ବ୍ରତଘର ଓ ପୂଜା ପାର୍ବଣ କଥା ନ କହିଲେ ଭଲ। ବାହାଘରମାନଙ୍କରେ ବରଯାତ୍ରୀ ମେଳରେ ଚାଲିଛି ଉଦଣ୍ଡ ନୃତ୍ୟ। ମାଣବସା ଗୁରୁବାରରେ ଲକ୍ଷ୍ମୀ ପୁରାଣ କ୍ୟାସେଟ୍‌ରେ କାମ ଚଳିଯାଉଛି। ଏପରିକି ଅଷ୍ଟପ୍ରହରୀମାନଙ୍କରେ ବିଭିନ୍ନ ସିନେମା ଗୀତର ଧୂନ୍‌କୁ ଅନୁକରଣ କରାଯାଇ ନାମ ସଂକୀର୍ତ୍ତନ ଚାଲିଛି। ଏବେ ଆମ ସଂସ୍କୃତିକୁ ଗତ କିଛି ବର୍ଷ ହେଲା ଧସେଇ ପଶିଛି କାଉଡିଆ ସଂସ୍କୃତି। କାହିଁ କେଉଁ କାଳରୁ ଶିବ ଉପାସନା ଆମ ସଂସ୍କୃତିରେ ପ୍ରଚଳିତ ଥିଲେହେଁ ଏବେ ତାହାକୁ ଆଧାର କରି କାଉଡିଆମାନଙ୍କର ଭିଡ କାହିଁରେ କ'ଣ। ଯେଉଁଠି ଦେଖିବ ରାସ୍ତାରେ କାଉଡି ଧରି ଆବାଳବୃଦ୍ଧବନିତା ଚାଲିଛନ୍ତି ଶୈବ ପିଠକୁ। ଏଠାରେ ଭକ୍ତି ଅପେକ୍ଷା ମସ୍ତି ବେଶି।

ନାଚ, ଗୀତ କଥା ଆହୁରି ତଦ୍ରୁପ। ଆମ ଓଡ଼ିଶୀ ନାଚ ଆମକୁ ଭଲ ଲାଗୁନି। ରେକର୍ଡ ଡ୍ୟାନ୍ସର ଯୁଗ ଏବେ। ବିଭିନ୍ନ ମଞ୍ଚ, ସାଂସ୍କୃତିକ ଅନୁଷ୍ଠାନଠାରୁ ଆରମ୍ଭ କରି ଗଣନାଟ୍ୟ ପର୍ଯ୍ୟନ୍ତ ସବୁଠି ଏହାର ଛାପ। ଏପରିକି ଟିଭି ଚ୍ୟାନେଲରେ ଜାତୀୟସ୍ତରଠାରୁ ଆରମ୍ଭ କରି ଆମ ଓଡିଆ ଟି.ଭି. ଚ୍ୟାନେଲ ପର୍ଯ୍ୟନ୍ତ ସବୁଠି କାୟା ବିସ୍ତାର କରିଚାଲିଛି ଏହି ଡ୍ୟାନ୍ସ ଧମାକା। ଏ ସବୁ ଦେଖିବାକୁ ଉତ୍କଣ୍ଠିତ ଆମ ଯୁବ ସମାଜ। ଅଭିଭାବକମାନେ ବି ଏହି ମାନିଆରୁ ମୁକ୍ତ ନୁହଁନ୍ତି। ଗୀତ ତ ଏଠି ପଣ୍ୟଦ୍ରବ୍ୟ। ବେପାରୀ ଚିନ୍ତାଚେତନା ନେଇ ଏଠି ପ୍ରସ୍ତୁତ ହେଉଛି ଭଜନ, ଜଣାଣ ଓ ଆଧୁନିକ ଗୀତର କ୍ୟାସେଟ୍। ଦ୍ୱିଅର୍ଥବୋଧକ ଶବ୍ଦ ସଂଯୋଜନା ଓ ଚାଲୁ ସ୍ୱର ଏଠି ହୋଇଛି ଭଲ ସଙ୍ଗୀତର ମାପକାଠି।

ପୂଜ୍ୟପୂଜା ଆଉ ନାହିଁ। ଅପୂଜ୍ୟକୁ ପୂଜା କରିବା 'ବିଧି'ରେ ପରିଣତ ହୋଇଛି। ଅନେକ ପୂଜ୍ୟ ବରପୁତ୍ର ଆଜି ଅବହେଳିତ। କେଉଁଠି ସେମାନେ ଭଗ୍ନ ଓ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛନ୍ତି ତ ଆଉ କେଉଁଠି ସେମାନଙ୍କର ପ୍ରତିମୂର୍ତ୍ତି ଭଙ୍ଗାଯାଉଛି। ସେହି ବରପୁତ୍ର ମାନେ ସିନା ଆଜି ନାହାଁନ୍ତି, ହେଲେ ପ୍ରତିମୂର୍ତ୍ତିଗୁଡିକୁ ସୁରକ୍ଷା ଦେବା ସହ ସେମାନଙ୍କ ସ୍ମୃତିକୁ ସାଉଁଟି ରଖିବାର



ସମୟ ଆସିଛି। କେବଳ ଜୟନ୍ତୀ ଓ ଶ୍ରାଦ୍ଧପାଳନରେ ସୀମିତ ରହିଛନ୍ତି ଅନେକ ଯୋଗଜନ୍ମା ବରପୁତ୍ର। ବାସ୍ତବରେ ଏଥିପ୍ରତି କାହାରି ନିଘା ନାହିଁ। ସେହିପରି ଉପାଧିକୁ ନେଇ ଅନେକ ବିତର୍କ ମୁଣ୍ଡ ଟେକିବାରେ ଲାଗିଛି। ରାଜ୍ୟସ୍ତରରେ ସାହିତ୍ୟ ଏକାଡେମୀଠାରୁ ଆରମ୍ଭ କରି ଜାତୀୟ ସ୍ତରରେ ପଦ୍ମଶ୍ରୀ, ପଦ୍ମଭୂଷଣ, ଜ୍ଞାନପୀଠ ଏପରିକି ସର୍ବୋଚ୍ଚ ଉପାଧି 'ଭାରତ ରତ୍ନ' ପର୍ଯ୍ୟନ୍ତ ସବୁଠି ଏକା କଥା। ଏପରିକି କେତେକ କ୍ଷେତ୍ରରେ ଏହାକୁ ନେଇ ଘଟଣା କୋର୍ଟ ପରିସରକୁ ଯାଉଛି। ଫଳରେ ଉପାଧିର ଗୁରୁତ୍ୱ ହ୍ରାସ ପାଇବାରେ ଲାଗିଛି। ସେଦିନ ମାଣିକ ଗଉଡୁଣୀ କଳାଧଳା ଘୋଡାରେ ଯାଉଥିବା ଦୁଇଜଣ ଦିବ୍ୟପୁରୁଷଙ୍କୁ ଦହି ପୋଷେ ପୋଷେ ଦେଇ ସେମାନଙ୍କ ତୃଷ୍ଣା ମେଣ୍ଟାଇଥିଲା। କାରଣ ସେଥିରେ ଥିଲା ଆମ ସଂସ୍କୃତିରେ ସ୍ନେହ ଓ ଆତିଥ୍ୟର ଉଦାରଭାବ, 'ଅତିଥି ଦେବୋଭବ'ର ପରମ୍ପରା। ଏକଥା ସିନା ମାଣିକ ଗଉଡୁଣୀ ବୁଝିଥିଲା, କିନ୍ତୁ ନିଜର ପଦପଦବୀ ଓ ସ୍ୱୀକୃତିକୁ ନେଇ ଡିଣ୍ଡିମ ପିଟୁଥିବା ଏବର ବିଜ୍ଞ ମଣିଷମାନେ ଏକଥା ବୁଝୁନାହାଁନ୍ତି। ଏହାହିଁ ବିଡମ୍ବନା!

କିଛିଦିନ ଧରି ଭିନ୍ନ ଏକ ଅନୁକରଣ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ତାହା ହେଉଛି ରୁମାଲ ବନ୍ଧା ସଂସ୍କୃତି। ଦୁଇଚକିଆ ଯାନରେ ଗଲାବେଳେ ଝିଅମାନେ ମୁହଁରେ ଆଖି ତଳକୁ ରୁମାଲ ବାନ୍ଧି ଯିବାର ଦେଖିବାକୁ ମିଳୁଥିଲା। ସେତେବେଳେ ଏହାକୁ ଆମେ ଭିନ୍ନ ଦୃଷ୍ଟିରେ



ଦେଖୁଥିଲୁ। ସେହିପର ସଂଖ୍ୟାଲଘୁ ସଂପ୍ରଦାୟରେ ଏବେବି ପରଦା ପ୍ରଥା ପ୍ରଚଳିତ ହୋଇ ରହିଛି। ସମ୍ପ୍ରତି ବିଶ୍ୱମହାମାରୀର ରୂପ ନେଇଥିବା କରୋନା ଆମକୁ ଭିନ୍ନ ଏକ ଚିନ୍ତା ଅଣିଦେଇଛି। ଏହି ରୋଗରେ ସାରା ବିଶ୍ୱରେ ତିନିଲକ୍ଷରୁ ଉର୍ଦ୍ଧ୍ୱ ଲୋକ ମୃତ୍ୟୁବରଣ କରିସାରିଲେଣି। ତଥାପି ଏହି ରୋଗର ସଂକ୍ରମଣ କମିବାର ନା ଧରୁନି; ବରଂ ଦିନକୁ ଦିନ ସଂକ୍ରମଣ ସଂଖ୍ୟା ଓ ମୃତ୍ୟୁସଂଖ୍ୟା ବଢିବାରେ ଲାଗିଛି। ଆମ ଦେଶ ତଥା ରାଜ୍ୟ ମଧ୍ୟ ଏଥିରୁ ବି ବାଦ ପଡିନି। ଏହି ରୋଗର ନିରାକରଣ ପାଇଁ କୌଣସି ଟୀକା ବାହାରି ନଥିବା ବେଳେ ସାମାଜିକ ଦୂରତା ସଙ୍ଗରୋଧ ସାନିଟାଇଜର ବ୍ୟବହାର ସହ ମାସ୍କ (ତୁଣ୍ଡି) ପରିଧାନକୁ ଗୁରୁତ୍ୱ ଦିଆଯାଉଛି। ବିଶେଷ କରି ମାସ୍କ ବା ତୁଣ୍ଡି ପିନ୍ଧିବା ଏହି ରୋଗ ପାଇଁ ସୁରକ୍ଷା କବଚ ସାଜିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଜଣେ ବରିଷ୍ଠ ଅଧିକାରୀଙ୍କ ମତରେ ନିକଟରେ ଏହି ରୋଗରୁ ମୁକ୍ତି ପାଇବାର ସମ୍ଭାବନା ନାହିଁ। ତେଣୁ ଆଗାମୀ ଦିନ ମାନଙ୍କରେ ଆମକୁ ମୁହଁରେ ତୁଣ୍ଡି ବାନ୍ଧି ଚଳପ୍ରଚଳ କରିବାକୁ ହେବ। ନିକଟରେ ଜର୍ମାନୀରେ ମାସ୍କ ବାନ୍ଧିବାକୁ ବାଧ୍ୟତାମୂଳକ କରାଯାଇଛି। ଯାହା ଜଣାପଡୁଛି ଆମକୁ ମଧ୍ୟ ମାସ୍କ ପିନ୍ଧା ସଂସ୍କୃତିକୁ ଆପଣେଇବାକୁ ପଡିବ।ଏସବୁ ସତ୍ତ୍ୱେ କିଛି ଅମାନିଆ ମାସ୍କ ପିନ୍ଧୁନାହାନ୍ତି। ସାମାଜିକ ଦୂରତା ବି ମାନୁନାହାନ୍ତି। ଏପରିକି ଜୋରିମାନା ଦେଲେ ବି କୋଭିଡ୍ ନିୟମ ପାଳନ କରୁନାହାନ୍ତି। ଫଳରେ ସେମାନେ ନିଜପାଇଁ ବିପଦ ଆଣିବା ସହ ପରୋକ୍ଷରେ ଅନ୍ୟମାନଙ୍କ ପାଇଁ ବିପଦ ଡ଼ାକି ଆଣୁଛନ୍ତି। ଏହା ହିଁ ବିଡ଼ମ୍ବନା। ପୁଣି ମାସ୍କ ପିନ୍ଧିବା ନିୟମ କଡାକଡି ପାଳନ ହେବ ବୋଲି ସୂଚନା ଦିଆଯାଇଛି। ତଥାପି ଲୋକମାନେ ଆଉ ପୂର୍ବଭଳି ମାନୁନାହାନ୍ତି। ସେମାନେ ଭାବୁଛନ୍ତି ଯେ କରୋନା ଆଉ ବୋଧେ ନାହିଁ। କିନ୍ତୁ ଏବେ କରୋନାର ନୂଆ ଭାରିଏଣ୍ଟ୍ ଓମିକ୍ରନ୍ ସମଗ୍ର ବିଶ୍ୱପାଇଁ ପୁଣି ନୂଆ ବିପଦ ସୃଷ୍ଟି କରିଛି। ଏପରିକି କରୋନା ଟିକାର ଦୁଇମାତ୍ରା ନେବା ପରେ ବି ଓମିକ୍ରନ୍‌ଠାରୁ ମୁକ୍ତି ମିଳିବା କଷ୍ଟକର। ତେଣୁ 'ହୁ' ଠାରୁ ଆରମ୍ଭ କରି ଆମ ଦେଶର
କେନ୍ଦ୍ର ଓ ରାଜ୍ୟସରକାର ଏ ବାବଦରେ ବାରମ୍ବାର ଆମକୁ ଚେତେଇ ଆସୁଛନ୍ତି। ଯେ ପର୍ଯ୍ୟନ୍ତ ଏ ମହାମାରୀ ସମ୍ପୂର୍ଣ୍ଣରୂପେ ଟଳିନାହିଁ ଆମକୁ ପୂର୍ବଭଳି ମାସ୍କ ପରିଧାନ କରିବାକୁ ହେବ, ଭିଡ଼ ଜାଗା ମାନଙ୍କରେ ସାମାଜିକ ଦୂରତା ବଜାୟ ରଖିବାକୁ ହେବ ଓ ବାହାରୁ ଆସିଲେ ବାରମ୍ବାର ସାବୁନ୍ ଓ ସାନିଟାଇଜର୍‌ରେ ହାତ ଧୋଇବାକୁ ହେବ। ବିଶେଷ କରି ମାସ୍କ ପରିଧାନ ହିଁ କରୋନାର ସବୁଠୁ ବଡ଼ ସୁରକ୍ଷା କବଚ। ଏହିକଥା ଆମକୁ ଗୁରୁତ୍ୱର ସହ ବିଚାର କରିବାକୁ ହେବ। ଏବେ ଡିସେମ୍ବର ମାସ ପାଇଁ ନୂଆ ସ୍ୱତନ୍ତ୍ର କୋଭିଡ୍-୧୯ ଗାଇଡଲାଇନ୍ ପ୍ରକାଶ ପାଇଛି। ଏଣିକି ମାସ୍କ ପିନ୍ଧିବା ବାଧ୍ୟତାମୂଳକ କେତେଦିନ ରହିବ ତାହା ସମୟ କହିବ। ସୂଚନାଯୋଗ୍ୟ ଯେ, ମାସ୍କ ପିନ୍ଧିବା ଜାପାନର ସଂସ୍କୃତିର ଏକ ଅଂଶବିଶେଷ। ସେଠାରେ ଥଣ୍ଡା, କାଶ ଓ ଛିଙ୍କ ହେଲେ ମାସ୍କ ପରିଧାନ କରାଯାଏ। ଯାହା ଜଣାପଡୁଛି କରୋନାର ଭୟାବହତା ଓ ମାସ୍କ ପିନ୍ଧିବା ଗୁରୁତ୍ୱ ସମ୍ପର୍କରେ ବିଶ୍ୱବାସୀଙ୍କୁ ସଚେତନ କରିବା ପାଇଁ ହୁଏତ ବିଶ୍ୱସ୍ତରରେ ଅନ୍ୟାନ୍ୟ ଦିବସ ପାଳନ ହେଲାପରି ବିଶ୍ୱ ମାସ୍କ ପରିଧାନ ଦିବସ ପାଳନ କରିବା ପାଇଁ ଗୋଟିଏ ଦିନ ନିର୍ଦ୍ଧାରଣ କରାଯାଇପାରେ। ମିଳିତ ଜାତିସଂଘ, ୟୁନେସ୍କୋ ବା ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଏ ଦିଗରେ ଚିନ୍ତା କରିପାରନ୍ତି। ସେ ଦିନକୁ ଅପେକ୍ଷା କରିବାର ଅଛି ! ଆମକୁ ମନେ ରଖିବାକୁ ହେବ ଯେ-ଜୀବନ ଆଗ ଆଉ ସବୁ ପଛ।

*-ସଭାପତି, ସାରସ୍ୱତ ପରିଷଦ, ଜଗତସିଂହପୁର, ମୋ-୯୯୩୭୧୫୧୦୫୨*

# ସବୁଜିମାର ସ୍ୱର୍ଣ୍ଣିମ ଚେହେରା-ଚାଷୀ

*(ଜାତୀୟ କୃଷକ ଦିବସ ଅବସରରେ)*

**ଡି. ଶୁଭମ୍**

ଚାଷୀ ହିଁ ଏ ସମାଜ ଓ ସଭ୍ୟତାର ମେରୁଦଣ୍ଡ। କୃଷିର ଆଦ୍ୟ ଓଁକାର। ସାମାଜିକ ଜନଜୀବନ ସହ କୃଷି ସହ ସମ୍ପର୍କ ଢ଼େର ପୁରୁଣା। ଜନସଂସ୍କୃତି ଆଉ କୃଷି ପରସ୍ପରର ପରିପୂରକ। ଖାଦ୍ୟ ମଣିଷର ପ୍ରଥମ ଆବଶ୍ୟକତା। କୃଷି ଆଉ କୃଷକର ସାଥ ବିନା ଖାଦ୍ୟ ସାରା ଦୁନିଆ ପାଇଁ ଏକ ସ୍ୱପ୍ନ ପ୍ରାୟ। ମଣିଷ ଯଦି କାଲି ବଂଚିବା ପାଇଁ କିଛି ନୂଆ ସମ୍ଭାବନା ଦେଖେ, ତା'ହେଲେ କୃଷି ବିନା ଏସବୁ ଦୁଃସ୍ୱପ୍ନ। ଦିନ ଥିଲା ଏ ସମାଜ ସବୁଜିମାର ବଳୟ ଭିତରେ ଆବଦ୍ଧ ହୋଇ ଥିଲା। ପରିବେଶ ସବୁଜର ଆବରଣରେ ବେଶ ଖୁସି ହୋଇ ହସୁଥିଲା। କୃଷିକୁ କଷ୍ଟ ନୁହେଁ ବରଂ ଏକ କର୍ମସିକ୍ତ ଭାବନାରେ ପ୍ରତିପାଦିତ କରାଯାଉଥିଲା। ଚାଷ ଜମି ଥିଲା ଚାଷୀର ସବୁକିଛି। ସଭ୍ୟତା ଓ ସଂସ୍କୃତିର ମାନଦଣ୍ଡ। ଦେଶ ଅର୍ଥନୀତିର ମାପକାଠି ରୂପେ କୃଷିକୁ ହିଁ ବିବେଚନା କରାଯାଉଥିଲା। ସେଇ କୁଶଳୀ ବିନ୍ଧାଣୀଙ୍କ ଉଦ୍ଦେଶ୍ୟରେ ପ୍ରତିବର୍ଷ ଡ଼ିସେମ୍ବର ୨୩କୁ ଜାତୀୟ କୃଷକ ଦିବସ ଭାବେ ପାଳନ କରାଯାଉଛି।

କିନ୍ତୁ ସମୟ ଆସିଛି କୃଷି ପାଇଁ ଆଉ ସେପରି ମନରେ ଶ୍ରଦ୍ଧା ନାହିଁ। ଚାକିରୀର ନିଶାରେ ଏବେ ସମସ୍ତେ ମତୁଆଲା। କାଦୁଅ ବିଲରେ ଗୋଡ଼ ପଶେଇବାକୁ ଆଉ କେହି ବି ଇଚ୍ଛା କରୁନାହାନ୍ତି। ଟଙ୍କାସର୍ବସ୍ୱ ଏ ଦୁନିଆରେ ସଭିଏଁ ନିଜ କର୍ମରେ ବ୍ୟସ୍ତ। ସେଇଥିପାଇଁ ତ' ଆଜି ଚାଷଜମି ସବୁ ପଡ଼ିଆ ହୋଇ ପଡୁଛି, ସବୁଜିମା ନାହିଁ ବରଂ କଳକାରଖାନାର ଦୂଷିତ ଆବରଣରେ ବନ୍ଧା ହୋଇପଡ଼ିଛି। ଚାଷୀକୁଳର ବିକାଶ ଦିଗରେ ସରକାରଙ୍କ ଦ୍ୱାରା ଅନେକ ଯୋଜନା ପ୍ରଣୟନ ହୋଇଛି। ସରକାର ଆଣିଥିବା କାଳିଆ ଯୋଜନା ଏକ ଯୁଗାନ୍ତକାରୀ ପଦକ୍ଷେପ ଅଟେ। ପରନ୍ତୁ କେତେକ ଅସାଧୁ ଲୋକ ବି ଏହି ଯୋଜନାର ଫାଇଦା ଉଠାଇଥିବାର ଲକ୍ଷ୍ୟ କରାଯାଇଥିଲା, ଯାହା ଅତି ଦୁଃଖର ବିଷୟ। ଏହାଛଡ଼ା ସୌର ଜଳନିଧି ଯୋଜନା ଯାହା ଜଳସେଚନ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ପାଇଁ ଆରମ୍ଭ କରାଯାଇଥିଲା, ତାହା ବି ଆଜି ବିପର୍ଯ୍ୟସ୍ତ ଅବସ୍ଥାରେ ଅଛି। ଆଜି ବି ଅନେକ



ସ୍ଥାନରେ ଏହାର ସଫଳ ରୂପାୟନ ହୋଇପାରିନାହିଁ। ଚଳିତ ବର୍ଷର ଏହି ବଜେଟ କୃଷିର ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ଜଳସେଚନ ବ୍ୟବସ୍ଥାର ଉନ୍ନତି ଦିଗରେ କାର୍ଯ୍ୟକରିବ ବୋଲି ଯୋଜନା ରହିଥିବାର ଉପସ୍ଥାପନ କରାଯାଇଛି।

ଗତବର୍ଷ ମାର୍ଚ୍ଚରୁ ଏବେ ଯାଏଁ ଗୋଟିଏ ଶବ୍ଦ ଯାହା ଆମ ଭିତରେ ଭୟ ସଂଚ଼ାର କରି ଚ଼ାଲିଛି ସେ ହେଉଛି କରୋନା। ଆଶା ଓ ଆଶଙ୍କାର ଆବରଣରେ ବାନ୍ଧି ହୋଇଯାଇଛନ୍ତି ଜନସାଧାରଣ। ଗୋଟେ ସମୟରେ ସାରା ଭାରତ ଏକପ୍ରକାର ତାଲାବନ୍ଦ ଅବସ୍ଥାରେ ଥିଲା। ଜନଜୀବନ ସ୍ତବ୍ଧ। ସବୁଆଡ଼େ ଖାଁ ଖାଁ। ଏହି ତାଲାବନ୍ଦ ଯୋଗୁଁ ଗରିବ, ଖଟିଖିଆଙ୍କର କାମଦାମ ଏକପ୍ରକାର ବନ୍ଦ ହୋଇଯାଇଥିଲା। ତେବେ ଏହାରି ଭିତରେ ଥକିପଡ଼ିନାହିଁ ଚ଼ାଷୀ। କାହିଁକି ନା ଯଦି ସେ ବସିପଡ଼ିବ, ଥକିପଡ଼ିବ ତା'ହେଲେ ଦି ଓଳି ଦାନା ଦି ମୁଠା ପେଟକୁ ଯିବା ସ୍ୱପ୍ନ ହୋଇଯିବ। ସେ ଛୁଟି କ'ଣ ଜାଣିନି। ସେ ଥକ୍କାପଣ କ'ଣ ଜାଣିନି। ସେ ଜାଣିନି ମଉଜମଜିଲିସର ମହକ। କେବଳ ଏତିକି ଜାଣିଛି ସେ ଚ଼ଷା ଘରପୁଅ। ଖଟିଲେ ଖାଇବ। ଚ଼ାଷ କଲେ ଦୁନିଆ ଚ଼ଳିବ। ସବୁଲୋକଙ୍କ ମୁହଁରେ ଖାଦ୍ୟ ଦେବା ପାଇଁ ସେ ଅବିରତ ସଂଗ୍ରାମ କରିଚ଼ାଲେ। ସଂଘର୍ଷକୁ ଆଦରି ବେଶ ଖୁସିରେ ନିଜ କର୍ମ ସମ୍ପାଦନ କରେ। ସେଇଥିପାଇଁ ତ' ସେ ମହାନ।

୧୯୯୯ର ମହାବାତ୍ୟା ହେଉ, ହୁଡ଼ହୁଡ଼, ତିତଲି, ଫନି ପରି ବାତ୍ୟାର ବିଭୀଷିକା ହେଉ କି ଚ଼କଡ଼ା ପୋକର ବିଘାତ ହେଉ, ଏସବୁଥିରେ ବେଶ ସୁଦୃଢ଼ ମନୋବଳ ସହ ଚ଼ାଷୀ ଏହାକୁ ସାମ୍ନା କରିଛି, ମୁକାବିଲା ବି କରିଛି ଆଉ ଅଣ୍ଟା ସଳଖି ଠିଆ ହୋଇଛି। ଯେଉଁ ବାତ୍ୟା ଦିନେ ଚାଷଜମିକୁ ବିପର୍ଯ୍ୟସ୍ତ କରିଥିଲା, ପୁଣି ସେ କ୍ଷେତରେ ଫରଫର ହେଇ ଧାନକେଣ୍ଡା ହସିଛି, ପୁଣି ସୋରିଷର ମହମହ ବାସ୍ନା ସାଙ୍ଗକୁ ହଳଦୀର ଆବରଣରେ ପରିବେଶ ବି ମୁଗ୍ଧ ହୋଇଛି। କିନ୍ତୁ ଚ଼ାଷୀ କେବେ ବସିନି। ଚ଼ାଷୀ ମନଦୁଃଖ କରିଛି, ଅନୁତାପ କରିଛି କିନ୍ତୁ ନିଜ କର୍ତ୍ତବ୍ୟପଥରୁ ବିଚ୍ୟୁତ ହୋଇନାହିଁ। ସେ ସୃଷ୍ଟି କରିଛି ଆଦର୍ଶ ଓ ବାସ୍ତବତାର ନୂଆ ଏକ ରୂପରେଖ। ସେ କାଦୁଅ ବିଲରେ ପଶେ; କିନ୍ତୁ ଶେଷରେ ସୁବର୍ଣ୍ଣର ମାହୋଲ ବି ରଚ଼ନା କରିଦିଏ। ଆଉ ଏଇ କରୋନାର ଭୟାବହତା ଆଉ ଡର ଭିତରେ ସମସ୍ତେ ଆମେ ଘରେ ସୁରକ୍ଷିତ ରହୁଛନ୍ତି ସତ କିନ୍ତୁ ଚ଼ାଷୀର ମନ ସେଇ ଚାଷଜମିରେ। ସେ ପରା ତା'ର ମାନସ ସନ୍ତାନ। ଦିହେଁ ଦୁହିଁକୁ ଛାଡ଼ି କେମିତି ବି ରହିବେ! ବର୍ଷ ବର୍ଷ ଧରି ଏଇ ଅତୁଟ ସମ୍ପର୍କକୁ ଯିଏ ଛିନ୍ନ କରିପାରିନି, ଏ ଭୟାବହତା କ'ଣ ବା କରିବ। ଆଜି ବି ଚ଼ାଷୀ ଚ଼ାଷଜମିରେ ବେଶ ଖୁସିରେ ଚ଼ାଷ କରୁଛି। ସରକାରଙ୍କ ନିର୍ଦ୍ଦେଶକୁ ପାଳନ କରୁଛି। ସବୁ ସମୟରେ କେବଳ ଓଡ଼ିଶା ନୁହେଁ, ଭାରତରେ ମଧ୍ୟ ବିଭିନ୍ନ ରାଜ୍ୟମାନଙ୍କରେ ଚାଷୀମାନେ ନିଜ ହକ୍ ପାଇଁ ଆନ୍ଦୋଳନ କରୁଛନ୍ତି। ନାସିକ୍‌ଠାରେ ଏକ ବିରାଟ ପଦଯାତ୍ରା ଏହାର ଉଦାହରଣ।

ତେବେ ପ୍ରତିବର୍ଷ ପରି ଏଇ କୃଷକ ଦିବସ କେବଳ ପାଳନ କରି ବସିଗଲେ ଚଳିବ ନାହିଁ। ଚାଷୀମାନଙ୍କୁ ସେମାନଙ୍କ ନ୍ୟାଯ୍ୟ ପୂରଣ କରିବା ପାଇଁ ସଭିଏଁ ଅଣ୍ଟା ଭିଡ଼ିବା ଦରକାର। କାରଣ ଚାଷୀ ହିଁ ଦେଶ ପ୍ରଗତିର ମୂଳାଧାର। ସୁତରାଂ ଚାଷୀ ହସିଲେ ହିଁ ଦେଶ ହସିବ।

*-କୃଷି ସ୍ନାତକୋତ୍ତର, ମୃତ୍ତିକା ବିଜ୍ଞାନ, ସୋଆ, ମୋ-୯୪୩୮୪୬୭୦୭*

# ଯୁବସମାଜ ନିମ୍ନଗାମୀ କାହିଁକି ?

ଦିନ ଥିଲା ଆମ ଦେଶର ଅନେକ ଯୁବସଂଗ୍ରାମୀ କ୍ରାନ୍ତିକାରୀମାନେ ନିଜର ରକ୍ତ ଓ ଲୁହ ଦେଇ ଜୀବନକୁ ବାଜି ଲଗାଇ ଯୁବକ ବୟସରେ ମାଦକତା ଓ ଆନନ୍ଦକୁ ଭୁଲିଯାଇ ସ୍ୱାଧୀନ କରିଥିଲେ। ଏ ଦେଶକୁ ଯଦ୍ଦ୍ୱାରା କି ଆମେ ଆଜି ସ୍ୱାଧୀନ ଭାବେ ଗର୍ବ କରୁଛୁ। ଆଜିର ଶିଶୁ କାଲିର ନାଗରିକ। ବର୍ତ୍ତମାନର ଯୁବସମାଜକୁ ଦେଖିଲେ ଲାଗେନାହିଁ, ସେମାନଙ୍କର ଏଥିପ୍ରତି ତିଳେମାତ୍ର ଭ୍ରୂକ୍ଷେପ ଅଛି। ଯୌବନର ପାହାଚରେ ମନର ଅଦମ୍ୟ ବାସନା ଓ ଅସୁମାରି ରଙ୍ଗୀନ ସ୍ୱପ୍ନ ଟାଣି ନେଇଛି। ସେମାନେ ଜାଣିପାରୁନାହାନ୍ତି ତାଙ୍କରି ଉପରେ ଥିବା ଆଗାମୀ ଦେଶର ଭବିଷ୍ୟତ ଓ ଦାୟିତ୍ୱବୋଧ। ଶିଶୁ ଜନ୍ମ ନେଲେ ଆରମ୍ଭ ହୁଏ ତା'ର ଦୀର୍ଘପଥର ଯାତ୍ରା। ଯାହାର ଅନ୍ତ ହୁଏ ମୃତ୍ୟୁରେ। ଏହି ପଥରେ ତା'ର ଜୀବନରେ ଆସେ ଅନେକ ପରିବର୍ତ୍ତନ। ଶିଶୁ ପରେ ସେ ହୁଏ କୈଶୋର, ତା'ପରେ ସେ ପହଞ୍ଚେ ଯୌବନରେ। ସେହି ସମୟ ହିଁ ଜୀବନର ସବୁଠାରୁ ମୂଲ୍ୟବାନ ସମୟ ଯାହାକୁ ନେଇ ଆରମ୍ଭ ହୁଏ ଜୀବିକାର ଉପକ୍ରମ। ଦେଶକୁ ଦେଖାଇ ଦିଏ କାର୍ଯ୍ୟଦକ୍ଷତା ଆଉ ଜନ୍ମଦାତା ପିତାମାତାଙ୍କର ମନରେ ଭରିଦିଏ ଅନେକ ରଙ୍ଗୀନ ଆଶା ଓ ଆକାଂକ୍ଷା। ଯୌବନରେ ପାଦ ଦେବା ପରେ ସେ ଯୁବକ ଅଥବା ଯୁବତୀ, ତାକୁ ବହନ କରିବାକୁ ପଡ଼ିଥାଏ ପରିବାର, ସମାଜ ଓ ଦେଶମାତୃକାର ଗୁରୁଦାୟିତ୍ୱ। କାରଣ ବ୍ୟକ୍ତିକୁ ନେଇ ପରିବାର, ପରିବାରକୁ ନେଇ ସମାଜ, ସମାଜକୁ ନେଇ ଦେଶ ଓ ଦେଶକୁ ନେଇ ବିଶ୍ୱ। ତେଣୁ ଯୁବସମାଜ ହିଁ ଆମ ଦେଶ ଓ ଜାତିର ମେରୁଦଣ୍ଡ। ଆମ ଦେଶ ସ୍ୱାଧୀନତାର ୭୫ ବର୍ଷ ପରେ ସବୁକ୍ଷେତ୍ରରେ ଉନ୍ନତି ଘଟିଛି। ମାତ୍ର ଆମର ବହୁ ପୁରାତନ ପ୍ରାଚୀନ ସଂସ୍କୃତି ଓ ମହାନ ପରମ୍ପରାର ପ୍ରାଚୀରକୁ ଭାଙ୍ଗି ଦେଶରେ ଦେଖାଦେଇଛି ପାଶ୍ଚାତ୍ୟ ସଭ୍ୟତା ଓ ନଗ୍ନ ଆଧୁନିକତା। ଅଶ୍ଳୀଳତାର ନଗ୍ନ ଛବି ଅଧିକ ମାତ୍ରାରେ ଗ୍ରାସ କରିଛି ଆମ ଦେଶର ଅନେକ ଯୁବକଯୁବତୀମାନଙ୍କୁ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ପ୍ରେମବିବାହ କରୁଛନ୍ତି ଅନେକେ। ଫଳରେ ସମାଜ ଶୃଙ୍ଖଳାରେ ପ୍ରତିବନ୍ଧକ ଘଟୁଛି। ନିରକ୍ଷର ଓ ସ୍ୱାକ୍ଷରତା ହାରରେ ତାରତମ୍ୟ ରହୁନାହିଁ। ସ୍ଥାନ, କାଳପାତ୍ରରେ ବାଧବାଧକତା ନାହିଁ। ଯୁବକଯୁବତୀମାନେ ହୋଟେଲ, କ୍ଲବ ରେସ୍ତୋରାଁରେ ଉଶୃଙ୍ଖଳ ନାଚ ଦେଖିବାବେଳେ ରମ୍, ବିଅର, ହ୍ୱିସ୍କି, ଚରସ, ସିଗାରେଟ, ଗଞ୍ଜେଇ ଖାଇ ମତୁଆଲା ହେଉଛନ୍ତି। ଆଜିର ଯୁବକ ଯୁବତୀମାନେ ଅନେକେ ଅତ୍ୟାଧୁନିକତା ନାମରେ ଆଗେଇ ଯାଇ ପରିତ୍ୟାଗ କରୁଛନ୍ତି ସେମାନଙ୍କର ଲଜ୍ଜା ଓ ଶାଳୀନତା। ଲଜ୍ଜା ହିଁ ନାରୀର ଶ୍ରେଷ୍ଠଭୂଷଣ। ମୁଖ୍ୟତଃ ଗୁରୁଜନ ପିତାମାତାଙ୍କ ଏହା ମୁଖ୍ୟଦାୟିତ୍ୱ। ପ୍ରତିବର୍ଷ ସରକାର ରାଜସ୍ୱ ଅଧିକ ପାଇବା ପାଇଁ ସହର ଓ ମଫସଲରେ ଦେଶୀ, ବିଦେଶୀ ମଦ ଦୋକାନ ଖୋଲିବା ଦ୍ୱାରା ସ୍କୁଲ, କଲେଜ ପାଖରେ ଥିବା ହାଟ, ପାନଦୋକାନ, ପେଟ୍ରୋଲ ଦୋକାନରେ ମଦ ବିକ୍ରୀ ହେଉଅଛି। ଯୁବକମାନେ ମଦ ପାନ କରି ମତୁଆଲା ହୋଇ ନାରୀଧର୍ଷଣ, ଲୁଣ୍ଠନ, ବ୍ୟାଙ୍କ ଡକାୟତୀ ଇତ୍ୟାଦି ଭଳି ସମାଜରେ ବହୁ ଲୋମହର୍ଷଣକାରୀ ଘଟଣା ଘଟୁଛି। ଏଥିନିମନ୍ତେ ମୁଖ୍ୟତଃ ସରକାର ଦାୟୀ। ଅନ୍ୟପକ୍ଷରେ ଏହି ହିଂସ୍ର ଆଧୁନିକତାର ମୁଖ୍ୟ କାରଣ ସାଜିଛି ଆମ ନଗ୍ନ ସିନେମା। ଦେଶର ସବୁ ଅଞ୍ଚଳରେ ବିଭୀଷିକାର ଲେଲିହାନ ଶିଖା। ଆଶ୍ଚର୍ଯ୍ୟର କଥା ଆଜିର ଶିଶୁ କିଶୋର ଏସବୁ ଦେଖି ଶିଖି ଆପେଣଇ ନେଲେଣି ଏହି ଆଧୁନିକତାକୁ। ଆଜି ମଧ୍ୟ ଆମ ଦେଶର କୋଟି କୋଟି ଜନତା ଦୁଃଖ ଦାରିଦ୍ର୍ୟତାରେ କାଳାତିପାତ କରୁଛନ୍ତି। ଖାଇବାକୁ ନପାଇ ନିଜ ଶିଶୁକୁ ବିକ୍ରି କରିଦେଉଛି। ଅନାହାର ସଂଖ୍ୟା ଓ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଆଦିବାସୀ ଜନସଂଖ୍ୟା ବହୁଳ କୋରାପୁଟ, ବଲାଙ୍ଗୀର, କଳାହାଣ୍ଡି, ରାୟଗଡ଼ା, ନବରଙ୍ଗପୁର, ମାଲକାନଗିରି ଜିଲ୍ଲାର ପିଲା ବିକ୍ରି ସଂଖ୍ୟା ବେଶୀ। ଏପରି ସ୍ଥଳେ ଆଧୁନିକତାର ଦ୍ୱାହିରେ ଦେଶର ଭବିଷ୍ୟତ ଯୁବସମାଜ ନିଜ ନିଜର ଦାୟିତ୍ୱ ଭୁଲିଯିବା କ'ଣ ଉଚିତ। ଅତ୍ୟାଧୁନିକତାର ମରୀଚିକା ପଛରେ ଧାବମାନ ହୋଇ ଅର୍ଥ ଆତ୍ମସାତ୍ କରିବା କ'ଣ ପ୍ରକୃତ ପକ୍ଷେ ସ୍ମରଣୀୟ। ଦେଶ ଆଜି ସଂକଟ ମଧ୍ୟଦେଇ ଗତି କରୁଛି। ହୁଏତ ପରାଧୀନତାର ଶୃଙ୍ଖଳାରେ ବାନ୍ଧି ହୋଇ ରହିଛି। ଆଜିର ଯୁବ ସମାଜକୁ କିଛି ବୀର ଓ ସାହସୀ ସନ୍ତାନମାନଙ୍କର ବଳିଦାନର କାହାଣୀକୁ ସଗର୍ବରେ ମୁଣ୍ଡାଇକରି ଚାଲିବା ଉଚିତ। ଯୁବସମାଜ ଶକ୍ତିର ଉତ୍ସ। ସେମାନଙ୍କୁ ହିଁ ପରିବର୍ତ୍ତନ କରିବାକୁ ପଡ଼ିବ ତଥାକଥିତ ଚଳଣିକୁ। ଆମ ପାଖରେ ଏତେବଡ଼ ଯୁବଶକ୍ତି ଥିବାବେଳେ ଆମେ କ'ଣ ଦେଶକୁ ରସାତଳଗାମୀ ହେବାରୁ ରକ୍ଷାକରି ପାରିବା ନାହିଁ। ବିଶ୍ୱର ସବୁ ଦେଶର ଲୋକ ନିଜର ଜନ୍ମମାଟିକୁ ସମ୍ମାନ ଦିଅନ୍ତି। ତେବେ ଆମେ କାହିଁକି ଆମ ଦେଶ, ଜାତିର ଉନ୍ନତିରେ ଗର୍ବ ଅନୁଭବ ନ କରିବା। ତାହା ହିଁ ହେବ ପ୍ରକୃତ ଦେଶପ୍ରେମୀ ଓ ଆମ ଜାତୀୟ ସଂହତି ସଂସ୍କୃତିର ଅସଲ ପରିଚୟ। ବର୍ତ୍ତମାନଠାରୁ ସାବଧାନ ନହେଲେ, ହୁଏତ ସମୟ ଆସିବ, ଆମେ ହରାଇ ବସିବା ଆମର ପରିଚୟ। କେବଳଗୁଡ଼ିଏ ମିଛ ପ୍ରହସନକୁ ନେଇ ବଞ୍ଚିବାକୁ ପଡ଼ିବ ଯନ୍ତ୍ରମାନବ ପରି।




# ପାରାଦୀପ ଇଫକୋ ୟୁନିଟ୍ କୁ ସମ୍ମାନଜନକ କଳିଙ୍ଗ ସେଫ୍ଟି ଏକ୍ସିଲେନ୍ସ (ଗୋଲ୍ଡ) ପୁରସ୍କାର




ପାରାଦୀପ, (ପି.ଏନ): ବିଶ୍ୱର ସର୍ବବୃହତ ଫସଫେଟିକ୍ ଫର୍ଟିଲାଇଜର ପ୍ଲାଣ୍ଟ ଇଫକୋ ପାରାଦୀପ ୟୁନିଟ୍‌ର ମୁଖ୍ୟ କେ.ଜେ.ପଟେଲ୍‌ଙ୍କୁ ୨୦୨୧ ମସିହା ପାଇଁ ମର୍ଯ୍ୟାଦାଜନକ କଳିଙ୍ଗ ବିଜିନେସ୍ ଏକ୍ସଲେନ୍ସ ସମ୍ମାନ ପ୍ରଦାନ କରାଯାଇଛି । ୨୦୨୧ ମସିହା ନିମନ୍ତେ ଉଲ୍ଲେଖନୀୟ କାର୍ଯ୍ୟ ତଥା ବିଶ୍ୱ ମହାମାରୀ କରୋନା ସମୟରେ ଇଫକୋ ପାରାଦୀପ ୟୁନିଟ୍ ନିଷ୍ଠାପର ଭାବେ କୃଷକମାନଙ୍କ ନିମନ୍ତେ ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରିଛି । ଯାହାରକି ସମସ୍ତ ଶ୍ରେୟ ଶ୍ରୀ ପଟେଲ ପାଇବା ପାଇଁ ହକ୍‌ଦାର । ତେଣୁ ତାଙ୍କର ଏହି ଅବଦାନ ନିମନ୍ତେ ତାଙ୍କୁ ଚଳିତ ବର୍ଷର କଳିଙ୍ଗ ବିଜିନେସ୍ ଏକ୍ସଲେନ୍ସ ସମ୍ମାନ ପ୍ରଦାନ କରାଯାଇଛି । ଏଥି ସହିତ ଇଫକୋ ପାରାଦୀପ ୟୁନିଟ୍‌କୁ କଳିଙ୍ଗ ସେଫ୍ଟି ଏକ୍ସିଲେନ୍ସ (ଗୋଲ୍ଡ) ପୁରସ୍କାର-୨୦୨୦ ପ୍ରଦାନ କରାଯାଇଛି । ଭୁବନେଶ୍ୱର ଠାରେ ଓଡିଶା ବିଧାନସଭାର ମାନ୍ୟବର ବାଚସ୍ପତି ଡ.ସୂର୍ଯ୍ୟନାରାୟଣ ପାତ୍ର ଓ ବାଙ୍ଗଲାଦେଶର ଡେପୁଟି ହାଇକମିଶନର ତୌଫିକ୍ ହାସନ୍‌ଙ୍କ ଠାରୁ ଏହି ମର୍ଯ୍ୟାଦାଜନକ ପୁରସ୍କାର ଓ ସମ୍ମାନ ଗ୍ରହଣ କରିଛନ୍ତି ଶ୍ରୀ ପଟେଲ୍ । ଭୁବନେଶ୍ୱର ଠାରେ ଇନଷ୍ଟିଚ୍ୟୁଟ୍ ଅଫ କ୍ୱାଲିଟି ଆଣ୍ଡ ଏନଭିରୋନମେଣ୍ଟ ମ୍ୟାନେଜ୍‌ମେଣ୍ଟ ସର୍ଭିସେସ୍ ଓ ଇନଷ୍ଟିଚ୍ୟୁଟ୍ ଅଫ ପବ୍ଲିକ୍ ଏଣ୍ଟରପ୍ରାଇଜେସ୍ (ହାଇଦ୍ରାବାଦ) ଏବଂ ଓଡିଶା ଷ୍ଟେଟ୍ ପ୍ରଡକ୍ଟିଭିଟି କାଉନ୍‌ସିଲ୍ ଏହି ଭବ୍ୟ ସମାରୋହର ଆୟୋଜନ କରିଥିଲେ । ଦୁଇ ଦୁଇଟି କ୍ଷେତ୍ରରେ ପୁରସ୍କାର ହାସଲ କରିବା ପରେ ଇଫକୋ ପାରାଦୀପ ୟୁନିଟ୍‌ରେ ଖୁସିର ମାହୋଲ ସୃଷ୍ଟି କରିଛି ।

# ସାହାରା ଇଣ୍ଡିଆ ପରିବାର ପକ୍ଷରୁ ଗତ ୭୫ ଦିନରେ ନିବେଶକଙ୍କ ୩୨୨୬ କୋଟି ଟଙ୍କା ପଇଠ

ଭୁବନେଶ୍ୱର: ସାହାରା ଇଣ୍ଡିଆ ପରିବାର ପକ୍ଷରୁ ଆଜି ମିଡିଆରେ ଜାରି କରାଯାଇଥିବା ଏକ ବିବୃତି ଅନୁସାରେ, ଗତ ଦୁଇରୁ ଅଢେଇ ମାସ ମଧ୍ୟରେ ଏହି ଗ୍ରୁପ୍ ପକ୍ଷରୁ ଏହାର ୧୦,୧୭,୧୯୪ ଜଣ ସଦସ୍ୟଙ୍କୁ ମୋଟ ୩୨୨୬.୦୩ କୋଟି ଟଙ୍କା ପଇଠ କରାଯାଇଛି । ଏହି ଅବଧିରେ ପଇଠ କରାଯାଇଥିବା ମୋଟ ରାଶି ମଧ୍ୟରୁ ୨.୧୮% ରାଶି ବିଳମ୍ବିତ ଦେୟ ଅଭିଯୋଗକାରୀଙ୍କୁ ପଇଠ କରାଯାଇଥିଲା । ସମୁଦାୟ ବିଳମ୍ବିତ-ଦେୟ ଅଭିଯୋଗକାରୀ ବା ଡିଲେଡ୍-ପେମେଂଟ୍‌ସ କମ୍ପ୍ଲେନାଂଟ୍ସ ସଂଖ୍ୟା ମୋଟ ନିବେଶକଙ୍କର ୦.୦୭% ରହିଛି । ସାହାରା ନିକଟରେ ଦେଶବ୍ୟାପର ୮ କୋଟି ନିବେଶକ ରହିଛନ୍ତି । ସାହାରା ଗତ ୧୦ ବର୍ଷ ମଧ୍ୟରେ ଏହାର ୫,୭୬,୭୭,୩୩୯ ଜଣ ନିବେଶକଙ୍କୁ ମୋଟ ୧,୪୦,୧୫୭.୫୧ କୋଟି ଟଙ୍କା ପଇଠ କରିଛି । ଏହାମଧ୍ୟରୁ କେବଳ ୪୦% ମାମଲା ପୁନଃନିବେଶର ହୋଇଥିବା ବେଳେ ଅବଶିଷ୍ଟଗୁଡିକୁ ନଗଦ ଅର୍ଥ ପଇଠ କରାଯାଇଛି । ଗ୍ରୁପ୍ ପକ୍ଷରୁ ପେମେଂଟ୍‌ରେ ବିଳମ୍ବ ହୋଇଥିବା ସ୍ୱୀକାର କରାଯାଇଛି , ଯାହାକି ମୁଖ୍ୟତଃ ସୁପ୍ରିମକୋର୍ଟଙ୍କ ଦ୍ୱାରା ଗତ ୮ ବର୍ଷ ହେବ ଲାଗୁ କରାଯାଇଥିବା ପ୍ରତିବନ୍ଧକ ଯୋଗୁଁ ଘଟିଥିଲା । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ, ଯଦି କୌଣସି ଅର୍ଥ ଗ୍ରୁପ୍ (କୋ-ଅପରେଟିଭ୍‌ଗୁଡିକ ସମେତ)ର ସମ୍ପତିକୁ ବିକ୍ରି କରି କିମ୍ବା ବନ୍ଧକ ରଖି କିମ୍ବା ମିଳିତ ଉଦ୍ୟୋଗରୁ ହାସଲ କରାଯାଉଛି ତେବେ ତାହାକୁ ସାହାରା-ସେବି ଆକାଉଂଟ୍‌ରେ ଜମା କରିବାକୁ ପଡୁଛି । ସାହାରା ଅଧିକାରୀ କହିଛନ୍ତି, ସାଂଗଠନିକ କାର୍ଯ୍ୟ ପାଇଁ କିମ୍ବା ନିବେଶକଙ୍କୁ ରିପେମେଂଟ୍ ପାଇଁ ଆମେ ଗୋଟିଏ ଟଙ୍କା ମଧ ବ୍ୟବହାର କରିପାରିବୁ ନାହିଁ । ଅନ୍ୟପକ୍ଷରେ ସାହାରା ବର୍ତମାନ ସୁଦ୍ଧା ସାହାରା-ସେବି ଖାତାରେ ସୁଧ ସମେତ ପ୍ରାୟ ୨୨,୦୦୦ କୋଟି ଟଙ୍କା ଜମା କରିସାରିଛି । ଅନ୍ୟପକ୍ଷରେ ଦେଶବ୍ୟାପୀ ଗତ ୮ ବର୍ଷ ମଧ୍ୟରେ ସେବି ଦ୍ୱାରା ୧୫୪ଟି ଖବରକାଗଜରେ ୪ଟି ପର୍ଯ୍ୟାୟର ବିଜ୍ଞାପନ ଦେଇଥିବା ବେଳେ ନିବେଶକଙ୍କୁ ମାତ୍ର ୧୦୬.୧୦ କୋଟି ଟଙ୍କା ପରିଶୋଧ କରିଛି । ପ୍ରାୟ ଏକ ବର୍ଷ ତଳେ ପ୍ରକାଶିତ ଏହାର ଶେଷ ବିଜ୍ଞାପନରେ ସେବି ସ୍ପଷ୍ଟ କରିଥିଲା ଯେ, ଏହା ଅନ୍ୟ କୌଣସି ପ୍ରକାରର ଦାବିକୁ ଗ୍ରହଣ କରିବ ନାହିଁ । ଏହାର ଅର୍ଥ ହେଉଛି ସେବି ପାଇଁ ଆଉ କୌଣସି ଦାବିଦାର ଦାହାନ୍ତି । ସେବି ଅନ୍ୟ କୌଣସି ଦାବି ଗ୍ରହଣ ନକରିବାର ଏକମାତ୍ର କାରଣ ହେଉଛି ସାହାରା ଗ୍ରୁପ୍ ସମସ୍ତ ନିବେଶକଙ୍କ ଅର୍ଥ ପରିଶୋଧ କରିସାରିଛି । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ, ଏହି ୨୨,୦୦୦ କୋଟି ଟଙ୍କା ଉପଯୁକ୍ତ ଯାଂଚ ପରେ ପୁଣିଥରେ ସାହାରା ନିକଟକୁ ଫେରିବ । ସେହିପରି ସାହାରାର ପ୍ରବକ୍ତା ସ୍ପଷ୍ଟ କରିଛନ୍ତି ଯେ, କିଛି ମିଡିଆ ରିପୋର୍ଟ ସାହାରା ଚିଟ୍ ଫଣ୍ଡ ବ୍ୟବସାୟରେ ଅଛି ବୋଲି ଧାରଣା ସୃଷ୍ଟି କରୁଛନ୍ତି , ଯାହାକି ସମ୍ପୂର୍ଣ୍ଣ ରୂପେ ମିଥ୍ୟା ଓ ଭ୍ରମାତ୍ମକ ସୂଚନା । ସାହାରା ଅତୀତରେ କିମ୍ବା ବର୍ତମାନ କୌଣସି ପ୍ରକାରର ଚିଟ୍ ଫଣ୍ଡ ବ୍ୟବସାୟରେ ନାହିଁ । ସାହାରା ଇଣ୍ଡିଆ ପରିବାରର ସୂଚନା ଅନୁଯାୟୀ, ଗ୍ରୁପ୍ ଏହାର ସମସ୍ତ ଜମାକାରୀଙ୍କୁ ଦେୟ ପ୍ରଦାନ କରିଛି । ଗତ ୪୨ ବର୍ଷ ହେବ ଏହା ନିଜର ସଦସ୍ୟମାନଙ୍କୁ ସେବା ପ୍ରଦାନ କରୁଛି ଏବଂ ଆଗକୁ ଏହା ଜାରି ରଖିବ । ସମସ୍ତ ଆଇନ୍‌ଗତ ପ୍ରକ୍ରିୟାର ଅନୁସରଣ କରାଯାଇ ସଦସ୍ୟମାନଙ୍କଠାରୁ ଅର୍ଥ ସଂଗ୍ରହ କରାଯାଇଥିଲା । ତେବେ ଆମେ ବିଳମ୍ବିତ ଅବଧି ପାଇଁ ସୁଧ ମଧ ପ୍ରଦାନ କରୁଛି । ଏସମ୍ପର୍କରେ ଆମର ନିବେଶକମାନଙ୍କୁ ଖବରକାଗଜ ବିଜ୍ଞାପନ ମାଧମରେ ଅବଗତ କରାଯାଇଛି ।

# ଚାଷୀର ସ୍ୱନ ଶ୍ୟାମଳ ସୁବର୍ଣ୍ଣ ଦ୍ୱାରା ଜାତୀୟ କୃଷକ ଦିବସ ପାଳନ

## ଜଗତସିଂହପୁରର ଚିନ୍ମୟୀ ଶତପଥୀ ପାଇଲେ ସଫଳ କୃଷି ଉଦ୍ୟୋଗୀ ସମ୍ମାନ



କୁଜଙ୍ଗ, (ପି.ଏନ):ସାମାଜିକ ଜନଜୀବନ ସହ କୃଷି ସହ ସମ୍ପର୍କ ଢ଼େର ପୁରୁଣା । ଜନସଂସ୍କୃତି ଆଉ କୃଷି ପରସ୍ପରର ପରିପୂରକ । ସେଇ ଚାଷୀ ହିଁ ଏ ସମାଜ ଓ ସଭ୍ୟତାର ମେରୁଦଣ୍ଡ ଓ କୃଷିର ଆଦ୍ୟ ଓଁକାର । ସେଇ କୁଶଳୀ ବିନ୍ଧାଣୀଙ୍କ ଉଦ୍ଦେଶ୍ୟରେ ପ୍ରତିବର୍ଷ ଡ଼ିସେମ୍ବର ୨୩କୁ ଜାତୀୟ କୃଷକ ଦିବସ ଭାବେ ପାଳନ କରାଯାଉଛି । ଏହି ପରିପ୍ରେକ୍ଷୀରେ ଓଡ଼ିଶାର କୃଷି ଭିତ୍ତିକ ତ୍ରୈମାସିକ ପତ୍ରିକା ଚାଷୀର ସ୍ୱନ-ଶ୍ୟାମଳ ସୁବର୍ଣ୍ଣ ଦ୍ୱାରା କୃଷି ସୂଚନା କେନ୍ଦ୍ର , କୁଜଙ୍ଗ ଠାରେ ଜାତୀୟ କୃଷକ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଗ୍ରାମ ଉନ୍ନୟନ ଅଧିକାରୀ ,କୁଜଙ୍ଗ- ଶ୍ରୀ ସୌମ୍ୟଶ୍ରୀ ପାଣିଗ୍ରାହୀ, ବ୍ଲକ କୃଷି ଅଧିକାରୀ- ମିହିର ସାହୁ , ସହକାରୀ କୃଷି ଅଧିକାରୀ -ଅସୀମା ମିଶ୍ର, ଇଣ୍ଡିଆନ ବ୍ୟାଙ୍କ ମ୍ୟାନେଜର-ରାଜେଶ କୁମାର ସେଠୀ , ଶ୍ୟାମଳ ସୁବର୍ଣ୍ଣର ଉପଦେଷ୍ଟା ତଥା ସୋଆର ସହକାରୀ ପ୍ରାଧ୍ୟାପକ ଭୁବନାନନ୍ଦ ଅଧିକାରୀ, ବରିଷ୍ଠ ସାମ୍ବାଦିକ ତଥା କବି ଜୀବନାନନ୍ଦ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । କୃଷକ ଦିବସର ଆଭିମୁଖ୍ୟ ସହ ଏହି ପତ୍ରିକା କିପରି ଚାଷୀକୁଳ ପାଇଁ ସମର୍ପିତ ସେ ସମ୍ପର୍କରେ ଶ୍ରୀ ପାଣିଗ୍ରାହୀ ଆଲୋକପାତ କରିଥିଲେ । ଜାତୀୟ କୃଷକ ଦିବସ ଅବସରରେ ସମ୍ମାନିତ ଅତିଥି ମାନେ କୃଷକ ମାନଙ୍କର ଆମ ପାଇଁ ତ୍ୟାଗ ଓ ଅବଦାନ ଏବଂ ସର୍ବୋପରି କୃଷି ପତ୍ରିକାର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ।ପ୍ରତିବର୍ଷ ପରି ଶ୍ୟାମଳ ସୁବର୍ଣ୍ଣ ଦ୍ୱାରା ସଫଳ ଚାଷୀମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଶ୍ରୀମତୀ ଚିନ୍ମୟୀ ଶତପଥୀଙ୍କୁ ଶ୍ରେଷ୍ଠ କୃଷି ଉଦ୍ୟୋଗୀ ସମ୍ମାନରେ ସମ୍ମାନିତ କରାଯାଇଥିଲା । ଆଗାମୀ ଦିନରେ ପତ୍ରିକା ମାଧ୍ୟମରେ ଚାଷୀମାନଙ୍କ ପାଇଁ ଅନେକ କିଛି କାର୍ଯ୍ୟକ୍ରମ କରାଯିବାର ଯୋଜନା ରହିଛି ବୋଲି ସମ୍ପାଦକ ଡ଼ି ଶୁଭମ୍ କହିଛନ୍ତି ।

## ଆଭାସୀ ଜରିଆରେ ଶିଳାନ୍ୟାସ କଲେ ମାନ୍ୟବର ମୁଖ୍ୟମନ୍ତ୍ରୀ

ବାଲେଶ୍ୱର,(ପି.ଏନ): ବାଲେଶ୍ୱର ଜିଲ୍ଲା ସିମୁଳିଆ, ବସ୍ତା, ବାଲିଆପାଳ ଓ ଭୋଗରାଇ ବ୍ଲକରେ ନିର୍ମିତ ହେବ ଅତ୍ୟାଧୁନିକ ବସଷ୍ଟାଣ୍ଡ । ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଭାସି ମାଧ୍ୟମରେ ଆଜି ଏହି ୪ଟି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି । ବାଣିଜ୍ୟ ଓ ପରିବହନ ବିଭାଗ ଆନୁକୂଲ୍ୟରେ ରାଜ୍ୟର ୨୨ଟି ଜିଲ୍ଲାରେ ୫୫ଟି ଅତ୍ୟାଧୁନିକ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଶିଳାନ୍ୟାସ ହୋଇଥିବା ବେଳେ ବାଲେଶ୍ୱର ଜିଲ୍ଲାର ଏହି ୪ଟି ବସଷ୍ଟାଣ୍ଡ ଏଥିରେ ସାମିଲ ହୋଇଛି ।

## ଧର୍ମଶାଳା ବାଣୀପୀଠର ପ୍ରତିଷ୍ଠା ଦିବସ ୨୬ରେ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକର ସର୍ବ ପୁରାତନ ସରକାରୀ ହାଇସ୍କୁଲ ଧର୍ମଶାଳା ବାଣୀପୀଠର ପ୍ରତିଷ୍ଠା ଦିବସ ଓ ପୁରାତନ ଛାତ୍ର ସଂସଦର ବାର୍ଷିକ ଉତ୍ସବ ଚଳିତ ମାସ ୨୬ ତାରିଖରେ ଅନୁଷ୍ଠିତ ହେବ । ଏହି ଅବସରରେ ୪ ଜଣ ପ୍ରାକ୍ତନ ଶିକ୍ଷକ, ୫ଜଣ ପୁରାତନ ଛାତ୍ର ଓ ୫ଜଣ ପ୍ରାକ୍ତନ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯିବ । ଏଥିରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ତଥା ଗାଳ୍ପିକ ଡ. ଜୟନ୍ତ କୁମାର ବିଶ୍ୱାଳ ଓ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ମନୋରଂଜନ ମନୋରନ ମହାନ୍ତି ଯୋଗଦେବେ । ସମସ୍ତ ପୁରାତନ ଛାତ୍ରଛାତ୍ରୀ ମାନେ ଉତ୍ସବରେ ଯୋଗଦେବା ପାଇଁ ଛାତ୍ର ସଂସଦ ସଭାପତି ଡା. ବିଜୟ କୁମାର ଶତପଥୀ ଓ ସମ୍ପାଦକ ଅଧ୍ୟାପକ ବିଜୟ କୁମାର ନାୟକ ଏକ ପ୍ରେସ ବିବୃତିରେ ଅନୁରୋଧ କରିଛନ୍ତି ।

## ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀଙ୍କ ପୁଣ୍ୟତିଥି ପାଳିତ

ଧର୍ମଶାଳା, (ପିଏନ୍): ଗୋକର୍ଣ୍ଣିକା ସାହିତ୍ୟ ସମାଜ ଆନୁକୂଲ୍ୟରେ ଓଡ଼ିଶାର ଲବ୍ଧ ପ୍ରତିଷ୍ଠ ଶିଶୁ ସାହିତ୍ୟ ସ୍ରଷ୍ଟା ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀଙ୍କ ୨୭ତମ ପୁଣ୍ୟତିଥି ଧର୍ମଶାଳା ବ୍ଲକ ଜାରକାସ୍ଥିତ କାର୍ଯ୍ୟାଳୟ ପରିସରରେ ଆଜି ପାଳିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ରମାକାନ୍ତ ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କେନ୍ଦ୍ର ବାଲ ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ଶିଶୁ ସାହିତ୍ୟ ସ୍ରଷ୍ଟା ବଟକୃଷ୍ଣ ଓଝା ଉଦ୍‌ଘାଟକ ଭାବେ ଯୋଗ ଦେଇ ସ୍ୱର୍ଗତ ତ୍ରିପାଠୀ ପ୍ରଚଣ୍ଡ ଜ୍ଞାନ ଓ ମହତ ଗୁଣର ଅଧିକାରୀ ଓ ତାଙ୍କ ରଚିତ ଗ୍ରନ୍ଥାବଳୀ କାଳଜୟୀ ହୋଇ ରହିବ ବୋଲି କହିଥିଲେ । ମୁଖ୍ୟଅତିଥି ଭାବେ ପ୍ରଫେସର ବିଜୟ କୁମାର ଶତପଥୀ ଓ ମୁଖ୍ୟବକ୍ତା ଭାବେ ପୂର୍ବତନ ସଭାପତି ଡକ୍ଟର ପୁରୁଷୋତ୍ତମ ବିଶ୍ୱାଳ ଓ ସମ୍ମାନିତ ବକ୍ତା ଭାବେ ଜିଲ୍ଲା ଲେଖକ ସମ୍ମେଳନ ସଭାପତି ଡ. ରୁଦ୍ରନାରାୟଣ ପୃଷ୍ଟି ଯୋଗଦେଇ ପଣ୍ଡିତ ତ୍ରିପାଠୀ ସାଧାରଣ ଜନତାଙ୍କ ପରି କାର୍ଯ୍ୟକରି ଶାଳୀନତାର ସୀମା ମଧ୍ୟରେ ଜୀବନ କାଳରେ ଲକ୍ଷ୍ୟସ୍ଥଳରେ ପହଂଚିବାରେ ସକ୍ଷମ ହୋଇଥିଲେ । ଶିଶୁ ମନୋପଯୋଗୀ ଲେଖନି , ଶିଶୁଙ୍କ ସ୍ୱପ୍ନ, କଳ୍ପନା ଓ ଅଭିଳାଷକୁ ବଢ଼ାଇବାରେ ଅସାଧାରଣ ବ୍ୟକ୍ତିତ୍ୱ ହେଉଛି ପଣ୍ଡିତ ତ୍ରିପାଠୀ ବୋଲି ମତ ପ୍ରକାଶ କରିଥିଲେ । ସଂପାଦକ ହୃଷୀକେଶ ସାମଲ ସୂଚନା ଦେଇଥିବାବେଳେ କାର୍ଯ୍ୟକାରୀ ସଭାପତି ସଂଗ୍ରାମ ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ । ପଣ୍ଡିତ ତ୍ରିପାଠୀଙ୍କ ରଚନାରୁ ଉପସଭାପତି ମିନତୀ ସାହୁ, ମାଧୁରୀ ଶତପଥୀ, ଡ. ଇନ୍ଦୁପ୍ରଭା ସାମଲ, ପ୍ରଦୀପ ସାମଲ, ପ୍ରତାପରୁଦ୍ର ପଣ୍ଡା, ଅଜୟ କୁମାର ବାରିକ, ନୀଳମାଧବ ସାମଲ, ସନ୍ତୋଷ କୁମାର ତରାଇ, ବିଜୟ କୁମାର ନାୟକ, ଦେବବ୍ରତ ରାଉତ କବିତା ପାଠ କରି ଶ୍ରଦ୍ଧା ସୁମନ ଜଣାଇଥିଲେ । ସହସଂପାଦକ ନାରାୟଣ କୁମାର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଏସକେୱାଇ ହିତାଧିକାରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ



ଧର୍ମଶାଳା,(ପିଏନ୍): ଖାଦ୍ୟ ସୁରକ୍ଷା ଯୋଜନା ଏବଂ ବିଜୁ ସ୍ୱାସ୍ଥ୍ୟ କାର୍ଡରେ ସାମିଲ ହିତାଧିକାରୀମାନଙ୍କୁ ଜୀବୀକା ପାଇଁ ସରକାର ୧ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ ପାଇଁ ବ୍ୟବସ୍ଥା କରିଛନ୍ତି । ଗତ କାଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିବା ବେଳେ ଧର୍ମଶାଳା ବ୍ଲକରେ ଏହି କାର୍ଯ୍ୟକ୍ରମରେ ୫୦ ଜଣ ହିତାଧିକାରୀଙ୍କୁ ଅର୍ଥ ରାଶି ପ୍ରଦାନ କରାଯାଇଛି । ବ୍ଲକ ପରିସରରେ ଆୟୋଜିତ ଏହି ବଂଟନ କାର୍ଯ୍ୟକ୍ରମରେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ , ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଅତିଥି ଭାବେ ଯୋଗଦେଇ ୫୦ଜଣ ହିତାଧିକାରୀଙ୍କୁ ଏକ ହଜାର ଟଙ୍କା ଲେଖାଏଁ ବଂଟନ କରିଛନ୍ତି । ଧର୍ମଶାଳା ବ୍ଲକର ୪୫ ଟିପଂଚାୟତରେ ମୋଟ ୪୬ ହଜାର ୭୩୪ ପରିବାର ପାଇଁ ୪ କୋଟି ୬୭ ଲକ୍ଷ ୩୪ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ ପାଇଁ ଅର୍ଥ ମୁର ହୋଇଛି ବୋଲି ବିଧାୟକ ଶ୍ରୀ ବଳବନ୍ତରାୟ ସୂଚନା ଦେଇଛନ୍ତି । ଆଜି ଧର୍ମଶାଳା ବ୍ଲକର ମହିଶରା, କବାଟବନ୍ଧ, ତାଳଜଙ୍ଘ, ମର୍ଜିତାପୁର, ରାଇଛନ୍ଦା, ଚକ୍ରଧରପୁର, ବୃନ୍ଦାଦେଇପୁର, ଉତରପ୍ରତାପ, ଦେଓଦା, ମଙ୍ଗଳପୁର, ଭାବନୀପୁର, ପଟୁଣିଆ ପ୍ରଭୃତି ୧୨ ଗୋଟି ପଂଚାୟତର ବିଏସକେୱାଇ ହିତାଧିକାରୀଙ୍କୁ ଆର୍ଥିକ ସହାୟତା ପାଇଁ ଅର୍ଥ ପ୍ରଦାନ କରାଯାଇଥିବା ଯୋଗାଣ ନିରିକ୍ଷକ ଜଗମୋହନ ଦାସ ସୂଚନା ଦେଇଛନ୍ତି । ଏହି ଅର୍ଥ ସମ୍ପୃକ୍ତ ଅଂଚଳର ସ୍କୁଲ ଶିକ୍ଷକ, ଅଙ୍ଗନୱାଡି କର୍ମୀ ହିତାଧିକାରୀଙ୍କୁ ଅଥ ରାଶି ପ୍ରଦାନ କରିବେ । ଏଥିରେ ସମ୍ପୃକ୍ତ ଅଂଚଳର ଡିଲରମାନେ ହିତାଧିକାରୀ ଚିହ୍ନଟରେ ସହାୟତା କରିବେ ବୋଲି ବିଡିଓ ଅରବିନ୍ଦ ବେହେରା ସୂଚନା ଦେଇଛନ୍ତି ।







# ଛେଣ୍ଡ ଅଞ୍ଚଳରେ ହୋଇଥିବା ନିମ୍ନମାନର ରାସ୍ତାକାର୍ଯ୍ୟ ଓ ପେଭର ବ୍ଲକ୍ ବିଛା କାର୍ଯ୍ୟର ତଦନ୍ତ ପାଇଁ କଂଗ୍ରେସର ଦାବି

ରାଉରକେଲା (ପିଏନ୍): ରାଉରକେଲା ମହାନଗର ନିଗମ ତରଫରୁ ଛେଣ୍ଡ କଲୋନୀ ଅଞ୍ଚଳରେ କରାଯାଇଥିବା ରାସ୍ତା କାମ ଓ ପେଭର ବ୍ଲକ୍ ବିଛା କାର୍ଯ୍ୟର ତଦ' ପାଇଁ ୭ ନମ୍ବର ଛେଣ୍ଡ ବ୍ଲକ୍ କଂଗ୍ରେସ କମିଟି ତରଫରୁ ଦାବି କରାଯାଇଛି। ଏହି ମର୍ମରେ ଏକ ପ୍ରତିନିଧି ଦଳ ମହାନଗର ନିଗମ କମିଶନରଙ୍କ ଅନୁପସ୍ଥିତିରେ ଉପକମିଶନର ସୁଧାଂଶୁ ଶେଖର ଭୋଇଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିବା ସହିତ ଏହି ରାସ୍ତା କାର୍ଯ୍ୟ ଏବଂ ପେଭର ବ୍ଲକ୍ ବିଛା କାର୍ଯ୍ୟରେ ହୋଇଥିବା ଦୁର୍ନୀତି ଓ ନିମ୍ନମାନ ସମ୍ପର୍କରେ ବିଶଦ୍ ଭାବେ ଅବଗତ କରାଇଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଗତ ପ୍ରାୟ ୭ ଦିନ ପୂର୍ବେ ଛେଣ୍ଡ ଚିନ୍ମୟ ସ୍କୁଲ ଛକ ନିକଟସ୍ଥ ବିଦ୍ୟୁତ୍ ବିଭାଗ ସେକ୍ସନ ଅଫିସର ଉଭୟ ପାର୍ଶ୍ୱରେ ଥିବା କଲୋନୀ ମଧ୍ୟସ୍ଥ ରାସ୍ତାକୁ ପିଚୁ କରାଯାଇଥିଲା। ତେବେ ବିଡମ୍ବନାର ବିଷୟ ଅତ୍ୟ' ନିମ୍ନମାନର କାର୍ଯ୍ୟ ଯୋଗୁଁ ଏହି ରାସ୍ତାରୁ ପିଚୁ ଉଠିଯିବା ସହିତ ସମ୍ପ୍ରତି ରାସ୍ତା ଉପରେ ଛୋଟ ଛୋଟ ଗୋଡି ସବୁ ବିପର୍ଯ୍ୟସ୍ତ ଅବସ୍ଥାରେ ପଡିରହିଛି। ରାସ୍ତାରେ ଟିକିଏ ଜୋର୍‌ରେ ପାଦ ମାରିଲେ ଗୋଡିସବୁ ଉଠିଯାଉଛି। ତେଣୁ ଏହି ରାସ୍ତା ନିର୍ମାଣ କାର୍ଯ୍ୟର ଆବଶ୍ୟକୀୟ ତଦ' କରି ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ କଂଗ୍ରେସ ତରଫରୁ ଦାବି କରାଯାଉଛି। ସେହିପରି ଗତପ୍ରାୟ ୨ ମାସ ତଳେ ଛେଣ୍ଡସ୍ଥିତ ହୋମିଓପାଥିକ ଡାକ୍ତରଖାନା ସମ୍ମୁଖସ୍ଥ ରାସ୍ତାର ଉଭୟ ପାର୍ଶ୍ୱରେ ବିଛାଯାଇଥିବା ପେଭର ବ୍ଲକ୍ କାର୍ଯ୍ୟ ସଠିକ୍ ଭାବେ କରାଯାଇନଥିବାରୁ ଅଧିକାଂଶ ସ୍ଥାନରେ ସେଗୁଡିକ ଦବିଯିବା ସହିତ କେତେତ ସ୍ଥାନରେ ଉଠିଗଲାଣି। ଉକ୍ତ ପେଭର ବ୍ଲକ୍‌ଗୁଡିକ ସମତଳ କରି ବିଛା ଯାଇନଥିବା ବେଳେ ଆବଶ୍ୟକୀୟ ସ୍ଲାଗ୍ ଡଷ୍ଟ ଓ ବାଲି ଦିଆଯାଇ ରୋଲିଂ କରାଯାଇନଥିବାରୁ ଏଭଳି ଅବସ୍ଥା ସୃଷ୍ଟି ହୋଇଥିବା କୁହାଯାଉଛି। ତେଣୁ ଏହି ପେଭର ବ୍ଲକ୍ ବିଛା କାର୍ଯ୍ୟର ମଧ୍ୟ ଆବଶ୍ୟକୀୟ ତଦ' କରି ଦୃଷ୍ଟା'ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି। ଛେଣ୍ଡ ହୋମିଓପାଥିକ ଡାକ୍ତରଖାନା ସମ୍ମୁଖସ୍ଥ ନାଳିରୁ ଆବର୍ଜନା ବାହାର କରି ଡାକ୍ତରଖାନା ପରିସରରେ ଦୀର୍ଘଦିନ ହେବ ପକାଇ ଦିଆଯାଇଛି, ଯାହାକି ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ତେଣୁ ଡାକ୍ତରଖାନା ପରିସରକୁ ସଫାସୁତୁରା ରଖିବା ପାଇଁ ଆପଣ ଆବଶ୍ୟକୀୟ ନିର୍ଦ୍ଦେଶ ଦେବାକୁ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି। ଆହୁରି ମଧ୍ୟ ବିଭିନ୍ନ ପ୍ରକଳ୍ପର ନିର୍ମାଣ ସ୍ଥଳୀରେ ପ୍ରକଳ୍ପ ବାବଦରେ ଫଳକ ଲଗାଯାଉନଥିବାରୁ ସାଧାରଣ ଲୋକେ ସମ୍ପୃକ୍ତ ପ୍ରକଳ୍ପ ପାଇଁ କେତେ ଅର୍ଥରାଶି ମୁର ହୋଇଛି ଏବଂ କି ପ୍ରକାରର ପ୍ରକଳ୍ପ କରାଯିବ, କେବେ ଆରମ୍ଭ ହୋଇ କେବେ ସରିବ ଇତ୍ୟାଦି ସମସ୍ତ କଥା ଜାଣିବାରୁ ବଞ୍ଚିତ ହେଉଛ଼ି। ତେଣୁ ପ୍ରତ୍ୟେକ ପ୍ରକଳ୍ପ ସ୍ଥଳୀରେ ନିର୍ମାଣ କାର୍ଯ୍ୟ ଆରମ୍ଭ ପୂର୍ବରୁ ପ୍ରକଳ୍ପ ସମ୍ପର୍କିତ ସୂଚନା ଫଳକ ବାଧ୍ୟତାମୂଳକ ଭାବେ ଲଗାଇବାକୁ କଂଗ୍ରେସ ପ୍ରତିନିଧି ଦଳ ତରଫରୁ ଏହି ଅବସରରେ ଦାବି କରାଯାଇଛି। ତେବେ ଏ ସମସ୍ତ ବିଷୟ ପ୍ରତି ଉପକମିଶନର ଶ୍ରୀ ଭୋଇ ଅବଗତ ହୋଇ ତୁର' ଏ ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛ଼ି। ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ତଥା ରାଉରକେଲାର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତିଙ୍କ ନେତୃତ୍ୱରେ ବ୍ଲକ୍ କଂଗ୍ରେସ ସଭାପତି ବିଜୟ ଆପଟ, ଜିଲ୍ଲା କଂଗ୍ରେସ ଉପସଭାପତି ଦେବବ୍ରତ ବିହାରୀ, ସାମାଜିକ ଗଣମାଧ୍ୟମ ଉପାଧ୍ୟକ୍ଷ ସୁଧୀର ନାଥ, ସେବାଦଳର ସାରଦା ପ୍ରସନ୍ନ ଦାସ ଓ ବନଲତା ବେହେରା, ଝୁନୁ ପଟ୍ଟନାୟକ, ବରିଷ୍ଠ କଂଗ୍ରେସ ନେତା ଭାସ୍କର ଖିଲ୍ଲାର, ଜିତେନ୍ଦ୍ର ଦାସ ଓ ବିଜୟ ପଟ୍ଟନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ ବୋଲି ମୁଖପାତ୍ର କୈଳାସ ସାହୁ ଏକ ପ୍ରେସ୍ ବିବୃତିରେ ଜଣାଇଛ଼ି।

# ପ୍ରଧାନଶିକ୍ଷକଙ୍କ ବଦଳିକୁ ନେଇ ଜଙ୍ଗଲରେ ତେଜୁଛି ଜନଆନ୍ଦୋଳନ




ଭୁବନେଶ୍ୱର (ପିଏନ୍): ପ୍ରଧାନଶିକ୍ଷକଙ୍କ ବଦଳିକୁ ନେଇ ଜଙ୍ଗଲଘେର ମଧ୍ୟରେ ଥିବା ଆଦିବାସୀ ଗାଁ କନ୍ଦଲେଇରେ ତେଜୁଛି ଜନଆନ୍ଦୋଳନ। ଭୁବନେଶ୍ୱର ଉପକଣ୍ଠ ଛତାବର ପଞ୍ଚାୟତ ଅଧୀନରେ ଥିବା ଚନ୍ଦକା-ଡମ୍ପଡ଼ା ହସ୍ତୀ ଅଭୟାରଣ୍ୟ ମଧ୍ୟରେ ରହିଛି ଏହି ଆଦିବାସୀ ଗାଁ। ଗ୍ରାମରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପବିତ୍ରମୋହନ ନାୟକଙ୍କ ପଦୋନ୍ନତି ବଦଳି ଖବର ଶୁଣି ଗ୍ରାମବାସୀ ଓ ବିଦ୍ୟାଳୟର ଛାତ୍ର, ଛାତ୍ରୀ ଏକତ୍ରିତ ହୋଇ ବିଦ୍ୟାଳୟ ସମ୍ମୁଖରେ ପ୍ଲାକାର୍ଡ଼ ଧରି ପ୍ରତିବାଦ ଆରମ୍ଭ କରିଦେଇଛନ୍ତି। ପ୍ଲାକାର୍ଡ଼ରେ କୋହ୍ଲ ଭାଷାରେ ପବିତ୍ର ସାର୍ ଆଲେକେ ଦରକାର, ପବିତ୍ର ସାର୍ ଆଲିଆ ସ୍କୁଲ୍‌ରେ ତାଇନ୍‌କେ ଏବଂ ଓଡ଼ିଆରେ ଆମର ଦରକାର ପବିତ୍ର ସାର୍, ଆମର ଦାବି ପବିତ୍ର ସାରଙ୍କ ବଦଳି ବନ୍ଦ ହେଉ ନାରା ଦେଇ ବିଦ୍ୟାଳୟ ସମ୍ମୁଖରେ ଗ୍ରାମବାସୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସୂଚନାଯୋଗ୍ୟ ୨୦୧୩ ମସିହାରେ ଗାଁର ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଇବା ପାଇଁ ସରକାର ପବିତ୍ରମୋହନ ନାୟକଙ୍କୁ ଉକ୍ତ ଗାଁରେ ଥିବା ବିଦ୍ୟାଳୟରେ ନିଯୁକ୍ତି ଦେଇଥିଲେ। ଶିକ୍ଷାଦାନ ସହ ଗାଁର ବିକାଶ ଓ ଲୋକଙ୍କ ଭଲମନ୍ଦ ସଦାସର୍ବଦା ବୁଝନ୍ତି ପବିତ୍ର ସାର୍। ରାତି ହେଉ କି ଦିନ ହେଉ, ଗାଁର କେହି ବ୍ୟକ୍ତି ଅସୁସ୍ଥ ହେଲେ ତୁରନ୍ତ ଆମ୍ବୁଲାନ୍ସ ଡ଼ାକି ହସ୍ପିଟାଲ ଯିବାର ବନ୍ଦୋବସ୍ତଠାରୁ ଧରି ପିଲାମାନେ ଏଠାରୁ ପଞ୍ଚମ ଶ୍ରେଣୀ ଉତ୍ତୀର୍ଣ୍ଣ ହେବା ପରେ କେମିତି ଓ କେଉଁଠି ପିଲାମାନଙ୍କର ସରକାରୀ ଆଦିବାସୀ ଆବାସିକ ବିଦ୍ୟାଳୟରେ ଆଡ଼ମିଶନ୍ ହେବ ସେ ଦାୟିତ୍ୱ ବି ନେଇଥାନ୍ତି ପବିତ୍ର ସାର୍। ଗାଁର ସୁଖ, ଦୁଃଖ ସହ ସଦାସର୍ବଦା ଲୋକମାନଙ୍କ ସହ ସେ ଯୋଡ଼ି ହୋଇ ରହିଥାନ୍ତି। ଗ୍ରାମବାସୀଙ୍କ ମନ ଜିଣିନେଇଥିବାରୁ ସାରଙ୍କ ବଦଳିକୁ ଗ୍ରାମବାସୀମାନେ ସହଜରେ ଗ୍ରହଣ କରିପାରିନାହାଁନ୍ତି। ଏଣୁ ଏହାକୁ ଗ୍ରାମବାସୀମାନେ ତୀବ୍ର ବିରୋଧ ବି କରିଛନ୍ତି। ସରକାର ତୁରନ୍ତ ସାରଙ୍କ ବଦଳିକୁ ରଦ୍ଦ କରନ୍ତୁ ନଚେତ ଆଗାମୀ ଦିନରେ ଆମେ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ଗ୍ରାମବାସୀ କହିଛନ୍ତି।

# ‘ଓୟୁଜେ’ର ସୁବର୍ଣ୍ଣ ଜୟନ୍ତୀ ସମାରୋହ

ଭୁବନେଶ୍ୱର (ପିଏନ୍): ରାଜ୍ୟରେ ସାମ୍ବାଦିକମାନଙ୍କ ସାମାଜିକ ନିରାପତ୍ତା ସମ୍ପର୍କିତ ପଦକ୍ଷେପକୁ ତ୍ୱରାନ୍ୱିତ କରାଯାଇ କାର୍ଯ୍ୟକାରୀ କରାଯିବ। ଏହି ପରିପ୍ରେକ୍ଷୀରେ କାର୍ଯ୍ୟକାରୀ ହେଉଥିବା ସ୍ୱାସ୍ଥ୍ୟ ବୀମାରାଶିର ପରିମାଣକୁ ୨ଲକ୍ଷ ଟଙ୍କାରୁ ୫ଲକ୍ଷକୁ ବୃଦ୍ଧି କରାଯିବା ସହ ପେନ୍‌ସନ୍ ଓ ଅନ୍ୟାନ୍ୟ କଲ୍ୟାଣମୂଳକ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରାଯାଇଛି ବୋଲି ରାଜ୍ୟ ସରକାରଙ୍କ ମିଡ଼ିଆ ପରାମର୍ଶଦାତା ମାନସ ମଙ୍ଗରାଜ ସୂଚନା ଦେଇଛନ୍ତି। ରାଜ୍ୟର ପୁରାତନ ସାମ୍ବାଦିକ ସଙ୍ଗଠନ ଓଡ଼ିଶା ସାମ୍ବାଦିକ ୟୁନିଅନ୍ (ଓୟୁଜେ)ର ସୁବର୍ଣ୍ଣ ଜୟନ୍ତୀ ଅବସରରେ ବୁଧବାର ଦିନ ସ୍ଥାନୀୟ ଜୟଦେବ ଭବନରେ ଏକ ରାଜ୍ୟସ୍ତରୀୟ ସମାବେଶର ଆୟୋଜନ କରାଯାଇଥିଲା। ୩୦ଟି ଯାକ ଜିଲ୍ଲାରୁ ସାମ୍ବାଦିକମାନେ ଏହି ସମ୍ମିଳନୀରେ ଯୋଗଦେଇ ଗଣମାଧ୍ୟମିକ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ସମ୍ମିଳନୀରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶ୍ରୀ ମଙ୍ଗରାଜ କହିଥିଲେ ଯେ, ରାଜ୍ୟ ସରକାର ସାମ୍ବାଦିକମାନଙ୍କ କଲ୍ୟାଣ ଯୋଜନାର କାର୍ଯ୍ୟକାରିତା ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ଓୟୁଜେ ପକ୍ଷରୁ ଉଠାଯାଇଥିବା ଦାବି ଉପରେ ପଦକ୍ଷେପ ଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଖୁବ୍‌ଶୀଘ୍ର ବୀମା ରାଶିର ପରିମାଣକୁ ୫ଲକ୍ଷ ଟଙ୍କାକୁ ବୃଦ୍ଧି କରାଯିବା ସହ ପେନ୍‌ସନ୍ ଓ ଅନ୍ୟାନ୍ୟ କଲ୍ୟାଣମୂଳକ ଯୋଜନା କାର୍ଯ୍ୟକାରୀ କରିବାକୁ ଯେଉଁ ଦାବି ହେଉଛି ସେହି ବାବଦରେ ବିଭିନ୍ନ ରାଜ୍ୟ ଗସ୍ତକରି ସେଠାରେ କାର୍ଯ୍ୟକାରୀ ହେଉଥିବା ଯୋଜନାକୁ ଅନୁଧ୍ୟାନ କରିବା ସହ ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବା ପାଇଁ ତିନୋଟି ପ୍ରତିନିଧି ଦଳଙ୍କୁ ପଠାଯିବ। ରିପୋର୍ଟ ମିଳିବା ପରେ ଏ ବାବଦରେ ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ କରିବେ ବୋଲି ସେ ସୂଚନା ଦେଇଥିଲେ। ସେହିପରି ଡିଜିଟାଲ ମିଡ଼ିଆ ବାବଦରେ ଖୁବ୍‌ଶୀଘ୍ର ଏକ ନୀତି ପ୍ରଣୟନ କରାଯିବ ବୋଲି ସେ ପ୍ରକାଶ କରିଥିଲେ। ମାଲକାନଗିରି ଜିଲ୍ଲାରେ ସାମ୍ବାଦିକମାନଙ୍କ ଗିରଫଦାରୀ ପ୍ରସଙ୍ଗରେ ସୂଚନା ଦେଇ ସେ କହିଥିଲେ ଯେ ରାଜ୍ୟ ସରକାର ଏ ବାବଦରେ ତଦନ୍ତ ନିର୍ଦ୍ଦେଶ ଦେବାକୁ ଯାଉଛନ୍ତି। ରିପୋର୍ଟ ମିଳିବାପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ ଓ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ସମ୍ମାନିତ ଅତିଥି ରୂପେ ଯୋଗଦେଇ ସାମ୍ବାଦିକମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟ ବକ୍ତା ବରିଷ୍ଠ ସାମ୍ବାଦିକ ରବି ଦାସ ରାଜ୍ୟରେ ସାମ୍ବାଦିକତା ଲାଗି ଏକ ଅନୁକୂଳ ବାତାବରଣ ସୃଷ୍ଟି କରାଯିବାର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିବା ସହ ସାମ୍ବାଦିକମାନଙ୍କ ବିଭିନ୍ନ ଦାବି ପୂରଣ ପାଇଁ ସରକାର ନିର୍ମାଣ ଶ୍ରମିକ ପାଣ୍ଠି ଢାଂଚାରେ ବିଜ୍ଞାପନ ଓ ବିଭିନ୍ନ ସୂତ୍ରରୁ ଅର୍ଥ ସଂଗ୍ରହ କରିବାକୁ ପରାମର୍ଶ ଦେଇଥିଲେ। ଉତ୍ସବରେ ଅଧ୍ୟକ୍ଷତା କରି ଓୟୁଜେ ସଭାପତି, ପ୍ରେସ୍ କାଉନସିଲ୍ ସଦସ୍ୟ ପ୍ରସନ୍ନ ମହାନ୍ତି ବୀମା ରାଶି ବୃଦ୍ଧି ସହ ପେନ୍‌ସନ୍ ଯୋଜନା ଲାଗୁକରିବା ଓ ଅଧିସ୍ୱୀକୃତି କମିଟି ଗଠନ କରି ନିୟମରେ ପରିବର୍ତ୍ତନ କରିବାକୁ ଦାବି କରିବା ସହ ମାଲକାନଗିରି ଘଟଣାର ତୀବ୍ର ନିନ୍ଦା କରି ରାଜ୍ୟରେ ତୁରନ୍ତ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରାଯିବାର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ସାଧାରଣ ସମ୍ପାଦକ ଅଶୋକ ନନ୍ଦ ଓୟୁଜେର ସାଙ୍ଗଠନିକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ବରିଷ୍ଠ ସାମ୍ବାଦିକ ଅକ୍ଷୟ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପସଭାପତି କିଶାନ ରାଉତ ଓୟୁଜେର ଦାବି ସମ୍ପର୍କରେ ଅତିଥିମାନଙ୍କ ଦୃଷ୍ଟି ଆକର୍ଷଣ କରିଥିବାବେଳେ ଅନ୍ୟତମ ଉପସଭାପତି ଉପନ ସାହୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଓୟୁଜେର ଆଗାମୀ ଦ୍ୱିବାର୍ଷିକ ନିର୍ବାଚନ ପାଇଁ ନିର୍ବାଚନ ଅଧିକାରୀ ଶିଶିର ଦାସ ଓ ପ୍ରମୋଦ ସାମନ୍ତରାୟ କାର୍ଯ୍ୟସୂଚୀ ଘୋଷଣା କରିଥିଲେ। ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ରାଜ୍ୟର ୧୦ଜଣ ପ୍ରତିଭାବାନ୍ ସାମ୍ବାଦିକଙ୍କୁ ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଥିଲା।

## ତିନିଜଣ ରୋଗାକ୍ରାନ୍ତଙ୍କୁ ସହାୟତା ଦାବି ନେଇ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ

ଖଣ୍ଡପଡା (ପିଏନ୍) ଦାରିଦ୍ର୍ୟର କଷାଘାତରେ ସଢୁଥିବା ୩ଜଣ ଗରିବ ବ୍ୟକ୍ତି ଅର୍ଥ ଅଭାବରୁ ଉପଯୁକ୍ତ ଚିକିତ୍ସା ସେବା ପାଇବାରୁ ବଂଚିତ ହୋଇ ଏବେ ମୃତ୍ୟୁ ସହ ସଂଗ୍ରାମ କରି ବାସଗୃହରେ ପଡି ରହିଛ଼ି। ବାରମ୍ବାର ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ଉଚ୍ଚ କର୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ ସତ୍ୱେ ମଧ୍ୟ କେହି ହେଲେ ପ୍ରଶାସନିକ ଅଧିକାରୀ ରୋଗାକ୍ରାନ୍ତ ବ୍ୟକ୍ତି ମାନଙ୍କୁ ଆର୍ଥିକ ସହଯୋଗ ଓ ସହାୟତାର ହାତ ବଢାଇ ନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ରୋଗାକ୍ରାନ୍ତ ବ୍ୟକ୍ତିମାନେ ହେଲେ ଖଣ୍ଡପଡା ବ୍ଲକ ଅଧିନ କିଆଝର ପଂଚାୟତ ସାନ ଖଜୁରିଆ ଗ୍ରାମର ଅନ୍ତର୍ଯ୍ୟାମୀ କର(୪୫), ଖଣ୍ଡପଡା ସହର ୧୧ନଂ ୱାର୍ଡ ଗଡଭିତର ସାହିର ନିରଂଜନ ଜେନା(୪୬) ଓ ଗୁଣ୍ଠୁଣି ଗ୍ରାମର ସର୍ଂୋଷ ବିଶ୍ୱାଳ(୨୧) ବୋଲି ଜଣାପଡିଛି। ଉପରୋକ୍ତ ୩ଜଣ ରୋଗାକ୍ରାନ୍ତ'ଙ୍କୁ ଆର୍ଥିକ ସହାୟତା ରାଶି ପ୍ରଦାନ ନିମନ୍ତେ ଭାରତୀୟ ବିକାଶ ପରିଷଦ ଜାତୀୟ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଥିବା ନେଇ ପରିଷଦର ରାଜ୍ୟ ସଭାପତି ସୁରେନ୍ଦ୍ର କୁମାର ପାଣିଗ୍ରାହୀ ଏକ ପ୍ରେସ ବିବୃତିରେ ଜଣାଇଛ଼ି। ଜାତୀୟ ମାନବାଧିକାର କମିଶନ ଅଭିଯୋଗଟିକୁ ଗ୍ରହଣ କରିଥିବା ଜଣାଯାଇଛି। ରାଜ୍ୟ ସରକାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ମାଗଣାରେ ଆନୁସଙ୍ଗିକ ଚିକିତ୍ସା ସହାୟତା ଯୋଗାଇଦେବା ନିମନ୍ତେ ସ୍ୱାସ୍ଥ୍ୟକାର୍ଡ ବଂଟନ କରୁଛନ୍ତି। ହେଲେ ଏହି ତିନିଜଣ ରୋଗାକ୍ରାନ୍ତଙ୍କ ପ୍ରତି ନୟାଗଡ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଜିଲ୍ଲାପାଳ ଦୃଷ୍ଟି ନଦେବା ପରିତାପର ବିଷୟ ଅଟେ। ତେବେ ରାଜ୍ୟ ସରକାରଙ୍କ ଏହିସବୁ ଯୋଜନା ଆଉ କାହା ପାଇଁ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କେନ୍ଦ୍ରାପଡ଼ା (ପିଏନ୍): ସର୍ବ ଭାରତୀୟ ରାଜ୍ୟ ପେନସନର୍ସ ମହାସଙ୍ଘର ଡାକରାରେ କେନ୍ଦ୍ରାପଡା ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବା ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସେହି ଦାବିପତ୍ରରେ ଉଲ୍ଲେଖ ରହିଛି ଯେ ଜଣେ ସରକାରୀ କର୍ମଚାରୀ ଅବସର ନେବାର ୬୫ରୁ ୭୦ବର୍ଷ, ୭୦ରୁ ୭୫ ବର୍ଷ, ୭୫ ବର୍ଷରୁ ୮୦ବର୍ଷ, ୮୦ରୁ ୮୫ବର୍ଷ, ୮୫ରୁ ୯୦ବର୍ଷ, ୯୦ରୁ ୯୫ବର୍ଷ ଓ ୯୫ରୁ ୧୦୦ବର୍ଷ ପର୍ଯ୍ୟନ୍ତ ଯଥାକ୍ରମେ ୧୫, ୨୫, ୩୫, ୪୫, ୬୦, ୭୫ ଓ ଶତ ପ୍ରତିଶତ ଆନୁପାତିକ ଭାବେ ଅତିରିକ୍ତ ପେନସନ ଅଭିବୃଦ୍ଧି କରାଯିବା, ଜାନୁଆରୀ ୨୦୨୦ ରୁ ୨୦୨୧ ମାର୍ଚ୍ଚ ପର୍ଯ୍ୟନ୍ତ ବକେୟା ଡି.ଏ. ପ୍ରଦାନ ଏବଂ ସ୍ଥାୟୀ ୧୫ଶହ ଟଙ୍କା ଚିକିତ୍ସା ଭତ୍ତା ପ୍ରଦାନ ପ୍ରଭୃତି ରହିଛି। କେନ୍ଦ୍ରାପଡା ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀମାନଙ୍କ ପକ୍ଷରୁ ଭ୍ରମରବର ରାଉତ, ଦିବାକର ଜେନା, ବାନାମ୍ବର ସାହୁ, କାଶୀନାଥ ରାଉତରାୟ, ହେମନ୍ତ କୁମାର ଜେନା, ସୁବାଷ ପାତ୍ର, ରବିନ୍ଦ୍ର ନାଥ ରଥ, ପ୍ରେମାନନ୍ଦ ଷଡଙ୍ଗୀ, ଅଲେଖ ପ୍ରସାଦ ଦାସ ପ୍ରମୁଖ ଧାରଣାର ନେତୃତ୍ୱ ନେଇଥିଲେ।

# ଜିଲ୍ଲାସ୍ତରୀୟ ତମାଖୁ ସଚେତନତା କାର୍ଯ୍ୟକ୍ରମ

ବାଲେଶ୍ୱର (ପିଏନ୍)- ଜିଲ୍ଲା ମୁଖ୍ୟଚିକିତ୍ସାଳୟ ଏବଂ ଫକିର ମୋହନ ଭେଷଜ ମହାବିଦ୍ୟାଳୟ ର ମିଳିତ ଆନୁକୁଲ୍ୟରେ ଜିଲ୍ଲା ମୁଖ୍ୟଚିକିତ୍ସାଳୟ ପରିସର ମଧ୍ୟରେ ଥିବା ସଭାଗୃହରେ ଏକ ଜିଲ୍ଲା ସ୍ତରିୟ ତମାଖୁ ବର୍ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାର ବିଭିନ୍ନ କର୍ମକର୍ତ୍ତାମାନେ ଉପସ୍ଥିତ ରହି ଏହି ସଚେତନତା କାର୍ଯ୍ୟକ୍ରମ ରେ ଅଂଶ ଗ୍ରହଣ କରିଥିଲେ। ଏଥିରେ ମୁଖ୍ୟତଃ ତମାଖୁ ଜନିତ ବଭିନ୍ନ ରୋଗ ବିଷୟରେ ଆଲୋକ ପାତ କରାଯାଇଥିଲା। ଏଥି ସହିତ ତମାଖୁ ବିକ୍ରି ଏବଂ ସାର୍ବଜନିନ ସ୍ଥାନରେ ଧୁମପାନ ଏକ ଆଇନତଃ ଅପରାଧ ବୋଲି ଆଲୋଚନା କରାଯିବା ସହ ଏଥି ଜନିତ ବିଭିନ୍ନ ଆଇନଗତ ନିୟମମାନ ଓ ଦଣ୍ଡ ବଧାନ ଉପରେ ଆଲୋକପାତ କରାଯାଇଥିଲା। କୌଣସି ଶିକ୍ଷା ଅନୁଷ୍ଠାନ କିମ୍ବା ସରକାରୀ ଅନୁଷ୍ଠାନର ୧୦୦ ୟାର୍ଡସ କିମ୍ବା ୯୩ ମିଟର ପରିଧି ମଧ୍ୟରେ ଯଦି କୌଣସି ତମାଖୁ ଜନିତ ଦ୍ରବ୍ୟର ବିକ୍ରି, ପଦର୍ଶନ କିମ୍ବା ପ୍ରସାହନ କରାଯାଏ, ତେବେ ୨୦୦ ଟଙ୍କା ପର୍ଯ୍ୟନ୍ତ ଜରିମନା କରାଯିବା ସହ ସମସ୍ତ ତମାଖୁ ଜାତୀୟ ଦ୍ରବ୍ୟର ଜବଦ କରିବାର ଆଇନ ବିଷୟରେ ଆଲୋଚନା କରାଯାଇଥିଲା। ଏଥିରେ ରାଜ୍ୟର ତମାଖୁ ନିୟନ୍ତ୍ରଣ ପରାମର୍ଶ ଦାତା ଡଃ ଗିରିଜା ଶଙ୍କର ମିଶ୍ର ଉପସ୍ଥିତ ରହି ଏହି ସବୁ ଆଇନ କାନୁନ ବିଷୟରେ ସମସ୍ତଙ୍କୁ ଅବଗୋତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଡା. ମୃତ୍ୟୁଞ୍ଜୟ ମିଶ୍ର, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଏବଂ ଡା. ଦୁଲାଇ ସେନ୍, ଜଗଦେବ ମୁଖ୍ୟ ଜିଲ୍ଲା ଚିକିତ୍ସା ଜନସ୍ୱାସ୍ଥ୍ୟ ଅଧିକାରୀ ଯୋଗଦେଇ ବିଭିନ୍ନ ବିଭାଗର କର୍ମକର୍ତ୍ତା ଙ୍କୁ ତମାଖୁ ଜନିତ ଅସୁବିଧା ସମ୍ବଦରେ ଅବଗତ କରାଯାଇଥିଲା। ଉକ୍ତ ସଚେତନତା କାର୍ଯ୍ୟକ୍ରମକୁ ମୌସୁମୀ ସାମଲ ଜିଲ୍ଲା ତମାଖୁ ନିୟନ୍ତ୍ରଣ ପରାମର୍ଶ ଦାତା ଏବଂ ଡା. ଅରୁପ ଅଭିଷେକ, ଜିଲ୍ଲା ଏପିଡେମିଓ ଲୋଜି ପ୍ରତ୍ୟେକ୍ଷ ତତ୍ୱାବଧାନରେ ପରିଚାଳନା କରିଥିଲେ। ସର୍ବଶେଷରେ ଶ୍ରୀ ଅନିଲ କୁମାର ମହାନ୍ତି, ଜିଲ୍ଲା ପ୍ରକଳ୍ପ ପରିଚାଳକ ସମସ୍ତଙ୍କୁ ଧନ୍ୟବାଦ ଦେଇ ସମସ୍ତଙ୍କର ସହଯୋଗ କାମନା କରିଥିଲେ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Phagyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## ଆଦର୍ଶ ପ୍ରଧାନଶିକ୍ଷକ ଦୁର୍ଯ୍ୟୋଧନ ଦାସଙ୍କ ସ୍ମୃତିସଭା



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡା ବ୍ଲକ ଅନ୍ତର୍ଗତ କେୟାରବାଙ୍କ ଗ୍ରାମର ସୁନାମଧନ୍ୟ ସମାଜସେବୀ ତଥା ଆଦର୍ଶ ପ୍ରଧାନ ଶିକ୍ଷକ ଦୁର୍ଯ୍ୟୋଧନ ଦାସଙ୍କ ଦ୍ୱାଦଶାହ ଉପଲକ୍ଷେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ମହାକାଳପଡା ବିକାଶ ମଞ୍ଚ ଆନୁକୂଲ୍ୟରେ ଆୟୋଜିତ ଏହି ସ୍ମୃତିସଭାରେ ସମାଜସେବୀ ବୈକୁଣ୍ଠ ନାଥ ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ପ୍ରଥମେ ସ୍ୱର୍ଗତ ଦାସଙ୍କ ଫଟୋଚିତ୍ରରେ ସାମୁହିକ ମାଲ୍ୟାର୍ପଣ କରାଯିବା ପରେ ଗୀତା ପାଠ ଓ ନିରବ ପ୍ରାର୍ଥନା କରାଯାଇଥିଲା। ଦୀର୍ଘ ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ କାଳ ଜଗମୋହନ ହାଇସ୍କୁଲ, ବିଜୟନଗର ହାଇସ୍କୁଲ, ଆଶ୍ରମ ବାଲିକୁଦା ହାଇସ୍କୁଲରେ ସ୍ୱର୍ଗତ ଦାସ ଶିକ୍ଷକତା କରିବା ସହ ପରବର୍ତ୍ତୀ ସମୟରେ ମାଣିକପୁର ହାଇସ୍କୁଲରେ ପ୍ରଧାନଶିକ୍ଷକ ଦାୟୀତ୍ୱ ସମ୍ପାଦନ କରି ପ୍ରଶଂସିତ ଓ ସମ୍ମାନିତ ହୋଇଥିଲେ। ଶିକ୍ଷକତା ସହିତ ସାମାଜିକ ଉନ୍ନୟନମୂଳକ କାର୍ଯ୍ୟରେ ନିଜର ଦକ୍ଷତା ପ୍ରଦର୍ଶନ କରି ଜଣେ ବନ୍ଧୁବତ୍ସଳ ବ୍ୟକ୍ତି ଭାବେ ସେ ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଥିଲେ ବୋଲି ସ୍ମୃତିସଭାରେ ଯୋଗଦେଇ ବିକାଶ ମଞ୍ଚ ସଭାପତି କାଶୀନାଥ ରାଉତରାୟ, ରବୀନ୍ଦ୍ରନାଥ ପାଳ, ପ୍ରଣବ କୁମାର ଜେନା, ହେମନ୍ତ ଜେନା, ବିଦ୍ୟୁତ ଖୁଣ୍ଟିଆ, ରତ୍ନାକର ରାଉତରାୟ, ସୌରୀରଞ୍ଜନ ମଲ୍ଲ, ଭାଗିରଥୀ ମଲ୍ଲ, ମାଧବ ଚନ୍ଦ୍ର ବାରିକ, ରମେଶ ଚନ୍ଦ୍ର ନାୟକ, କେଶବ ଚନ୍ଦ୍ର ପରମାଣିକ, ଭ୍ରମରବର ଦାସ, ଗରୁଡ ଚରଣ ବିଶ୍ୱାଳ, ବିଜୟ କୁମାର ନାଥ, ନିରାକାର ମଲ୍ଲିକ, ସ୍ୱର୍ଗତ ଦାସଙ୍କ ପୁତ୍ର ତପନ, ଆଲୋକ, ଜୀବନ, ମିଟୁ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ମତବ୍ୟକ୍ତ କରିଥିଲେ। ଶେଷରେ ମଞ୍ଚର ସଭ୍ୟ ଧନେଶ୍ୱର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## କେନ୍ଦ୍ରାପଡା କଲେଜର ନୂତନ ପ୍ରକଳ୍ପ ଲୋକାର୍ପିତ

କେନ୍ଦ୍ରାପଡ଼ା (ପିଏନ୍) : କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ୧୯୭୧ ଭାରତ-ପାକିସ୍ଥାନ ଯୁଦ୍ଧରେ ବ୍ୟବହୃତ ଟ୍ୟାଙ୍କ- ଟି୫୫ କଲେଜ ପରିସରରେ କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା ଓ କଲେଜ ପରିଚାଳନା ପରିଷଦ ସଭାପତି ଡା. ବାସୁଦେବ ପାତ୍ର ଓ କଲେଜ ଅଧ୍ୟକ୍ଷ ଡଃ. ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି। ଏହି ଟ୍ୟାଙ୍କ ଦେଶର ରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଭାରତ-ପାକିସ୍ଥାନ ଯୁଦ୍ଧର ବିଜୟ ଗୌରବର ସ୍ମାରକୀ ଭାବେ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟକୁ ପ୍ରଦାନ କରାଯାଇଛି। କଲେଜ ପରିସରରେ ଏହି ଟ୍ୟାଙ୍କ ଛାତ୍ରଛାତ୍ରୀ ତଥା ସର୍ବସାଧାରଣଙ୍କ ପାଇଁ ଦର୍ଶନ ନିମିତ୍ତ ରଖାଯାଇଛି। ଏତଦବ୍ୟତିତ ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ(ରୁସା) ଅନୁଦାନରେ ନିର୍ମିତ ଶୈକ୍ଷିକ ଗୃହ, ନବୀକୃତ ଗଣିତ, ପରିସଂଖ୍ୟାନ ଓ ପ୍ରାଣୀ ବିଜ୍ଞାନ ଗୃହ ସମେତ ଉଚ୍ଚଶିକ୍ଷା ବିଭାଗର ଫନି ବାତ୍ୟା ଜନିତ ଅନୁଦାନରେ ନିର୍ମିତ ଭୂବିଜ୍ଞାନ ବିଭାଗର ନୂତନ ଗୃହକୁ ଅତିଥିମାନେ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ କଲେଜର ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀଙ୍କ ସମେତ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। କଲେଜର ପୁରାତନ ଛାତ୍ରଙ୍କ ମଧ୍ୟରେ ରାଜେଶ ପଣ୍ଡା, ପ୍ରଦିପ କୁମାର ସାହୁ, ମହେନ୍ଦ୍ର ମିଶ୍ର ପ୍ରମୁଖ ମଧ୍ୟ ଉପସ୍ଥିତ ଥିଲେ।

## ଟିପିସିଓଡିଏଲ ପକ୍ଷରୁ ଅସାଧୁ ବିଦ୍ୟୁତ ବ୍ୟବହାରକାରୀଙ୍କ ଉପରେ ଚଢାଉ

କେନ୍ଦ୍ରାପଡ଼ା (ପିଏନ୍): ଟିପିସିଓଡିଏଲ କେନ୍ଦ୍ରାପଡା ଡିଭିଜନ ପକ୍ଷରୁ ସହକାରୀ ସାଧାରଣ ପରିଚାଳକ ପ୍ରଦିପ୍ତ ଦାଶଙ୍କ ତତ୍ୱାବଧାନରେ ଟିପିସିଓଡିଏଲ ପ୍ରବର୍ତ୍ତନ ବିଭାଗ ସହାୟତାରେ ଡିଭିଜନର ବିଭିନ୍ନ ଅଞ୍ଚଳରେ ଅସାଧୁ ବିଦ୍ୟୁତ ବ୍ୟବହାରକାରୀଙ୍କ ଉପରେ ଚଢାଉ କରାଯାଇଛି। ଏହି ଚଢାଉରେ ୫୧୦ଟି ଗୃହ ଓ ଅନୁଷ୍ଠାନକୁ ତଦାରଖ କରାଯାଇଥିବା ବେଳେ ସେଥିମଧ୍ୟରୁ ୮୦ଟି ବିଦ୍ୟୁତ ଚୋରୀ ଧରାଯାଇ ଅନ୍ୟୂନ୍ୟ ୧୮୯ କିଲୋୱାଟ ଲୋଡ ବିଦ୍ୟୁତ ଧାରା ୧୩୫-୨୦୦୩ରେ ପଞ୍ଜିକରଣ କରାଯାଇଛି। ୨୦ଟି ବେଆଇନ ବିଦ୍ୟୁତ ସଂଯୋଗ ତତ୍‌କ୍ଷଣାତ ବିଛିନ୍ନ କରାଯାଇଛି। ଏହି ଅଭିଯାନରେ ଧାରା ୧୨୬-୨୦୦୩ରେ ୨୩ଜଣ ବିଦ୍ୟୁତ ଗ୍ରାହକଙ୍କୁ ପଞ୍ଜିକରଣ କରାଯାଇଥିଲା। ଏତଦବ୍ୟତିତ ସହରର ଅଯୋଧ୍ୟାନଗର ଗ୍ରାମରେ ୭ଜଣଙ୍କୁ ନୂତନ ବିଦ୍ୟୁତ ସଂଯୋଗ ପ୍ରଦାନ କରାଯାଇଛି। ସାଧୁତାର ସହ ବିଦ୍ୟୁତ ବ୍ୟବହାର କରିବାକୁ ଏହି ଅଭିଯାନ ମାଧ୍ୟମରେ ସମସ୍ତ ଗ୍ରାହକଙ୍କୁ ନିବେଦନ କରାଯାଇଛି। ଆଖପାଖର ବିଦ୍ୟୁତ ଚୋରୀ ସମ୍ପର୍କରେ ବିଭାଗର ମୋବାଇଲ ନମ୍ବର-୯୪୩୭୧୫୮୬୭୦ରେ ସୂଚନା ପ୍ରଦାନ କରିବାକୁ ବିଭାଗ ପକ୍ଷରୁ ନିବେଦନ କରାଯାଇଛି। ଏହି ଚଢାଉ କେନ୍ଦ୍ରାପଡା ଟିପିସିଓଡିଏଲ ସବଡିଭିଜନ ଓ ସମସ୍ତ ସେକ୍ସନର ଅଧିକାରୀମାନଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଥିଲା।

## ବିଶିଷ୍ଟ ଶ୍ରମିକ ନେତା ଯତୀନ୍ଦ୍ର ରାୟଙ୍କ ବିୟୋଗ

ଭୁବନେଶ୍ୱର (ପିଏନ୍)–ଓଡ଼ିଶାର ବିଶିଷ୍ଟ ବିଦ୍ୟୁତ୍ କର୍ମଚାରୀ ନେତା, ସର୍ବଭାରତୀୟ ଉପସଭାପତି, ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ଫେଡ଼େରେସନର ପୂର୍ବତନ ସାଧାରଣ ସମ୍ପାଦକ ତଥା ରାଜ୍ୟ ଏଆଇଟିୟୁସିର ବରିଷ୍ଠ ଉପସଭାପତି ଯତୀନ୍ଦ୍ର ରାୟ (ଜଟୁ ରାୟ)ଙ୍କର ଭୁବନେଶ୍ୱର ଭୋଇ ନଗରସ୍ଥିତ ତାଙ୍କ ବାସଭବନରେ ଦେହାନ୍ତ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୯ବର୍ଷ ହୋଇଥିଲା। ଜଟୁ ରାୟ ଜଗତସିଂହପୁର ଜିଲ୍ଲାର ବରାହପୁର ଗ୍ରାମରେ ଜନ୍ମଗ୍ରହଣ କରି ୧୯୬୦ ଦଶକରେ ରାଜ୍ୟ ବିଦ୍ୟୁତ୍ ବୋର୍ଡର ଜଣେ କର୍ମଚାରୀ ଭାବେ ଯୋଗ ଦେଇଥିଲେ। ୧୯୭୦ ଓ ୮୦ ଦଶକରେ ବିଦ୍ୟୁତ୍ କର୍ମଚାରୀମାନଙ୍କର ଯେଉଁ ଐତିହାସିକ ଆନ୍ଦୋଳନ ହୋଇଥିଲା ସେଥିରେ ସାମିଲ ହୋଇ ଓଡ଼ିଶା ତଥା ଭାରତବର୍ଷର ବିଶିଷ୍ଟ ନେତା ରୂପେ ଖ୍ୟାତି ଅର୍ଜନ କରିଥିଲେ। ସେ ବହୁବର୍ଷ ଧରି ସିପିଆଇର ରାଜ୍ୟ ପରିଷଦର ସଭ୍ୟ ରହିଥିଲେ। ତାଙ୍କ ମୃତ୍ୟୁ ସମ୍ବାଦ ପାଇ ସିପିଆଇର ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ଏଆଇଟିୟୁସିର ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା, ଶ୍ରମିକ ନେତା ସୁର ଜେନା, ବିଜୟ ଜେନା, ଦେବାଶିଷ ଘୋଷ, ବିଦ୍ୟୁତ୍ କର୍ମଚାରୀ ନେତା ଆକୁଳି ନାଥ, ସତ୍ୟବାଦୀ ବାଘ, ଭ୍ରମର ରାଉତ ଓ କମଳେଶ ସାହୁ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହାପରେ ତାଙ୍କ ମରଶରୀରକୁ ବିଦ୍ୟୁତ୍ ଫେଡ଼େରେସନ କାର୍ଯ୍ୟାଳୟ ଓ ସିପିଆଇର ରାଜ୍ୟ ଅଫିସକୁ ନିଆଯାଇଥିଲା। ସେଠାରେ ସିପିଆଇର ବରିଷ୍ଠ ନେତା ଦିବାକର ନାୟକ, ଅଭୟ ସାହୁ, ପ୍ରଶାନ୍ତ ପାଟଯୋଷୀ, ଶଶିଭୂଷଣ ସ୍ୱାଇଁ, ଅଭିଜିତ ସାହୁ ଓ ସାଂସଦ ସୁବାସ ସିଂହ ପ୍ରମୁଖ ଶେଷ ସମ୍ମାନ ପ୍ରଦର୍ଶନ କରିଥିଲେ। ଅପରାହ୍ନରେ ପୁରୀ ଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ଜ୍ୟେଷ୍ଠ ପୁତ୍ର ସୋମପ୍ରକାଶ ମୁଖାଗ୍ନି ଅର୍ପଣ କରିଥିଲେ।




# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଖବରକାଗଜ ହକର ମାନଙ୍କ ପାଇଁ ସ୍ୱତନ୍ତ୍ର କୋଭିଡ ସହାୟତା ପ୍ରଦାନ: କେନ୍ଦୁଝର ଜିଲ୍ଲାରେ ୨୪୪ ଖବରକାଗଜ ହକର ଉପକୃତ

କେନ୍ଦୁଝର,(ପି.ଏନ): ଚଳିତ ଡିସେମ୍ବର ୨୩ ତାରିଖ ଗୁରୁବାର ପୂର୍ବାହ୍ନରେ ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ରାଜ୍ୟର ପିକୃତ ଖବରକାଗଜ ହକର ମାନଙ୍କ ପାଇଁ ଛଅ ହଜାର ଟଙ୍କା ଲେଖାଏଁ ସ୍ୱତନ୍ତ୍ର କୋଭିଡ ସହାୟତା ପ୍ରଦାନ କରାଯାଇଛି। ଏହି ଯୋଜନା ଦ୍ୱାରା କେନ୍ଦୁଝର ଜିଲ୍ଲାର ୨୪୪ ଜଣ ପିକୃତ ଖବରକାଗଜ ହକର ଉପକୃତ ହୋଇଛନ୍ତି। ରାଜ୍ୟସ୍ତରରୁ ଭର୍ଚୁଆଲ ମାଧ୍ୟମରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହିତ ଉଦ୍‌ବୋଧନ ଛଳରେ କହିଥିଲେ ଯେ ଖବରକାଗଜ ହକରମାନଙ୍କୁ ତାଙ୍କର ହକ୍ ଦେଇ ସେ ବହୁତ ଖୁସି। ଖବରକାଗଜ ହକରମାନଙ୍କୁ ସ୍ୱତନ୍ତ୍ର କୋଭିଡ ସହାୟତା ପ୍ରଦାନ କରାଯିବା ସହିତ ଅଣସଂଗଠିତ କ୍ଷେତ୍ର ସାମାଜିକ ସୁରକ୍ଷା ଯୋଜନାରେ ସାମିଲ କରାଯାଇଛି, ଯାହାକି ସମଗ୍ର ଦେଶରେ ପ୍ରଥମ। ଖରା,ବର୍ଷା,ଶୀତ ସହି ଏପରିକି କୋଭିଡ ସଂକ୍ରମଣ ସମୟରେ ମଧ୍ୟ ସେମାନେ କାମ କରି ଚାଲିଛନ୍ତି ଯାହାକି ପ୍ରଶଂସନୀୟ। ହକରମାନେ ହେଉଛନ୍ତି ଖବରକାଗଜ ଓ ପାଠକମାନଙ୍କ ମଧ୍ୟରେ ସଂପର୍କର ସେତୁ। ଡିଜିଟାଲ ଯୁଗରେ ମଧ୍ୟ ଖବରକାଗଜର ଚାହିଦା କିଛି କମ୍ ନୁହେଁ। ରାଜ୍ୟରେ ପିକୃତ ହୋଇଥିବା ସାତ ହଜାରରୁ ଉର୍ଦ୍ଧ୍ୱ ହକରମାନଙ୍କ ପାଇଁ ଛଅ ହଜାର ଟଙ୍କା ଲେଖାଏଁ କୋଭିଡ ସହାୟତା ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ପ୍ରଦାନ କରାଯାଇଛି। ଏତଦ୍‌ବ୍ୟତୀତ ହକରମାନଙ୍କୁ ଅଣସଂଗଠିତ ସାମାଜିକ ସୁରକ୍ଷା ବୋର୍ଡରେ ସାମିଲ କରାଯାଇ ସହାୟତା ପ୍ରଦାନ କରାଯିବ। ଦୁର୍ଘଟଣାଜନିତ ମୃତ୍ୟୁ କ୍ଷେତ୍ରରେ ୨ଲକ୍ଷ ଟଙ୍କା,ସ୍ୱାଭାବିକ ମୃତ୍ୟୁ କ୍ଷେତ୍ରରେ ଏକ ଲକ୍ଷ ଟଙ୍କା,ଦୁର୍ଘଟଣାରେ ସଂପୂର୍ଣ୍ଣ ଅକ୍ଷମ ହେଲେ ଦେଢ ଲକ୍ଷ ଟଙ୍କା,ଉଭୟ ଅଙ୍ଗ ହରାଇଥିଲେ ୮୦ ହଜାର ଟଙ୍କା ଓ ଗୋଟିଏ ଅଙ୍ଗ ହରାଇଥିଲେ ହକରମାନଙ୍କୁ ୪୦ ହଜାର ଟଙ୍କାର ସହାୟତା ପ୍ରଦାନର ବ୍ୟବସ୍ଥା ରାଜ୍ୟ ସରକାର କରିଛନ୍ତି। ଜିଲ୍ଲାସ୍ତରରେ ନଗର ଉନ୍ନୟନ ବିଭାଗ ତରଫରୁ ୱାର୍କସେଡ ନିର୍ମାଣ କରାଯିବା ସହିତ ହକରମାନେ ଯେପରି ସୁବିଧାରେ କାମ କରିପାରିବେ ସେଥିପାଇଁ ୱାର୍କସପ୍ ଆୟୋଜନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସମାଜର ସବୁ ବର୍ଗର କଲ୍ୟାଣ ତାଙ୍କ ସରକାରଙ୍କ ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିବା ସହିତ ଖବରକାଗଜର ହକରମାନଙ୍କ ପାଇଁ ନିଆଯାଇଥିବା ପଦକ୍ଷେପ ସେମାନଙ୍କୁ ସଶକ୍ତ କରିବ ବୋଲି କହିଥିଲେ। ଏହି ଉପଲକ୍ଷେ କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ୱିସୱାନ ଭିଡିଓ କନଫରେନସିଂ ହଲଠାରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ପାଟଣା ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଜଗନ୍ନାଥ ନାଏକ,ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ,ଉପ ନିର୍ଦ୍ଦେଶକ ସୂଚନା ଓ ଲୋକସଂପର୍କ, କେନ୍ଦୁଝର ସଂଜୀବ ବାରିକ, ଜିଲ୍ଲା ଶ୍ରମ ଅଧିକାରୀ ସୂର୍ଯ୍ୟନାରାୟଣ ମାଳୀ ଏବଂ ଖବରକାଗଜ ହକର ବୃନ୍ଦ ଉପସ୍ଥିତ ଥିଲେ। ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଖବରକାଗଜ ହକରମାନଙ୍କୁ ସାମାଜିକ ସୁରକ୍ଷା ଯୋଜନାରେ ସାମିଲ କରାଯାଇ ସହାୟତା ରାଶି ପ୍ରଦାନ କରାଯାଇଥିବାରୁ ହକରମାନଙ୍କ ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ସୂଚନାଯୋଗ୍ୟ ଯେ, ସୂଚନା ଓ ଲୋକସଂପର୍କ ବିଭାଗ ତରଫରୁ ହକରମାନଙ୍କର ଡିଜିଟାଲ ଡାଟାବେସ ପ୍ରସ୍ତୁତ କରାଯାଇଛି। ସହାୟତା ରାଶି ସେମାନଙ୍କର ବ୍ୟାଙ୍କ ଏକାଉଣ୍ଟକୁ ପଠାଯାଇଛି।

## ବାବା ବେଲେଶ୍ୱର ପଞ୍ଚମ ବାର୍ଷିକ କ୍ରିକେଟ୍ କୁର୍ଣ୍ଣାମେଣ୍ଟର ଶୁଭ ଉଦ୍‌ଘାଟନୀ

ଢେଙ୍କିକୋଟ,(ପି.ଏନ):ଢେଙ୍କିକୋଟ ନିକଟବର୍ତ୍ତି ଲଙ୍ଗଳକଣ୍ଟି ଠାରେ ଥିବା ବାବା ବେଲେଶ୍ୱର ଯୁବକ ସଂଘ ତରଫରୁ ପଞ୍ଚମ ବାର୍ଷିକ ମେଗା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଆଜି ଶୁଭ ଉଦ୍‌ଘାଟନୀ ହୋଇଯାଇଛି। ବାବା ବେଲେଶ୍ୱର ମନ୍ଦିର ସମ୍ମୁଖରେ ଥିବା ଖେଳ ପଡିଆ ଠାରେ ଖେଳର ଶୁଭାରମ୍ଭ ହୋଇଛି। ଆଜିର ଏହି ଉଦ୍‌ଘାଟନୀ ଦିବସରେ ମୁଖ୍ୟଅତିଥି ଭାବେ ବରିଷ୍ଠ ବ୍ୟକ୍ତି ଅବସରପ୍ରାପ୍ତ ବ୍ୟାଙ୍କ୍ ମ୍ୟାନେଜର ତଥା ସମାଜସେବୀ କୁଳମଣି ମଣ୍ଡଳ, ମୁଖ୍ୟବକ୍ତା ଭାବେ ସାମ୍ବାଦିକ ନୃସିଂହନାଥ ସିଂହ, ସମ୍ମାନୀତ ଅତିଥି ଭାବେ ସାମ୍ବାଦିକ ସଂଜୟ କୁମାର ସାହୁ, ସମାଜସେବୀ ଶରତ ଚନ୍ଦ୍ର ନାଏକ, ହୃଷିକେଶ ନାଏକ ପ୍ରମୁଖ ଯୋଗ ଦେଇଥିଲେ। ବାବା ବେଲେଶ୍ୱର ଯୁବକ ସଂଘର ସଭାପତି ରୁଦ୍ର ନାରାୟଣ ସିଂହ, ସମ୍ପାଦକ ଜୟଦେବ ଗିରିଙ୍କ ସମେତ ଜଗଦୀଶ ଗିରୀ, ହେମନ୍ତ ନାଏକ, ରିଙ୍କୁ ନାଏକ, ଜଳଧର ଗିରୀଙ୍କ ତତ୍ତ୍ୱାବଧାନରେ ଖେଳ ଆରମ୍ଭ ହୋଇଥିବା ବେଳେ ଖେଳର ଧାରାବିବରଣୀ ପ୍ରଦାନ କରିଥିଲେ ସଂଜୟ କୁମାର ସାହୁ। ଅମ୍ପାୟାର ଭାବେ କୁନା ବାରିକ ଓ ଭରତ ପାତ୍ର ଖେଳ ପରିଚାଳନା କରିଥିବା ବେଳେ ସ୍କୋରର ଥିଲେ ଅଭିଜିତ ମହାପାତ୍ର ଏବଂ ଯୁଧିଷ୍ଠିର ମହାରଣା। ପ୍ରଥମ ଉଦ୍‌ଘାଟନୀ ମ୍ୟାଚ୍ ତରା ସହିତ ବାଲିପୋଖରୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ତରା ନିର୍ଦ୍ଧାରିତ ୧୦ଓଭରରେ ୯୫ରନ୍ ସଂଗ୍ରହ କରିଥିବା ବେଳେ ପ୍ରତି ଜବାବରେ ବାଲିପୋଖରୀ ଦଳ ୧୦ ଓଭର ଖେଳୀ ମୋଟ୍ ୭୩ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା।

## ସ୍ୱାଧୀନତାର ଅମୃତ ମହୋତ୍ସବ ଓ ଏକ ଭାରତ ଶ୍ରେଷ୍ଠ ଭାରତ କାର୍ଯ୍ୟକ୍ରମ

କେନ୍ଦୁଝର,(ପି.ଏନ):କେନ୍ଦୁଝର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ରାଇକଳା ଗ୍ରାମ ପଂଚାୟତ ସ୍ଥିତ ରାଇକଳା ଗ୍ରାମରେ ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ କ୍ଷେତ୍ର ଜନ ସମ୍ପର୍କ କାର୍ଯ୍ୟାଳୟ ଆନୁକୂଲ୍ୟରେ ସ୍ୱାଧୀନତାର ଅମୃତ ମହୋତ୍ସବ ଓ ଜଳଶକ୍ତି ମିଶନ, ଏକ ଭାରତ ଶ୍ରେଷ୍ଠ ଭାରତ ଦୁଇଦିନିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ସଦର ବିଧାୟକ ମୋହନ ଚରଣ ମାଝୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ସଭାର ପ୍ରାରମ୍ଭରେ ସ୍କୁଲର ଛାତ୍ରଛାତ୍ରୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଗ୍ରାମବାସୀ ତଥା ଆଖପାଖ ଗ୍ରାମର ଅଧିବାସୀଙ୍କୁ ନେଇ ଗ୍ରାମ ପରିକ୍ରମା କରାଯାଇ ଭାରତ ସରକାରଙ୍କ ଦ୍ୱାରା ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଓ ଯୋଜନା ଗୁଡିକ ଲୋକଙ୍କ ପାଖରେ ପହଞ୍ଚା ଯାଇଥିଲା। ଏହି ଉତ୍ସବରେ ପଂଚାୟତ ସମିତି ମହାବିଦ୍ୟାଳୟର ଅଧକ୍ଷ କୁ ବିହାରୀ ପ୍ରଧାନ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ରାଇକଳା ସରପଂଚ ଯୋଗେଶ୍ୱର ମହାନ୍ତ, ରାଇକଳା ଜି.ପି. ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅର୍ଜୁନ ଚରଣ ମହାନ୍ତ, ଏନ୍‌ଏସ୍‌ଏସ୍ ଅଫିସର ପି.ଏସ୍. ମହାବିଦ୍ୟାଳୟ ଝୁମ୍ପୁରାର ଶ୍ରୀ ତ୍ରିଲୋଚନ ମହାନ୍ତ, କେନ୍ଦୁଝରର ନେହେରୁ ଯୁବ କେନ୍ଦ୍ର ଅଧିକାରିଣୀ ସୁଶ୍ରୀ ବସୁନ୍ଧରା ସାହୁ, ଝୁମ୍ପୁରା ମହାବିଦ୍ୟାଳୟର ଅଧକ୍ଷ ଦେବବ୍ରତ ମିଶ୍ର, ସଦର ବ୍ଲକ ବିପିଏମ୍ ବିକ୍ରମ କେଶରୀ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଗ୍ରାମର ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। କେନ୍ଦୁଝର ଶାଖା କ୍ଷେତ୍ରୀୟ ଜନ ସମ୍ପର୍କ ଅଧିକାରୀ ଜୀବନ କୁମାର ସାମନ୍ତ ସିଂହାର, ବାଲେଶ୍ୱର ଶାଖା କ୍ଷେତ୍ରୀୟ ଜନସମ୍ପର୍କ ଅଧିକାରୀ ନିର୍ମାଲ୍ୟ ବେହେରା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଉପସ୍ଥିତ ଅତିଥିମାନେ ପ୍ରଥମ ଦିବସରେ ଭାରତକୁ ଏକ ନୂତନ ଆତ୍ମ ନିର୍ଭରଶୀଳ ଦେଶରେ ପରିଣତ କରିବା ପାଇଁ ଛାତ୍ରଛାତ୍ରୀଙ୍କ ସହଯୋଗ ନିତାନ୍ତ ଜରୁରୀ ଏବଂ ଏଥି ନିମନ୍ତେ ଭାରତବାସୀଙ୍କର ଐକ୍ୟ ନିର୍ଭର କରେ ବୋଲି ପ୍ରକାଶ କରିଥିଲେ। ଏକ ଭାରତ ଶ୍ରେଷ୍ଠ ଭାରତ ଯୋଜନା ମାଧ୍ୟମରେ ଦେଶର ବିଭିନ୍ନ ପ୍ରାନ୍ତ ସହିତ ଲୋକଙ୍କ ମଧ୍ୟରେ କଳା, ସଂସ୍କୃତି, ପରମ୍ପରା ବିନିମୟରେ ଦେଶଭକ୍ତି ଜାଗରଣ କରାଇବା ସହ ଏକତା ସୂତ୍ରରେ ସମସ୍ତଙ୍କୁ ଯୋଡିବାର ବାର୍ତ୍ତା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଂଚାୟତର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ନୃତ୍ୟ, ତା ସହିତ ଝୁମର, ସମ୍ବଲପୁରୀ ଗୀତ ଏବଂ ନାଚ ବିଶେଷ ଆକର୍ଷଣ କରିଥିଲା। ମୁଖ୍ୟଅତିଥି ଶ୍ରୀଯୁକ୍ତ ମାଝୀ ଉଦ୍‌ବୋଧନ ଛଳରେ ଭାରତ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ।

## ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍‌ର ଜଜାଙ୍ଗ ଖଣିକୁ କଳିଙ୍ଗ ସୁରକ୍ଷା'' ପୁରସ୍କାର

ଯୋଡା,(ପି.ଏନ): ସୁରକ୍ଷା ବ୍ୟବସ୍ଥାରେ ଉତ୍କର୍ଷ ପ୍ରଦର୍ଶନ ପାଇଁ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍‌ର ଜଜାଙ୍ଗ ମାଇନ୍ସକୁ ସ୍ୱର୍ଣ୍ଣ ବର୍ଗରେ ସମ୍ମାନଜନକ କଳିଙ୍ଗ ସୁରକ୍ଷା ପୁରସ୍କାର-୨୦୨୧ ପ୍ରଦାନ କରାଯାଇଛି। ଭୁବନେଶ୍ୱରସ୍ଥିତ ନ୍ୟୁ ମାରିଅନ ହୋଟେଲରେ ଆୟୋଜିତ ଜାତୀୟ ସୁରକ୍ଷା ସମ୍ମିଳନୀରେ ଓଡ଼ିଶା ବିଧାନସଭା ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ରଙ୍କ ଠାରୁ ଜଜାଙ୍ଗ ମାଇନ୍ସର ସହଯୋଗୀ ଉପାଧ୍ୟକ୍ଷ ଅଖିଳେଶ କୁମାର ଏବଂ ସୁରକ୍ଷା ବିଭାଗ ମୁଖ୍ୟ ବସନ୍ତ ସାହୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଲାଦେଶର ଡେପୁଟି ଉଚ୍ଚାୟୁକ୍ତ ତୋଫକି୍ ହାସନ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଅପରେଶନ ମୁଖ୍ୟ ବି. ଆର୍. କେ. ପାତ୍ରଙ୍କ ତତ୍ତ୍ୱାବଧାନରେ ଜଜାଙ୍ଗ ମାଇନ୍ସ ଏହି ପୁରସ୍କାର ହାସଲ କରିପାରିଛି। ଜେଏସ୍‌ଡବ୍ଲ୍ୟୁ ଓଡ଼ିଶା ଶାଖାର ଚିଫ୍ ଅପରେଟିଂ ଅଫିସର ଶ୍ରୀଯୁକ୍ତ ରଜନ ନାୟକ ଏହି ଟିମ୍‌କୁ ଶୁଭେଚ୍ଛା ଜଣାଇଛନ୍ତି। ଜେଏସ୍‌ଡବ୍ଲ୍ୟୁ ସର୍ବଦା ଏହାର ନୂଆ ଉଦ୍ଭାବନ ଏବଂ ଦୀର୍ଘସ୍ଥାୟୀ କାର୍ଯ୍ୟ ପାଇଁ ପରିଚିତ। ଏହି ପୁରସ୍କାର ଜେଏସ୍‌ଡବ୍ଲ୍ୟୁ ସଫଳତାରେ ଆଉ ଏକ ଫର୍ଦ୍ଦ ଯୋଡ଼ିଛି ବୋଲି ଶ୍ରୀଯୁକ୍ତ ନାୟକ କହିଛନ୍ତି। ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍ ଲିମିଟେଡ୍ ପ୍ରତ୍ୟେକ ଦିନ ଏହାର କାର୍ଯ୍ୟ ଦକ୍ଷତା ବର୍ଦ୍ଧି କରବି। କର୍ମଚାରୀଙ୍କ ସୁରକ୍ଷାକୁ ପ୍ରାଧାନ୍ୟ ଦେଇ କମ୍ପାନୀ ସର୍ବଦା ସମସ୍ତ ୟୁନିଟ୍‌ରେ ନିରାପତ୍ତା ବ୍ୟବସ୍ଥାକୁ ଗୁରୁତ୍ୱ ଦେଇଆସିଛି ବୋଲି ସେ ପ୍ରକାଶ କରିଛନ୍ତି। ନ୍ତକଳିଙ୍ଗ ସୁରକ୍ଷା ପୁରସ୍କାର'' ଭାରତର ଅନ୍ୟତମ ସମ୍ମାନଜନକ ପୁରସ୍କାର ଭାବେ ପରିଗଣିତ। ଏହା ବିଭିନ୍ନ ବର୍ଗ ଯଥା ବିପଦ ଚିହ୍ନଟ ଏବଂ ପ୍ରତିକାର ବ୍ୟବସ୍ଥା, ସୁରକ୍ଷାରେ ମାନକ ସଞ୍ଚାଳନ ପକ୍ରିୟା(ଏସ୍‌ଓପି), ଜରୁରକାଳୀନ ପଦକ୍ଷେପ ଆଦିରେ ଅନୁଷ୍ଠାନଗୁଡ଼ିକର କାର୍ଯ୍ୟକୁ ମାନ୍ୟତା ଦେଇଥାଏ।

# ଶିଶୁ ସୁରକ୍ଷା ନୀତି ସମ୍ପର୍କୀତ ରାଜ୍ୟସ୍ତରୀୟ କର୍ମଶାଳା






ଭୁବନେଶ୍ୱର, (ପି.ଏନ): ରାଜ୍ୟସ୍ତରୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଂଯୋଗ(କଟକ) ଏବଂ ଓଡିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ମିଳିତ ଆନୁକୂଲ୍ୟରେ ଅନୁଷ୍ଠାନରେ ଶିଶୁ ସୁରକ୍ଷା ନୀତି ସମ୍ପର୍କୀତ ଏକ ରାଜ୍ୟସ୍ତରୀୟ କର୍ମଶାଳା ଭୁବନେଶ୍ୱରସ୍ଥିତ ହୋଟେଲ୍ ଏକ୍ସଲେନ୍ସଠାରେ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରାରମ୍ଭରେ ସଂଯୋଗର ସଦସ୍ୟା ସମ୍ପାଦିକା ଶ୍ରୀମତୀ ରିନୀ ମହାନ୍ତି ଅତିଥିମାନଙ୍କୁ ସ୍ୱାଗତ କରିଥିବା ବେଳେ ସଂଯୋଗର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ପାଲଟାସିଂହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଦ୍ୱୈତ ନଗରୀ ପୋଲିସ କମିଶନର ଶ୍ରୀଯୁକ୍ତ ସୌମେନ୍ଦ୍ର ପ୍ରିୟଦର୍ଶୀ ଯୋଗ ଦେଇ ଶିଶୁମାନଙ୍କର ସୁରକ୍ଷା ଦିଗରେ ଶିଶୁ ସୁରକ୍ଷା ନୀତିକୁ କେବଳ ଶିଶୁ ପରିଚର୍ଯ୍ୟାକାରୀ ଅନୁଷ୍ଠାନ ମଧ୍ୟରେ ସୀମିତ ନ କରି ଏହାର ପରିଧିକୁ ବ୍ୟାପକ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଓଡିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧକ୍ଷା ସୁଶ୍ରୀ ସଂନ୍ଧ୍ୟାବତୀ ପ୍ରଧାନ ଯୋଗ ଦେଇ ସମସ୍ତ ଅନୁଷ୍ଠାନ ଯେଉଁଠାରେ ଶିଶୁମାନଙ୍କର ଆତଯାତ ରହିଛି ସେସବୁ ଅନୁଷ୍ଠାନରେ ସେମାନଙ୍କର ନିଜସ୍ୱ ଶିଶୁ ସୁରକ୍ଷା ନୀତି ନିର୍ଦ୍ଧାରଣ କରିବାର ଆବଶ୍ୟକତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସମ୍ମାନୀତ ଅତିଥିମାନଙ୍କ ମଧ୍ୟରେ ଆଡପଟେସନ୍ କେନ୍ଦ୍ରର କନସଲ୍‌ଟାନ୍‌ଟ ଶ୍ରୀମତୀ ରୁବି ରାଉତ, ଅବସରପ୍ରାପ୍ତ ପୋଲିସ୍ ଆଇ.ଜି ତଥା ସଂଯୋଗର ସଦସ୍ୟ ଶ୍ରୀଯୁକ୍ତ ବଟକୃଷ୍ଣ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସଂଯୋଗ ଦ୍ୱାରା ଓଡିଆରେ ପ୍ରସ୍ତୁତ ଶିଶୁଯତ୍ନ ଅନୁଷ୍ଠାନରେ ଯତ୍ନର ମାନକାବଳୀ ସମ୍ପର୍କୀତ ଏକ ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ବିଷୟ ବିଶାରଦ ଭାବେ ଯୋଗ ଦେଇଥିବା ବମ୍ବେ ଉଚ୍ଚନ୍ୟାୟାଳୟରେ ଜଣେ ବରିଷ୍ଠ ଆଇନଜିବୀ ଏବଂ ଶିଶୁ ଅଧିକାର କର୍ମୀଭାବେ କାର୍ଯ୍ୟରତ ଶ୍ରୀମତୀ ପର୍ସିସ ସିଧ୍ୱା ଯୋଗ ଦେଇ ଶିଶୁ ସୁରକ୍ଷା ନୀତିର ଗୁରୁତ୍ୱ ଏବଂ ଆବଶ୍ୟକତା, ଅଂଶୀଦାରମାନଙ୍କର ଦାୟିତ୍ୱ ଏବଂ କର୍ତବ୍ୟବୋଧ ଏବଂ ଏଥି ନିମନ୍ତେ ସରକାରଙ୍କର ଭୂମିକାକୁ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନରେ ଓଡିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ପୂର୍ବତନ ସଦସ୍ୟ ଶ୍ରୀଯୁକ୍ତ ହରିହର ନାୟକ, ଆକସନ୍‌ଏଡ୍‌ର ପ୍ରୋଗ୍ରାମ ମ୍ୟାନେଜର ଶ୍ରୀଯୁକ୍ତ ଘାସିରାମ ପଣ୍ଡା, ୟୁନିସେଫ୍‌ର ଶିଶୁ ସୁରକ୍ଷା କର୍ମୀ ସୁଶ୍ରୀ ଦେବୀକା ସାହୁ ପ୍ରମୁଖ ଯୋଗ ଦେଇ ଶିଶୁ ସୁରକ୍ଷା ନୀତି ସମ୍ପର୍କରେ ଥିବା ନିଜର ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୧୦ଟି ଜିଲ୍ଲାର ଶିଶୁ କଲ୍ୟାଣ କମିଟିର ଅଧକ୍ଷ ଏବଂ ସଦସ୍ୟ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଶିଶୁଯତ୍ନ ଅନୁଷ୍ଠାନର କର୍ମକର୍ତା, କିଶୋର ନ୍ୟାୟ ପରିଷଦ, ଚାଇଲଡଲାଇନ୍ ତଥା ଶିଶୁମାନଙ୍କ ଅଧିକାର ଏବଂ ସୁରକ୍ଷା ନିମନ୍ତେ କାର୍ଯ୍ୟରତ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତାମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ଶେଷରେ ସଂଯୋଗର ମଣ୍ଡଳ ପ୍ରକଳ୍ପ ସଂଯୋଜକ ଶ୍ରୀମତୀ ରୂପାଲି ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ।

## ଆଇଆରସିଟିସି ପକ୍ଷରୁ ତୀର୍ଥଯାତ୍ରା ପାଇଁ ସ୍ୱତନ୍ତ୍ର ଟ୍ରେନ

ସମ୍ବଲପୁର,(ପି.ଏନ): ଭାରତୀୟ ରେଳ ବିଭାଗ ଅଧୀନରେ ଥିବା "ଇଣ୍ଡିଆନ ରେଲୱେ କ୍ୟାଟରିଂ ଆଣ୍ଡ ଟୁରିଜମ୍ କର୍ପୋରେସନ ଲିମିଟେଡ' (ଆଇଆରଟିସି) ପକ୍ଷରୁ ତୀର୍ଥଯାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ଟ୍ରେନ ଘୋଷଣା ହୋଇଛି ଓ ଆଇଆରସିଟିସିର ଆଞ୍ଚଳିକ ମ୍ୟାନେଜର ଡ.କ୍ରାନ୍ତି ପି.ସାଓ୍ୱରକର୍ ଆଜି ସମ୍ବଲପୁର ରେଳ ଷ୍ଟେସନ ଅନ୍ତର୍ଗତ ଫୁଡ୍ କୋର୍ଟ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏନେଇ ସୂଚ୍ନା ଦେଇଥିଲେ ଓ ଆଗାମୀ ଜାନୁଆରୀ ୨୧ ତାରିଖ ଏବଂ ମାର୍ଚ୍ଚ ୧୯ ତାରିଖ ରେଳ ବିଭାଗ ପକ୍ଷରୁ ଏଭଳି ୨ ଗୋଟି ସ୍ୱତନ୍ତ୍ର ଟ୍ରେନ ବ୍ୟବସ୍ଥା ହୋଇଛି। ତେବେ ସଂପ୍ରତି କୋଭିଡ ସମୟରେ ସଂପୂର୍ଣ୍ଣ ସତର୍କତା ଅବଲମ୍ବନ କରିବା ସହ ତୀର୍ଥଯାତ୍ରୀଙ୍କୁ ସମସ୍ତ ସୁବିଧା ପ୍ରଦାନ କରାଯିବାକୁ ଏହି ଯାତ୍ରାରେ ବ୍ୟବସ୍ଥା ରହିଛି ବୋଲି ଡ.ସାଓ୍ୱରକର କହିଛନ୍ତି। ଭାଇବ୍ରାଣ୍ଡ ଗୁଜରାଟ ନାମରେ ନାମିତ ଜାନୁଆରୀ ୨୧ ତାରିଖ ଟ୍ରେନଟି ସୋମନାଥ, ଦ୍ୱାରିକା, ଭେଟ ଦ୍ୱାରିକା ଅହମଦାବାଦ ଏବଂ ଷ୍ଟେଚୁ ଅଫ ୟୁନିଟିକୁ ଯାତ୍ରା କରିବ ଓ ଏହି ଯାତ୍ରା ପ୍ୟାକେଜ୍ ?ରେ ୧୧ ଦିନ ଏବଂ ୧୦ ରାତ୍ରିର ଅବଧି ରହିଛି। ଏଥିରେ ଏସି ଏବଂ ସ୍ୱତନ୍ତ୍ର କ୍ଲାସ ଯାତ୍ରା ଉପଲବଧ ହେବ। ଏହି ସ୍ୱତନ୍ତ୍ର ପ୍ୟାକେଜର ଦର ୧୦,୪୦୦ ଟଙ୍କା ରହିଥିବା ବେଳେ ଏସି ଯାତ୍ରା ପାଇଁ ଦର ୧୭,୩୩୦ ଟଙ୍କା ରହିଛି ବୋଲି କ୍ରାନ୍ତି ସାଓ୍ୱରକର କହିଛନ୍ତି। ଠିକ ସେହିପରି ଭାରତ ଦର୍ଶନ ନାମରେ ନାମିତ ମାର୍ଚ୍ଚ ୧୯ ତାରିଖ ଯିବାକୁ ଥିବା ଟ୍ରେନଟି କଟରା, ଆଗ୍ରା, ମଥୁରା, ଅମ୍ରିତସର ଏବଂ ହରିଦ୍ୱାର ଯାତ୍ରା କରିବ ଓ ଏହି ଯାତ୍ରା ପ୍ୟାକେଜ୍ ?ରେ ୯ ଦିନ ଏବଂ ୮ ରାତ୍ରିର ଅବଧି ରହିଛି। ଏଥିରେ ମଧ ଏସି ଏବଂ ସ୍ୱତନ୍ତ୍ର କ୍ଲାସ ଯାତ୍ରା ଉପଲବଧ ହେବ। ଏହି ସ୍ୱତନ୍ତ୍ର ପ୍ୟାକେଜର ଦର ୮,୫୧୦ ଟଙ୍କା ରହିଥିବା ବେଳେ ଏସି ଯାତ୍ରା ପାଇଁ ଦର ୧୦,୪୦୦ଟଙ୍କା ରହିଛି ବୋଲି କ୍ରାନ୍ତି ସାଓ୍ୱରକର କହିଛନ୍ତି। ଏହି ଯାତ୍ରାର ଲାଭ ଉଠାଇବା ପାଇଁ ସେ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଚିଫ ସୁପର ଭାଇଜର ସଂଘମିତ୍ରା ରାଉଳ ଉପସ୍ଥିତ ଥିଲେ।

# ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଓ ଆପୋଲୋ ହସ୍ପିଟାଲ୍‌ର ମିଳିତ ପ୍ରୟାସରେ ଡ଼ିଜିଟାଲ ହେଲଥ୍ ସେବା 'ଦି ହେଲ୍‌ଦି ଲାଇଫ୍'ର ଶୁଭାରମ୍ଭ

ଭୁବନେଶ୍ୱର: ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଏବଂ ଆପୋଲୋ ହସ୍ପିଟାଲ୍ ମିଳିତ ହୋଇ 'ଦି ହେଲ୍‌ଦି ଲାଇଫ୍' ନମାକ ଏକ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ସେବା ଶୁଭାରମ୍ଭ କରିଛନ୍ତି। ଏହି ପ୍ରୋଗ୍ରାମ ଦ୍ୱାରା ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ସମସ୍ତ ଗ୍ରାହକ ସହଜ ଏବଂ ସୁଲଭ ବ୍ୟାଙ୍କିଙ୍ଗ୍ ସେବା ଚୟନ କରି ଦେଶର ଯେକୌଣସି ଆପୋଲୋ ୨୪/୭ ରେ ନିଜର ଚିକିତ୍ସା କରାଇପାରିବେ। ଏହି ଅନନ୍ୟ ସେବାକୁ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ ଓ ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ ଭିଡ଼ିଓ କନ୍‌ଫରେନ୍ସ ମାଧ୍ୟମରେ ଶୁଭାରମ୍ଭ କରିଛନ୍ତି ଏବଂ ଏମାନଙ୍କ ସହ ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ର ଏକ୍ସିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନି ଏବଂ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ଏମ୍‌ଡି ଡେଜିଗ୍‌ନେଟ୍ ଶ୍ରୀଯୁକ୍ତ ଶଶୀଧର ଜଗଦିସ୍ନ ମଧ ଉପସ୍ଥିତ ରହିଥିଲେ। ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ଗ୍ରାହକମାନେ ଦି ହେଲ୍‌ଦି ଲାଇଫ୍ ସେବା ଦ୍ୱାରା ଯେକୌଣସି ସମୟରେ ବିନା ମୂଲ୍ୟରେ ଆପୋଲୋ ହସ୍ପିଟାଲ୍‌ର ଡ଼ାକ୍ତର ମାନଙ୍କ ସହ ଚିକିତ୍ସା ସମ୍ବନ୍ଧୀୟ କଥା ହୋଇପାରିବେ, ପ୍ରଥମ ବର୍ଷ ଜଣେ ଆପୋଲୋ ମେମ୍ବରଶିପ୍ ପାଇପାରିବେ ଓ ଆପୋଲୋ ୨୪/୭ରେ କ୍ରମାଗତ ଚିକିତ୍ସା କରାଇପାରିବେ। ଏହାଛଡ଼ା ଏହାର ମେଡ଼ିସିନ୍‌ର ହୋମ୍‌ଡେ଼ଲେଭରି ମେମ୍ବରସିପ୍ ଡ଼ିସ୍କାଉନଟ୍, ହ୍ୱାଟସ୍ୟାପ୍ ଦ୍ୱାରା ସବୁବେଳେ ଆଡ଼ଭାଇଜର ଓ ସମ୍ପୁର୍ଣ୍ଣ ହେଲଥ୍ ଚେକ୍‌ଅପ୍ ସୁବିଧା ପାଇବେ। ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଗ୍ରାହକମାନଙ୍କୁ ୪୦ ଲକ୍ଷ ପର୍ଯ୍ୟନ୍ତ ପ୍ରି ଆପ୍ରୁଭ ପର୍ସନାଲ ଲୋନ୍, ୧୦ ସେକେଣ୍ଡରେ ଲୋନ୍ ସେବା, କ୍ରେଡ଼ିଟ୍ ଓ ଡେ଼ବିଟ୍ କାର୍ଡ଼ରେ ନୋ କଷ୍ଟ ଇଏମ୍‌ଆଇ, ଆଇ କେୟାର, ଡେ଼ନ୍ଟାଲ କେୟାର, ମାର୍ଟିନିଟି ଏବଂ ଆଭିଏଫ୍ ସେବାରେ ଲାଇଫ୍ କେୟାର ଫାଇନାନ୍ସ ଓ କ୍ରେଡ଼ିଟ୍ କାର୍ଡ଼ ଫ୍ୟାସେଲିଟି ଇଏମ୍‌ଆଇରେ, ଇନ୍‌ଷ୍ଟାନଟ୍ ଛାଡ଼୍ ଆଦି ସେବା ଯୋଗାଇବ। ଏହି ଅବସରରେ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ କହିଛନ୍ତି ଯେ, ଜୀବନ ଏବଂ ସ୍ୱାସ୍ଥ୍ୟ ଠାରୁ କିଛି ବି ବଡ଼ ନୁହେଁ। ଏକ ସ୍ୱାସ୍ଥ୍ୟବାନ ଭାରତ ହିଁ ଏକ ସମୃଦ୍ଧି ଭରା ଦେଶ ହେଇପାରିବ। ସ୍ୱାଧିନତା ଦିବସରେ ପ୍ରଧାନମନ୍ତ୍ରୀଙ୍କ ଡ଼ିଜିଟାଲ ସ୍ୱାସ୍ଥ୍ୟ ସେବାର ଆହ୍ୱାନକୁ ସମ୍ମାନ ଜଣାଇ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଆପୋଲୋ ହସ୍ପିଟାଲ୍‌ର ୨୪/୭ ସହ ଏହି ସେବାର ଆରମ୍ଭ କରିଛି ଯାହା ଦ୍ୱାରା ଆମ ଗ୍ରାହକମାନେ ସୁବିଧାରେ ସ୍ୱାସ୍ଥ୍ୟ ସେବା ପାଇପାରିବେ। ଏହି ସେବା ଦ୍ୱାରା ଲୋକମାନେ ଅତି ଉଚ୍ଚ କୋଟିର ହେଲଥ୍ କେୟାର ଏବଂ ସୁଲଭ ଫାଇନାନ୍ସ ସହଜରେ ପାଇପାରିବେ ଓ ଏହି ସେବାର ଏକ ଅଂଶ ହୋଇଥିବାରୁ ଆମେ ବହୁତ ଖୁସି ବୋଲି ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ କହିଛନ୍ତି। ସ୍ୱାସ୍ଥ୍ୟ ପରିକ୍ଷା ପାଇଁ ଆମେ ସମୟକୁ ଅନ୍ୟ ଅସୁବିଧା ତୁଳନାରେ ଅଧିକ ମହତ୍ୱ ଦେଇଥାଉ, ଏହି ପାର୍ଟନରସିପ୍ ଦ୍ୱାରା ସମସ୍ତ ଭାରତୀୟ ମାନେ ଦେଶର ଯେକୌଣସି ସ୍ଥାନରୁ ଡ଼ିଜିଟାଲି ଉ□ମ ସ୍ୱାସ୍ଥ୍ୟ ସେବା ସୁଲଭ ମୂଲାଙ୍କନରେ ପାଇପାରିବେ ବୋଲି ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ର ଏକ୍ସିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନିକହିଛନ୍ତି। ।ଯେକୌଣସି ସମୟରେ ବିନା ମୂଲ୍ୟରେ ଆପୋଲୋ ହସ୍ପିଟାଲ୍‌ର ଡ଼ାକ୍ତର ମାନଙ୍କ ସହ ଚିକିତ୍ସା ସମ୍ବନ୍ଧୀୟ କଥା ହୋଇପାରିବେ, ପ୍ରଥମ ବର୍ଷ ଜଣେ ଆପୋଲୋ ମେମ୍ବରଶିପ୍ ପାଇପାରିବେ ଓ ଆପୋଲୋ ୨୪/୭ରେ କ୍ରମାଗତ ଚିକିତ୍ସା କରାଇପାରିବେ। ଏହାଛଡ଼ା ଏହାର ମେଡ଼ିସିନ୍‌ର ହୋମ୍‌ଡେ଼ଲେଭରି ମେମ୍ବରସିପ୍ ଡ଼ିସ୍କାଉନଟ୍, ହ୍ୱାଟସ୍ୟାପ୍ ଦ୍ୱାରା ସବୁବେଳେ ଆଡ଼ଭାଇଜର ଓ ସମ୍ପୁର୍ଣ୍ଣ ହେଲଥ୍ ଚେକ୍‌ଅପ୍ ସୁବିଧା ପାଇବେ। ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଗ୍ରାହକମାନଙ୍କୁ ୪୦ ଲକ୍ଷ ପର୍ଯ୍ୟନ୍ତ ପ୍ରି ଆପ୍ରୁଭ ପର୍ସନାଲ ଲୋନ୍, ୧୦ ସେକେଣ୍ଡରେ ଲୋନ୍ ସେବା, କ୍ରେଡ଼ିଟ୍ ଓ ଡେ଼ବିଟ୍ କାର୍ଡ଼ରେ ନୋ କଷ୍ଟ ଇଏମ୍‌ଆଇ, ଆଇ କେୟାର, ଡେ଼ନ୍ଟାଲ କେୟାର, ମାର୍ଟିନିଟି ଏବଂ ଆଭିଏଫ୍ ସେବାରେ ଲାଇଫ୍ କେୟାର ଫାଇନାନ୍ସ ଓ କ୍ରେଡ଼ିଟ୍ କାର୍ଡ଼ ଫ୍ୟାସେଲିଟି ଇଏମ୍‌ଆଇରେ, ଇନ୍‌ଷ୍ଟାନଟ୍ ଛାଡ଼୍ ଆଦି ସେବା ଯୋଗାଇବ। ଏହି ଅବସରରେ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ କହିଛନ୍ତି ଯେ, ଜୀବନ ଏବଂ ସ୍ୱାସ୍ଥ୍ୟ ଠାରୁ କିଛି ବି ବଡ଼ ନୁହେଁ। ଏକ ସ୍ୱାସ୍ଥ୍ୟବାନ ଭାରତ ହିଁ ଏକ ସମୃଦ୍ଧି ଭରା ଦେଶ ହେଇପାରିବ। ସ୍ୱାଧିନତା ଦିବସରେ ପ୍ରଧାନମନ୍ତ୍ରୀଙ୍କ ଡ଼ିଜିଟାଲ ସ୍ୱାସ୍ଥ୍ୟ ସେବାର ଆହ୍ୱାନକୁ ସମ୍ମାନ ଜଣାଇ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଆପୋଲୋ ହସ୍ପିଟାଲ୍‌ର ୨୪/୭ ସହ ଏହି ସେବାର ଆରମ୍ଭ କରିଛି ଯାହା ଦ୍ୱାରା ଆମ ଗ୍ରାହକମାନେ ସୁବିଧାରେ ସ୍ୱାସ୍ଥ୍ୟ ସେବା ପାଇପାରିବେ। ଏହି ସେବା ଦ୍ୱାରା ଲୋକମାନେ ଅତି ଉଚ୍ଚ କୋଟିର ହେଲଥ୍ କେୟାର ଏବଂ ସୁଲଭ ଫାଇନାନ୍ସ ସହଜରେ ପାଇପାରିବେ ଓ ଏହି ସେବାର ଏକ ଅଂଶ ହୋଇଥିବାରୁ ଆମେ ବହୁତ ଖୁସି ବୋଲି ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ କହିଛନ୍ତି। ସ୍ୱାସ୍ଥ୍ୟ ପରିକ୍ଷା ପାଇଁ ଆମେ ସମୟକୁ ଅନ୍ୟ ଅସୁବିଧା ତୁଳନାରେ ଅଧିକ ମହତ୍ୱ ଦେଇଥାଉ, ଏହି ପାର୍ଟନରସିପ୍ ଦ୍ୱାରା ସମସ୍ତ ଭାରତୀୟ ମାନେ ଦେଶର ଯେକୌଣସି ସ୍ଥାନରୁ ଡ଼ିଜିଟାଲି ଉ□ମ ସ୍ୱାସ୍ଥ୍ୟ ସେବା ସୁଲଭ ମୂଲାଙ୍କନରେ ପାଇପାରିବେ ବୋଲି ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ରଏକ୍ସିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନିକହିଛନ୍ତି।


2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada




Bhubaneswar Friday December 24, 2021 ଭୁବନେଶ୍ୱର ଶୁକ୍ରବାର, ଡିସେମ୍ବର ୨୪,୨୦୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ଜନସାଧରଣଙ୍କ ବିକାଶ ହେଲେ ରାଜ୍ୟର ବିକାଶ ହେବ : ଅମର ଶତପଥି

ଚଣ୍ଡିଖୋଲ,( ପିଏନ): ବଡ଼ଚଣା ବ୍ଲକ ୧୬ ନ ଜୋନର ଭୂଷଣ୍ଡପୁର,ସିହା ଓ ଦର୍ପଣ ପଂଚାୟତର ୩୯୧୧ ଜଣ ହିତାଧିକାରଙ୍କ ମଧ୍ୟରୁ କିଛି ହିତାଧିକାରୀଙ୍କୁ ପ୍ରତୀକାତ୍ମକ ଭାବେ ବିଜୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ ସହିତ ବହୁ ପ୍ରକଳ୍ପର ଉଦଘାଟନ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଭୂଷଣ୍ଡପୁର ପଂଚାୟତର ନୂତନ ପଂଚାୟତ ଗୃହ, ମିଶନ ଶକ୍ତି ଗୃହ, ଗ୍ରାମୀଣ ଉଦ୍ୟାନ ପାର୍କ, ଖଟୁଆପଡା ଗ୍ରାମର ମହାଲକ୍ଷ୍ମୀ ଠାକୁରାଣୀ ଗୃହ , ଗୋଡିସାହି ଗ୍ରାମର କୋଠଘର, ସାଇଲିସାହିର କୋଠଘର ଆଦି ପ୍ରକଳ୍ପକୁ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥି ଉଦଘାଟନ କରିଥିଲେ.ଏହି ଉପଲକ୍ଷେ ଏକ ସାଧାରଣ ସଭା ଏହି ପଂଚାୟତର ମହାଖଳାରେ ବଡ଼ଚଣା ବ୍ଲକ ଆମ୍ବାର ଅଧକ୍ଷ ନିରଞ୍ଜନ ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବିଧାୟକ ଶ୍ରୀ ଶତପଥି ଯୋଗଦେଇ ଜନସାଧାରଣକଙ୍କ ବିକାଶ ହେଇପାରିଲେ ରାଜ୍ୟର ବିକାଶ ହେବ ଓ ନବୀନ ସରକାର ସବୁବେଳେ ଜନସାଧରଣଙ୍କ ବିକାଶ କଥା ଚିନ୍ତା କରନ୍ତି ବୋଲି ନିଜ ଭାଷଣରେ



କହିଥିଲେ.ଆଗାମୀ ଦିନରେ ଏହି ସବୁ ପଂଚାୟତର ଆହୁରି ବିକାଶ ହେବ ବୋଲି କହିବା ସହ ଦର୍ପଣ, ସିହା ଓ ଭୂଷଣ୍ଡପୁର ପଂଚାୟତର ୧୦ ଜଣକୁ ବିଜୁ ସ୍ୱାସ୍ଥ୍ୟକାର୍ଡ ବଣ୍ଟନ କରିଥିଲେ। ନିର୍ବାଚନରେ ମହିଳାମାନଙ୍କୁ ଅଧିକ ପ୍ରାଧାନ୍ୟ ଦେବା, ଗାଁ କଲ୍ୟାଣ ସମିତି, ମହିଳା ଗୋଷ୍ଠୀ ଓ ମିଶନ ଶକ୍ତି ଦ୍ୱରା ଗ୍ରାମାଞ୍ଚଳରେ ଥିବା ମହିଳାମାନଙ୍କୁ ବ୍ୟାଙ୍କଦ୍ୱାରା ଅର୍ଥ ରାଶି ପ୍ରଦାନ କରି ଆତ୍ମ ନିର୍ଭରଶୀଳ କରି ମୁଖ୍ୟମନ୍ତି ଯେଉଁ ପ୍ରୟାଶ ଜାରି ରଖିଛନ୍ତି ସେ ଆଜି ଭାରତ ବର୍ଷର ଏକ ନ ମୁଖ୍ୟମନ୍ତ୍ରୀ ଭାବେ ପରିଗଣିତ ହେଉଛନ୍ତି. ସାରା ରାଜ୍ୟରେ ୩ କୋଟି ୫୦ ଲକ୍ଷ ରସେନ କାର୍ଡ ଧରି ମହିଳା ମାନଙ୍କୁ ଆଜି ସ୍ୱାସ୍ଥ୍ୟ ସେବା ସ୍ମାର୍ଟ କାର୍ଡ ପ୍ରଦାନ କରି ରାଜ୍ୟରେ ପ୍ରିୟପାତ୍ର ହେଇ ସୁନାମ ଅର୍ଜନ କରିଛନ୍ତି ବୋଲି ବିଧାୟକ ତାଙ୍କ ବକ୍ତବ୍ୟରେ ପ୍ରକଶ କରିଥିଲେ. ଅନ୍ୟମାନଙ୍କ ମଧ୍ୟରେ ଭୂଷଣ୍ଡପୁର ସରପଂଚ ଯଯାତି କେଶରୀ ରାଉତ, ଦର୍ପଣ ପଂଚାୟତର ସରପଂଚ ମୋନାଲିଶା ତରେଇ, ସିହା ସରପଂଚ ଖଗେଶ୍ୱର ସେଠୀ, ପଂଚାୟତ ସମିତି ଅଧକ୍ଷ ଭାଗ୍ୟଧର ମଲିକ, ଯୁବ ବିଜେଡି ସଭାପତି ଗଣେଶ୍ୱର ବରାଳ, ଛାତ୍ର ବିଜେଡି ସଭାପତି ଯତୀନ୍ଦ୍ର ନାୟକ, ଜିଲ୍ଲାପରିଷଦ ସଭ୍ୟା ବିନୋଦିନୀ ସାହୁ , ଅରବିନ୍ଦ ସାମଲ,ବିପିନ ବିହାରୀ ଜେନା, ନିରଞ୍ଜନ ରାଉତ,ସମିତି ସଭ୍ୟା ପାର୍ବତୀ ସେଠୀ,ପୂର୍ବତନ ସରପଞ୍ଚ ରଞ୍ଜନ କୁମାର ଦାଶ,ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପ୍ରଭାକର ସାମଲ, ବୈକୁଣ୍ଠ ସାହୁ, ଦିଲୀପ କୁମାର ନାୟକ,ଜୟନ୍ତ କୁମାର ରାଉତ,ଜ୍ଞାନେନ୍ଦ୍ର ରାଉତ ଓ ସନ୍ଧ୍ୟାରାଣୀ ମାହାଲା ପ୍ରମୁଖ ବ୍ୟକ୍ତ୍ୱ ଦେଇଥିଲେ। ଯୁବନେତା ଜଗନାଥ ମୁଦୁଲି ସ୍ୱାଗତ ଭାଷଣ ଦେଇଥିଲା ବେଳେ ପୂର୍ବତନ ସରପଂଚ ମନୋଜ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ଅତିଥିମାନଙ୍କୁ ଜୟନ୍ତ କୁମାର ରାଉତ, ପ୍ରଦୀପ ମୁଦୁଲି , ସୁଧାଂଶୁ ଶେଖର ବେହେରା , ମନୋଜ ମାହାଲା ପୁଷ୍ପଗୁଛ ଓ ଉତ୍ତୋରୀୟ ପ୍ରଦାନ କରିଥିଲେ। ସଭାରେ ମହାଖଳା ଗ୍ରାମର ବିଜେପି ଯୁବନେତା ଭରତ କୁମାର ସାହୁ ବିଜେପି ଦଳ ଛାଡି ବିଜେଡିରେ ଯୋଗ ଦେଇଥିଲେ। ବିଧାୟକ ଅମର ପ୍ରସାଦ ଶତପଥିଙ୍କ ଉପରୋକ୍ତ ୩ ଟି ପଂଚାୟତର ଶତାଧିକ ଯୁବକମାନେ ଏକ ବିରାଟ ପଟୁଆରରେନେଇଥିଲେ।

## ଉତ୍କଳ ସାମ୍ବାଦିକ ସଂଘ ବାଲେଶ୍ୱର ପକ୍ଷରୁ ସ୍ମାରକପତ୍ର

ବାଲେଶ୍ୱର, (ପି.ଏନ) : ମାଲକାନାଗିରି ଜିଲ୍ଲାର ୫ ଜଣ କର୍ତ୍ତବ୍ୟରତ ସାମ୍ବଦିକଙ୍କୁ ବିନା କାରଣରେ ପୁଲିସ ଗିରଫ କରିବା ଘଟଣାର ପ୍ରତିବାଦେରେ ଆଜି ବାଲେଶ୍ୱର "ଉତ୍କଳ ସାମ୍ବାଦିକ ସଂଘ" ପକ୍ଷରୁ ୩ ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ଦାବି ଗୁଡ଼ିକ ମଧ୍ୟରୁ ଗିରଫ ୫ ଜଣ ସାମ୍ବାଦିକଙ୍କୁ ତୁରନ୍ତ ଖଲାସ କରାଯିବା ସାମ୍ବାଦିକମାନେ ଦେଇଥିବା ଅଭିଯୋଗ ଆଧାରରେ ମାମଲା ରୁଜୁ କରାଯାଇ ଦୋଷୀଙ୍କୁ ଦଣ୍ଡ ବିଧାନ କରାଯିବା ଏବଂ ରାତି ଅଧରେ ଆସମୀଙ୍କ ଭଳି ଗିରଫ କରିଥିବା ପୋଲିସ ଅଧିକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଦାବି କରାଯାଇଛି। ତେବେ ଦାବି ପୂରଣ ନହେଲେ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ରାଜ୍ୟ ସଭାପତି ବିଭୂତିଭୂଷଣ କର ଙ୍କ ଆହ୍ୱାନ କ୍ରମେ ବାଲେଶ୍ୱର ଜିଲ୍ଲା ସମେତ ସମସ୍ତ ଜିଲ୍ଲାରେ ଆନ୍ଦୋଳନ କରାଯାଇ ମୁଖମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଆଜିର କାର୍ଯ୍ୟକ୍ରମରେ ଉତ୍କଳ ସାମ୍ବାଦିକ ସଂଘ, ବାଲେଶ୍ୱର ସଭାପତି ବ୍ରହ୍ମାନନ୍ଦ ସ୍ୱାଇଁ ନେତୃତ୍ୱରେ ସଂପାଦକ ଲୋକନାଥ ଦଳେଇ, କୋଷାଧକ୍ଷ ସଞ୍ଜୟ ଦାସ, କମଳଲୋଚନ ଆଚାର୍ଯ୍ୟ, ଶରତ ବାରିକ, ନରେନ୍ଦ୍ର ପ୍ରସାଦ ବେହେରା, ମନୋରଞ୍ଜନ ପ୍ରଧାନ, ସୁଶାନ୍ତ କୁମାର ପ୍ରଧାନ, ସଞ୍ଜୟ ମହାଳିକ, ପ୍ରକାଶ ମହାନ୍ତି, ଜ୍ଞାନ ରଞ୍ଜନ ଦାସ, ତପନ ଦାସ, ପ୍ରକାଶ ସାହୁ, ରମଣୀରଞ୍ଜନ ଦାସ ପ୍ରମୁଖ ବହୁ ସାମ୍ବାଦସିକ ଉପସ୍ଥିତ ରହି ଜିଲ୍ଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା।

## ସାମାଜିକ ସୁରକ୍ଷାରେ ସାମିଲ ହେଲେ ଖବର କାଗଜ ହକର

ଭଦ୍ରକ, (ପି.ଏନ): ଖରା, ବର୍ଷା, ଶୀତ, କାକରଏମିତିକି ମହାମାରୀ କରୋନାକୁ ଖାତିର ନକରି ପ୍ରତିଦିନ ବଡ଼ି ଭୋରରୁ ଘରେ ଘରେ ଖବରକାଗଜ ପହଞ୍ଚାଉଥିବା ହକରମାନଙ୍କୁ ସାମାଜିକ ସୁରକ୍ଷାରେ ସାମିଲ କରାଯିବା ନେଇ ଗତ ନଭେମ୍ବର ୩୦ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘୋଷଣା କରାଯାଇଥିବା ଯୋଜନାକୁ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଆଜି ଆଭାସି ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କରକମଳରେ କାର୍ଯ୍ୟକାରୀ କରାଗଲା। ରାଜ୍ୟସ୍ତରୀୟ ଏହି କାର୍ଯ୍ୟକ୍ରମ ସହିତ ଆଭାସି ଜରିଆରେ ସବୁ ଜିଲ୍ଲାକୁ ସଂଯୋଗ କରାଯାଇଥିଲା। ଏହି କ୍ରମରେ ଭଦ୍ରକ ଜିଲ୍ଲାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଓସନ୍ ହଲରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

## ମହାମାୟା ଚଉଷଠି ଯୋଗିନୀ ମହୋତ୍ସବକୁ ନେଇ ଜନ ଅସନ୍ତୋଷ

ବାଲିଅନ୍ତା,(ପି.ଏନ): ରାଜଧାନୀ ଉପକଣ୍ଠସ୍ଥ ପ୍ରସିଦ୍ଧ ତନ୍ତ୍ର ପୀଠ ତଥା ଆନ୍ତର୍ଜାତିକ ପର୍ଯ୍ୟଟନ ସ୍ଥଳୀ ମହମାୟା ଚଉଷାଠି ଯୋଗିନୀ ପୀଠରେ ବହୁ ସୁନାମ ଧନ୍ୟ କଳାକାରମାନଙ୍କୁ ନେଇ ଆୟୋଜକ ନୃତ୍ୟ ପ୍ରତିଭା ଅନୁଷ୍ଠାନ ପକ୍ଷରୁ ଡିସେମ୍ବର ମାସ ୨୩,୨୪,୨୫ ତାରିଖରେ ୧୪ବର୍ଷ ଧରି ମହୋତ୍ସବ ପାଳନ କରି ଆସୁଥିଲେ । କିନ୍ତୁ ଗତ ବର୍ଷ ଅଞ୍ଚଳର କିଛି ସମାଜ ସେବୀ ,ରାଜନେତା, ଆୟୋଜୋକଙ୍କୁ ହିସାବ ସମୀକ୍ଷା ସମ୍ପର୍କରେ ଜାଣିବା ପାଇଁ କିଛି ଦିନ ହେବ ଅନୁଷ୍ଠାନର ମୁଖ୍ୟଙ୍କ ସହ ଆଲୋଚ଼ନା କରିବାରୁ ଠିକ ତଥ୍ୟ ଦେବାରେ ଆୟୋଜକ ବିଫଳ ହୋଇଥିଲେ । ଏଥିରେ ଅସନ୍ତୋଷ ପ୍ରକାଶ କରିଥିଲେ ସ୍ଥାନୀୟ ଜନସାଧାରଣଙ୍କୁ ଆୟୋଜକଙ୍କ କମିଟିରେ କୌଣସି ସ୍ଥାନ ନ ଦେଇଥିବାରୁ ଗ୍ରାମ ବାସୀ ଅସନ୍ତୋଷ ଥିଲେ । ଅପର ପକ୍ଷରେ କିଛି ଅସାଧୁ ବ୍ୟକ୍ତି ସେମାନଙ୍କର ଅର୍ଥ ଉପାର୍ଜନ ଲାଗି ଆୟୋଜକଙ୍କୁ ସମର୍ଥନ ଜଣାଇ ଆସୁଥିଲେ । ଏହି ପରିବେଶରେ ଗତ ବର୍ଷ ମହାମାରୀ କରୋନା ଯୋଗୁ



ସରକାରଙ୍କ ସମସ୍ତ ସଭା ,ସମିତି, ଉତ୍ସବ ,ଯାତ୍ରା ଉପରେ ପ୍ରାବନ୍ଧ ଲଗାଇଥିଲେ । ଯାହା ଫଳରେ ମହମାୟାଙ୍କ ପୀଠ ରେ ମହୋତ୍ସବ ପାଇଁ ଅନୁମତି ମିଳିନଥିଲା । ଏହାର ସୁଯୋଗ ନେଇ ଚ଼ଳିତ ବର୍ଷ ଭୁବନେଶ୍ୱର ରେ ନୃତ୍ୟ ପ୍ରତିଭା ଅନୁଷ୍ଠାନ ଓ କଞ୍ଚନ ଫଉଣ୍ଡେସନ ଟ୍ରଷ୍ଟ ଭରତୁଆଲ ମୋଡ଼ରେ ଭିନ୍ନ ଭିନ୍ନ ସ୍ଥାନରେ ପାଳନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଅଞ୍ଚଳବାସୀ ବହୁତ ଅସନ୍ତୋଷ ପ୍ରକାଶ କରିବା ସହିତ ଏହି କାର୍ଯ୍ୟକ୍ରମକୁ ଉପଭୋଗ କରିବାରୁ ବଞ୍ଚିତ ଥିଲେ । ଚ଼ଳିତ ବର୍ଷ ନୃତ୍ୟ ପ୍ରତିଭା ଅନୁଷ୍ଠାନ ପାଇଁ ପୀଠରେ କାର୍ଯ୍ୟକ୍ରମ କରିବାର ସୁଯୋଗ ଥିଲେ ମଧ ସେ ନିଧାରିତ ସ୍ଥାନରେ ଉତ୍ସବ ପାଳନ କରିବା ପରିବର୍ତ୍ତ ? ଭୁବନେଶ୍ୱରର ଏକ ମଣ୍ଡପରେ କରୁଥିବା ବିଭିନ୍ନ ଖବର କାଗଜରେ ପ୍ରକାଶ ପାଇଛି । ଏଥିରେ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ଓ ବାଲିଅନ୍ତା ବ୍ଲକ ପ୍ରଶାସନ ସରକାରୀ ସ୍ତରରେ ଆର୍ଥିକ ସହାୟତା ପ୍ରଦାନ କରିଥାନ୍ତି । ଏଠାରେ ପ୍ରଶ୍ନ ଉଠେ ଯେ କିପରି ଏହି କାର୍ଯ୍ୟକ୍ରମ ସ୍ଥାନାନ୍ତର କରାଯାଇ କାହାର ସ୍ୱାର୍ଥରେ ଭୁବନେଶ୍ୱର କରାଯାଉଛି । ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆଲୋଚ଼ନା ଜୋର ଧରିଛି ।

## ଆସନ୍ତା ୨୬ରେ କଂଗ୍ରେସ ସେବାଦଳ ପକ୍ଷରୁ : ବିଶାଳ ସଦ୍‌ଭାବନା ସମାବେଶ

ଭୁବନେଶ୍ୱର , (ପି.ଏନ): ରାଜ୍ୟର ଯୁବପିଢ଼ୀଙ୍କ ନିକଟରେ ଗାନ୍ଧୀ, ଗୋପବନ୍ଧୁଙ୍କ ବାର୍ତାକୁ ପହଂଚାଇବା ପାଇଁ କଂଗ୍ରେସ ସେବାଦଳ ନେଇଥିବା ନିଷ୍ପତିକ୍ରମରେ ଆସନ୍ତା ୨୬ ତାରିଖରେ ରାଜ୍ୟ କଂଗ୍ରେସ ସେବାଦଳ ପକ୍ଷରୁ ଏକ ରାଜ୍ୟ ସ୍ତରୀୟ ସଦ୍‌ଭାବନା ସମାବେଶ କଂଗ୍ରେସ ଭବନ ପରିସରରେ ଅନୁଷ୍ଠିତ ହେବ ବୋଲି ରାଜ୍ୟ ସେବାଦଳ ଅଧକ୍ଷ ଡଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ଆଜି କଂଗ୍ରେସ ଭବନଠାରେ ଅନୁଷ୍ଠିତ ଏକ ସମ୍ବାଦିକ ସମ୍ମିଳନରେ କହିଛନ୍ତି। ସରକାରଙ୍କ କୋଭିଡ ନିୟମ ପାଳନ ପୂର୍ବକ ଏହି ସମାବେଶ ଶୃଙ୍ଖଳାର ସହ ଅନୁଷ୍ଠିତ ହେବା ସହ ବିଭିନ୍ନ ଜିଲ୍ଲାରୁ ସେବାଦଳ କର୍ମୀମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମକୁ ସେହିଦିନ ପୂର୍ବାହ୍ନ ୧୧ ଘଂଟା ସମୟରେ ନିଖିଳ ଭାରତ କଂଗ୍ରେସ କମିଟିର ସାଧାରଣ ସଂପାଦକ ତଥା ଓଡ଼ିଶା ପ୍ରଭାରୀ ଡଃ ଏ ଚେଲା କୁମାର ସବୁଜ ପତାକା ଦେଖାଇ ଉଦଘାଟନ କରିବେ। କଂଗ୍ରେସ ଭବନଠାରୁ ସେବାଦଳ କର୍ମୀମାନେ ଗଣ ପୋଷାକରେ ବାହାରି ୟୁନିଟ ୩ ଗୁରୁଦ୍ୱାର, ରାମମନ୍ଦିର, ସ୍କାଉଟ ଗାଇଡ଼ ଅଫିସ ଦେଇ ବୁଦ୍ଧ ମନ୍ଦିର, ରାଜଧାନୀ ମସଜିଦ ଓ କ୍ୟାଥୋଲିକ ଚର୍ଚ୍ଚ ଠାରୁ କେଶରୀ ଟକିଜ ଛକ ତଳ ରାସ୍ତାରେ ରାଷ୍ଟ୍ରିୟ ଯୁବ ପ୍ରକଳ୍ପ କାର୍ଯ୍ୟାଳୟରେ ଡଃ ସୁବାରାଓଙ୍କ ଫଟୋରେ ପୁଷ୍ପାର୍ଘ ପ୍ରଦାନ କରି କଂଗ୍ରେସ ଭବନ ପଂହଚିବ। ସବୁ ଧର୍ମ ସଂସ୍ଥାର




କର୍ମକର୍ତାଙ୍କୁ ଏହି ମହାନ କାର୍ଯ୍ୟରେ ଯୋଗାଦେବା ପାଇଁ ଅନୁରୋଧ କରାଯାଇଛି। ରାଲିକୁ ଆକର୍ଷଣୀୟ କରିବାପାଇଁ ବ୍ୟାଣ୍ଡ, ଲଉଡି ଖେଳ, ଘଂଟବାଦ୍ୟ, ଡଙ୍ଗରିଆ କନ୍ଧମାନଙ୍କ ବାଦ୍ୟ ଓ ନୃତ୍ୟ ଏବଂ ଖୋର୍ଦ୍ଧାର ପାଇକ ଝିଅ ଓ ପୁଅ ମାନଙ୍କ ଦ୍ୱାରା କ୍ରୀଡ଼ା କୌଶଳ ପ୍ରଦର୍ଶନ କରାଯିବ। ରାଲି କଂଗ୍ରେସ ଭବନ ଠାରେ ପହଂଚିବା ପରେ ଏକ ସଂକ୍ଷୀପ୍ତ ସଭା ଅନୁଷ୍ଠିତ ହେବ। ଏହି ସଭାରେ ଡଃ ଚେଲା କୁମାର, ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ନିରନ ପଟ୍ଟନାୟକ, ଏଆଇସିସି ସଂପାଦକ ଶ୍ରୀ ଜି ରୁଦ୍ର ରାଜୁ, କଂଗ୍ରେସ ବିଧାୟକ ଦଳ ନେତା ଶ୍ରୀ ନରସିଂହ ମିଶ୍ର ଓ ନିଖିଳ ଭାରତ କଂଗ୍ରେସ ସେବାଦଳର ମୁଖ୍ୟ ସଂଗଠକ ଶ୍ରୀ ଲାଲଜୀ ଭାଇ ଦେଶାଇ ଯୋଗଦେବା ପାଇଁ ସ୍ୱୀକୃତି ଦେଇଛନ୍ତି। ଏଠାରେ ଉଲ୍ଲେଖ୍ୟଯୋଗ୍ୟ ଯେ କଂଗ୍ରେସ ସେବାଦଳ ପକ୍ଷରୁ ୧୯୮୩ ମସିହାରେ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଦ୍ୱାରା ବର୍ତମାନର ଇନ୍ଦିର ପାର୍କ ସେତେବେଳର ପ୍ୟାରେଡ଼ ଗ୍ରାଉଣ୍ଡ ଠାରେ ଅନୁଷ୍ଠିତ ହୋଇଥିଲା,ସେହି କାର୍ଯ୍ୟକ୍ରମରେ ସେତେବେଳର ଏଆଇସିସି ସାଧାରଣ ସଂପାଦକ ଥିବା ସ୍ୱର୍ଗୀୟ ରାଜୀବ ଗାନ୍ଧୀ ଯୋଗଦେଇ କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମକୁ ସେତେବେଳର ଅଧକ୍ଷ ସ୍ୱର୍ଗତ ଭବାନୀ ଚରଣ ପଟ୍ଟନାୟକ ଓ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ସଂଚାଳନ କରିଥିଲେ। ଓଡ଼ିଶାର ସ୍ୱାଧୀନତା ସଂଗ୍ରାମର ଗୌରବମୟ ଇତିହାସ ସହ କଂଗ୍ରେସ ସେବାଦଳ ଜଡ଼ିତ ବୋଲି ଡଃ ଜ୍ଞାନେନ୍ଦ୍ର କହିବା ସହ ଆଚାର୍ଯ୍ୟ ହରିହର, ଓଡ଼ିଶାର ପ୍ରଥମ ଜି.ଓ.ସି. ଡଃ ହରେକୃଷ୍ଣ ମହତାବ, ଶରଳା ଦେବୀ, ରାଧା ଗୋବିନ୍ଦ ସାହୁ, ଦୋଳଗୋବିନ୍ଦ ପ୍ରଧାନଙ୍କୁ ସ୍ମରଣ କରିଥିଲେ। ଆଜିର ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ଉପସଭାପତି ଶିବାନନ୍ଦ ରାୟ, ମୁଖପାତ୍ର ମନୋରନ ଦାଶ, ଓବିସି ଅଧକ୍ଷ ଜ୍ଞାନଦେବ ବେଉରା, ଗଣମାଧମ ସଂଯୋଜକ ଦୀପକ କୁମାର ମହାପାତ୍ର, ସେବାଦଳ କର୍ମକର୍ତା ମହମ୍ମଦ ଶାହାଦୁଲ୍ଲା ଓ କୁଳମଣି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


# APPOINTMENT

THE KALINGA CHRONICLE

Paryabekhyak and The Kalinga Chronicle Group need

1. **DTP Operator & Layout designer** (English and Odiya)

   2-5 years experience in **Photoshop** and **Coreldraw**
2. **Accountant**

   B. Com. with knowledge in latest Tally version
3. **Advertisement Executive**

   2-5 years experience in Sale, Advertisement and Space Marketing
4. **Reporters** in Block, Sub-division & District level

   Minimum Graduate with 2-5 years experiences in fieled reporting

   (Diploma/Degree in Journalism preferred)

Send your bio-data within 15 days on email id:
**paryabekhyak@gmail.com**
**kalingachronicle@gmail.com**
**Whatsapp on: 9853400829**
**Visit at : www.paryabekhyak.com**
**www.thekalingachronicle.com**

**Paryabekhyak Odisha & Kalinga Chronicle TV**

1. **Visual Editor**

   2 to 5 years experience (Premier and FCP)
2. **Word Press**

   Developer-cum-Social Media Manager

   2 to 5 years experience in Managing Odia and English News Website, You tube and Social Media Platform
3. **Business Development Manager** (Sales & Marketing)

   3 to 5 years experience
4. **Bulletin Producer**

   3 to 5 years experience
5. **News Reader/ Content writer/ Anchor**
6. **Reporters at Panchyat/City** (NAC & Muncipality) / Block/ Tahasil / Sub-Division/ District Level)

   2 to 3 years experience in field Reporting

   Diploma/Degree in Digital and Broadcast Journalism Prefered

Mail your resume on
**Paryabekhyak Odisha@gmail.com**
**Kalinga Chronicle TV@gmail.com**
**Whatsapp on: 9437588705**
**Visit at :www.paryabekhyakodisha.in**
**www.kalingachronicletv.in**


Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray